୬ ପ୍ୟାରିସ୍ ଅଲିମ୍ପିକ୍ସରେ ପ୍ରଥମ ପଦକ ଜିତିଲେ ମନୁ ଭାକର

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

30 YEARS

ସମ୍ବାଦ କଳିକା

TM

The Sambad Kalika

E-mail : sambadkalikanews@gmail.com

e-paper www.sambadkalika.in

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

The only ISO Certified Odia Newspaper NS-EN ISO 9001:2008

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା

8 Pages,₹ 2.00

● ବର୍ଷ–୩୧ ● ସଂଖ୍ୟା–୧୮୨ ● ୨୯ ଜୁଲାଇ ୨୦୨୪, ସୋମବାର ● ଭୁବନେଶ୍ୱର ● Vol -31 ● Issue-182 ● 29th July 2024, Monday ● Bhubaneswar | Licensed to post without pre-payment of postage No- BN-60/22-24

ବିଶ୍ୱରେ ତ୍ରିରଙ୍ଗା ଲହରାଇବା ପାଇଁ ପ୍ୟାରିସ୍ ଅଲିମ୍ପିକ୍ସ ସୁଯୋଗ ଦେଇଛି

ନୂଆଦିଲ୍ଲୀ, ୨୮।୭

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ରବିବାର ପୂର୍ବାହ୍ନ ୧୧ଟାରେ ମନ କି ବାତର ୧୧୨ତମ ସଂସ୍କରଣରେ ଦେଶର ଲୋକଙ୍କୁ ସମ୍ବୋଧିତ କରିଛନ୍ତି। ଲଗାତାର ତୃତୀୟ ଥର ପାଇଁ ପ୍ରଧାନମନ୍ତ୍ରୀ ଦାୟିତ୍ୱ ଗ୍ରହଣ କରିବା ପରେ ପିଏମ ମୋଦିଙ୍କ ମନ କି ବାତ୍‌ରେ ଏହା ହେଉଛି ଦ୍ୱିତୀୟ ପର୍ଯ୍ୟାୟ। ମନ କି ବାତ୍‌ରେ ପିଏମ ମୋଦି ପ୍ରଥମେ ପ୍ୟାରିସ ଅଲିମ୍ପିକ୍ସ ଏବଂ ଅଲିମ୍ପିଆଡ ବିଷୟରେ କଥା ହୋଇଛନ୍ତି।

ପ୍ରଧାନମନ୍ତ୍ରୀ କହିଛନ୍ତି ଏବେ ପ୍ୟାରିସ ଅଲିମ୍ପିକ୍ସ ସମଗ୍ର ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିଛି । ଅଲିମ୍ପିକ୍ସ ଆମ ଖେଳାଳୀମାନଙ୍କୁ ବିଶ୍ୱସ୍ତରରେ ତ୍ରିରଙ୍ଗା ଲହରାଇବା ଏବଂ ଦେଶ ପାଇଁ କିଛି କରିବାର ସୁଯୋଗ ଦେଇଛି । ଆପଣମାନେ ନିଜ ନିଜ ଖେଳାଳୀଙ୍କୁ ଉତ୍ସାହିତ କରନ୍ତୁ, ଭାରତ ପାଇଁ ଖୁସି ଆଣନ୍ତୁ।

ସେ କହିଛନ୍ତି ୧୦୦ରୁ ଅଧିକ ଦେଶର ଯୁବବର୍ଗମାନେ ଅନ୍ତର୍ଜାତୀୟ ଗଣିତ ଅଲିମ୍ପିଆଡ଼ରେ ଅଂଶଗ୍ରହଣ କରିଛନ୍ତି ଏବଂ ଆମ ଦଳ ମୋଟାମୋଟି ଟାଲିରେ ଶ୍ରେଷ୍ଠ ୫ ସ୍ଥାନକୁ ଆସିବାରେ ସଫଳ ହୋଇଛନ୍ତି। ଦେଶ ପାଇଁ ଗୌରବ ଆଣିଥିବା ଏହି ଛାତ୍ରଛାତ୍ରୀମାନଙ୍କ ନାମ ହେଉଛି ପୁଣେର ଆଦିତ୍ୟ ଭେଙ୍କଟ ଗଣେଶ, ପୁଣେର ସିଦ୍ଧାର୍ଥ ଚୋପ୍ରା, ଦିଲ୍ଲୀର ଅର୍ଜୁନ ଗୁପ୍ତା, ଗ୍ରେଟର ନୋଏଡାର କନଭ୍ ତାଲାର, ମୁମ୍ବାଇର ରୁଶିଲ ମାଥୁର ଏବଂ ଗୁଆହାଟିର ଆନନ୍ଦୋ ଭାଦୁରୀ।

ଏହା ପରେ ପ୍ରଧାନମନ୍ତ୍ରୀ ମୋଦି ଅହୋମ ସାମ୍ରାଜ୍ୟର ଋରାଇଦେଓ ମେଧାମଙ୍କ ବିଷୟରେ ମଧ୍ୟ ଆଲୋଚନା କରିଥିଲେ, ଯାହାକୁ ୟୁନେସ୍କୋ ଦ୍ୱାରା ବିଶ୍ୱ ଐତିହ୍ୟର ମାନ୍ୟତା ଦିଆଯାଇଥିଲା। ସେ କହିଛନ୍ତି, ଅହୋମ ସାମ୍ରାଜ୍ୟ ୧୩ ତମ ଶତାବ୍ଦୀର ଆରମ୍ଭରୁ ୧୯ତମ ଶତାବ୍ଦୀର ଆରମ୍ଭ ପର୍ଯ୍ୟନ୍ତ ଋଳିଥିଲା। ଏକ ସାମ୍ରାଜ୍ୟ ପାଇଁ ଏତେ ଦିନ ଧରି ଜାରି ରହିବା ଏକ ବଡ଼ କଥା। ବୋଧହୁଏ ଅହୋମ ସାମ୍ରାଜ୍ୟର ସିଦ୍ଧାନ୍ତ ଏବଂ ବିଶ୍ୱାସ ଏପରି ଶକ୍ତିଶାଳୀ ଥିଲା ଯେ ଏହା ଏହି ରାଜବଂଶକୁ ଏତେ ଦିନ ବଞ୍ଚିବାକୁ ଅନୁମତି ଦେଇଥିଲା।

ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ବନ୍ଧୁଗଣ, ଏକ ଦେଶ କେବଳ ନିଜ ସଂସ୍କୃତିରେ ଗର୍ବ କରି ଆଗକୁ ବଢ଼ି ପାରିବ। ଭାରତରେ ମଧ୍ୟ ଏଭଳି ଅନେକ ପ୍ରୟାସ କରାଯାଉଛି। ଏହିପରି ଗୋଟିଏ ପ୍ରୟାସ ହେଉଛି ପ୍ରୋଜେକ୍ଟ ପରି ପବ୍ଲିକ ଆର୍ଟ ଉପରେ ଅଧିକ କାମ କରିବାକୁ ମୁଁ କଳା ଏବଂ ସଂସ୍କୃତି ପ୍ରେମୀଙ୍କୁ ଅନୁରୋଧ କରିବି । ଏହା ଆମ ମୂଳ ପାଇଁ ଗର୍ବିତ ହେବାର ଏକ ଆନନ୍ଦଦାୟକ ଅନୁଭବ ଦେବ ।

ଶ୍ରୀ ମୋଦି କହିଛନ୍ତି, ତୁମେ ତୁମର ସ୍ଥାନୀୟ ଉତ୍ପାଦକୁ ସୋସିଆଲ ମିଡିଆରେ 'ମାଇଁ ପ୍ରଡକ୍ଟ ମାଇଁ ପ୍ରାଇଡ୍' ନାମରେ ଅପଲୋଡ କର। ତୁମର ଏହି ଛୋଟ ପ୍ରୟାସ ଅନେକ ଲୋକଙ୍କ ଜୀବନରେ ପରିବର୍ତ୍ତନ ଆଣିବ। *(ପୃଷ୍ଠା ୭ରେ)*

ନୂଆଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟରେ କାର୍ଯ୍ୟରତ ଓଡ଼ିଆ ଅଧିକାରୀଙ୍କ ସହିତ ମୁଖ୍ୟମନ୍ତ୍ରୀଙ୍କ ବୈଠକ

ବିକଶିତ ଓଡ଼ିଶା ଗଠନର ଲକ୍ଷ୍ୟ ପୂରଣ ପାଇଁ ରାଜ୍ୟର ପ୍ରସ୍ତାବ ଗୁଡ଼ିକର ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ସହଯୋଗ କାମନା କଲେ

ଭୁବନେଶ୍ୱର, ୨୮।୭

ନ୍ୟୁଜ୍ ବ୍ୟୁରୋ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ରବିବାର ନୂଆଦିଲ୍ଲୀରେ କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଅଧୀନରେ କାମ କରୁଥିବା ଉଚ୍ଚ ପଦାଧିକାରୀ ମାନଙ୍କର ସହଯୋଗ କାମନା କରିଛନ୍ତି । ଶନିବାର ନୀତି ଆୟୋଗ ବୈଠକରେ ଯୋଗ ଦେବା ପରେ ରବିବାର ଓଡ଼ିଶା ଭବନରେ କେନ୍ଦ୍ରରେ କାର୍ଯ୍ୟରତ ଓଡ଼ିଶା କ୍ୟାଡ଼ର୍ ଅଧିକାରୀମାନଙ୍କ ଏକ ବୈଠକର ଆୟୋଜନ କରାଯାଇଥିଲା। ଏଥିରେ ଦୁଇ ଉପ ମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଏବଂ ପ୍ରଭାତୀ ପରିଡ଼ା ମଧ୍ୟ ଯୋଗ ଦେଇଥିଲେ। ନୀତି ଆୟୋଗର ବୈଠକରେ ମୁଖ୍ୟମନ୍ତ୍ରୀ କେନ୍ଦ୍ର ସରକାରଙ୍କ ନିକଟରେ ଯେଉଁ ସବୁ ପ୍ରସ୍ତାବ ରଖିଥିଲେ ସେସବୁ ତ୍ୱରିତ କାର୍ଯ୍ୟାନ୍ୱୟନ ପାଇଁ ସେ ଏହି ଅଧିକାରୀମାନଙ୍କ ସହଯୋଗ ଲୋଡି ଥିଲେ। ଏକ ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ ପାଇଁ ଏହି ସବୁ କ୍ଷେତ୍ରରେ କେନ୍ଦ୍ର ଓ ରାଜ୍ୟ ମଧ୍ୟରେ ସହଯୋଗ ଓ ସମନ୍ୱୟର ଆବଶ୍ୟକତା ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ କହିଥିଲେ ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଜୀଙ୍କ

ପୂର୍ବୋଦୟ ବିକାଶ ଯୋଜନାରେ ଓଡ଼ିଶା ପ୍ରତି ସ୍ୱତନ୍ତ୍ର ଗୁରୁତ୍ୱ ଦିଆଯାଇଛି। ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ପ୍ରତି ଥିବା ଏହି ସ୍ୱତନ୍ତ୍ର ଧ୍ୟାନ ଓଡ଼ିଶା ପାଇଁ ବ୍ୟାପକ ସୁଯୋଗ ସୃଷ୍ଟି କରିଛି। ସମସ୍ତଙ୍କ ସହଯୋଗରେ ଓଡ଼ିଶା ନିଶ୍ଚୟ ତା'ର ଅଭିଳାଷୀତ ଲକ୍ଷ୍ୟ ହାସଲ କରି ପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ ନୀତି ଆୟୋଗର ଗଭର୍ଣ୍ଣିଂ କାଉନ୍‌ସିଲ୍ ବୈଠକରେ ମୁଁ ଏକ ବିକଶିତ ଓଡ଼ିଶା ଗଠନ ପାଇଁ ଭାରତ ସରକାରଙ୍କ ସମ୍ପୂର୍ଣ୍ଣ ସହଯୋଗ କାମନା କରିଛି।

ଯେଉଁ ଯେଉଁ କ୍ଷେତ୍ର ପାଇଁ ଆମକୁ କେନ୍ଦ୍ର ସରକାରଙ୍କ ସହଯୋଗ ଆବଶ୍ୟକ ସେଗୁଡିକ ହେଲା ବନ୍ଦର ଭିତ୍ତିକ ବିକାଶ, ଇଣ୍ଡଷ୍ଟ୍ରିଆଲ କରିଡର ଓ ଇଣ୍ଡଷ୍ଟ୍ରିଆଲ ପାର୍କ ସ୍ଥାପନ, ରେଲୱେ ଓ ଏୟାରପୋର୍ଟ ଭିତ୍ତିଭୂମି ସ୍ଥାପନ ପାଇଁ ଅଧିକ ଅର୍ଥର ବରାଦ ଏବଂ ଆବଶ୍ୟକ ମଞ୍ଜୁରୀ, ପ୍ରାକୃତିକ ବିପର୍ଯ୍ୟୟ ସହଣୀୟ ଭିତ୍ତିଭୂମିର ବିକାଶ ପାଇଁ ସହାୟତା, ସବୁଜ ଅର୍ଥନୀତିର ବିକାଶ ପାଇଁ ହାଇଡ୍ରୋ ଷ୍ଟୋରେଜ ପ୍ଲାଣ୍ଟ ଓ ସୋଲାର ପ୍ରକଳ୍ପ ପାଇଁ ସହାୟତା, ଆର୍ଥିକ ଅନ୍ତର୍ଭୁକ୍ତୀକରଣ ପାଇଁ ବ୍ୟାଙ୍କ ସୁବିଧା ନ ଥିବା ଅଞ୍ଚଳରେ ବ୍ୟାଙ୍କ୍ ଶାଖା ଓ ଏଟିଏମ୍ ପ୍ରତିଷ୍ଠା, ଖଣିଜ ଶିଳ୍ପର ବିକାଶ ପାଇଁ ସହଯୋଗ, ରେଳ ନେଟୱାର୍କର ବିକାଶ, ବୈଦେଶିକ ପୁଞ୍ଜି ଓ ସେମି କଣ୍ଡକ୍ଟର ପରି ଆଧୁନିକ ଶିଳ୍ପର *(ପୃଷ୍ଠା ୭ରେ)*

ଆଇଏଏସ ସ୍ତରରେ ଅଦଳବଦଳ

ଶାଶ୍ୱତ ମିଶ୍ର ଅର୍ଥ ବିଭାଗର ପ୍ରମୁଖ ସଚିବ

ଭୁବନେଶ୍ୱର, ୨୮।୭

ନ୍ୟୁଜ୍ ବ୍ୟୁରୋ

ଆଇଏଏସ ସ୍ତରରେ ରାଜ୍ୟ ସରକାର ଅଦଳବଦଳ କରିଛନ୍ତି । ଏନେଇ ସାଧାରଣ ପ୍ରଶାସନ ପକ୍ଷରୁ ରବିବାର ବିଜ୍ଞପ୍ତି ପ୍ରକାଶ ପାଇଛି । ୧୯୯୬ ବ୍ୟାଚର ବରିଷ୍ଠ ଆଇଏଏସ ଶାଶ୍ୱତ ମିଶ୍ର ଅର୍ଥ ବିଭାଗର ପ୍ରମୁଖ ସଚିବ ହୋଇଛନ୍ତି। ପୂର୍ବରୁ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଥିବା ଶାଶ୍ୱତ ମିଶ୍ର ଶକ୍ତି ବିଭାଗର ପ୍ରମୁଖ ସଚିବ ଭାବେ ଅତିରିକ୍ତ ଦାୟିତ୍ୱ ପାଇଥିଲେ। ଏହା ସହିତ ତାଙ୍କୁ ଓଡ଼ିଶା ସବଅର୍ଡିନେଟ ଷ୍ଟାଫ ସିଲେକ୍ସନ କମିଶନର ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ।

ସାଧାରଣ ପ୍ରଶାସନ ବିଭାଗର ବିଜ୍ଞପ୍ତି ଅନୁସାରେ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଥିବା ୧୯୯୬ ବ୍ୟାଚ ଆଇଏଏସ ଶାଶ୍ୱତ ମିଶ୍ରଙ୍କୁ ଅର୍ଥ ବିଭାଗର ପ୍ରମୁଖ ସଚିବ ଦାୟିତ୍ୱ ମିଳିଛି। ଏଥି ସହିତ ପୂର୍ବରୁ ପାଇଥିବା ଶକ୍ତି ବିଭାଗ ଓ ଓଡ଼ିଶା ସବଅର୍ଡିନେଟ ଷ୍ଟାଫ ସିଲେକ୍ସନ କମିଶନର ଅଧକ୍ଷ ଭାବେ ଅତିରିକ୍ତ ଦାୟିତ୍ୱ ମଧ୍ୟ ସେ ତୁଲାଇବେ।

ଅନ୍ୟପଟେ କେନ୍ଦ୍ରୀୟ ଡେପୁଟେସନରୁ ଫେରିବା ପରେ ୧୯୯୯ ବ୍ୟାଚର ଆଇଏଏସ ଅଫିସର ଏନ୍.ବି.ଏସ ରାଜପୁତଙ୍କୁ ରାଜ୍ୟପାଳଙ୍କ ପ୍ରମୁଖ ସଚିବ ଭାବେ ନିଯୁକ୍ତ କରାଯାଇଛି। ଶାଶ୍ୱତ ମିଶ୍ରଙ୍କ ସ୍ଥାନରେ ତାଙ୍କୁ ଏହି ନିଯୁକ୍ତି ମିଳିଛି।

TATA MOTORS
Light Commercial Vehicles Dealers
24 hours help line :
Sales : 7873770000

ପୁଣି ଆସୁଛି ଆଉ ଏକ ଲଘୁଚାପ : ଅଗଷ୍ଟ ୩ ତାରିଖ ଯାଏଁ ଉତ୍ତର ଓ ଆଭ୍ୟନ୍ତରୀଣ ଓଡ଼ିଶାରେ ପ୍ରବଳ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୨୮।୭

ନ୍ୟୁଜ୍ ବ୍ୟୁରୋ

ଲଘୁଚାପ ପ୍ରଭାବରେ ରାଜ୍ୟରେ ଜାରି ରହିଛି ବର୍ଷା। ଉତ୍ତର ପଶ୍ଚିମ ବଙ୍ଗୋପସାଗର ତତ ସଂଲଗ୍ନ ଗାଙ୍ଗେୟ ପଶ୍ଚିମବଙ୍ଗ ଉପରେ ଥିବା ଲଘୁଚାପ କ୍ଷେତ୍ର ଆସନ୍ତା ୨୪ ଘଣ୍ଟାରେ ପଶ୍ଚିମ-ଉତ୍ତର, ପଶ୍ଚିମ ଦିଗରେ ଅଗ୍ରସର ହେବ। ଏହାର ପ୍ରଭାବରେ ଆସନ୍ତା ୩୧ ତାରିଖ ଯାଏଁ ରାଜ୍ୟର ବିଭିନ୍ନ ସ୍ଥାନରେ ପ୍ରବଳ ବର୍ଷା ହେବ ବୋଲି ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଆକଳନ କରାଯାଇଛି।

ତେବେ ଏହାରି ମଧ୍ୟରେ ପୁଣି ଏକ

ଲଘୁଚାପ ସୃଷ୍ଟି ନେଇ ଆକଳନ କରିଛି ପାଣିପାଗ ବିଭାଗ। ୩୧ ତାରିଖରେ ଉତ୍ତର ପଶ୍ଚିମ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସମ୍ଭାବନା ରହିଛି । ଫଳରେ ୩ ତାରିଖ ପର୍ଯ୍ୟନ୍ତ ଉତ୍ତର ଓ ଆଭ୍ୟନ୍ତରୀଣ ଓଡିଶାରେ ପ୍ରବଳ ବର୍ଷା ସମ୍ଭାବନା ରହିଛି । ଜୁଲାଇ ୩୧ ରୁ ଅଗଷ୍ଟ ୩ ଯାଏଁ ପଡୋଶୀ ରାଜ୍ୟରେ ବି ପ୍ରବଳ ବର୍ଷା ନେଇ ପୂର୍ବାନୁମାନ କରାଯାଇଛି । ଆସନ୍ତା ୨୪ ଘଣ୍ଟାରେ ପ୍ରବଳ ବର୍ଷା ହେବା ନେଇ *(ପୃଷ୍ଠା ୭ରେ)*

ରତ୍ନଭଣ୍ଡାର ଋବି ହଜିବା ଘଟଣାରେ ଚକ୍ରାନ୍ତ କରିଥିବା ଲୋକଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ହେବ

ଭୁବନେଶ୍ୱର, ୨୮।୭

ନ୍ୟୁଜ୍ ବ୍ୟୁରୋ

ଖୁବ ଶୀଘ୍ର ରତ୍ନଭଣ୍ଡାର ମରାମତି କରାଯିବ। ଶ୍ରୀମନ୍ଦିର ରତ୍ନଭଣ୍ଡାର ଯାଞ୍ଚ ଓ ମରାମତି ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ଏହା କହିଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ସେ ଆହୁରି କହିଛନ୍ତି, ପ୍ରାଥମିକ ଯାଞ୍ଚ ସରିଛି, ଖୁବ ଶୀଘ୍ର ଏଏସଆଇ ମରାମତି ଆରମ୍ଭ କରିବ। ପ୍ରଥମେ ବାହାର ରତ୍ନଭଣ୍ଡାରର କାମ ଆରମ୍ଭ ହେବ। ପରେ ଭିତର ଭଣ୍ଡାର ମରାମତି କାମ ହେବ। ଲେଜର ସ୍କାନିଂ ହେବ କି ନାହିଁ ନିଷ୍ପତ୍ତି ନିଆଯିବ। ମହାପ୍ରଭୁଙ୍କ ରୀତିନୀତିରେ ଯେପରି କୌଣସି ଅସୁବିଧା ନହେବ ତାକୁ ପ୍ରଥମିକତା ଦିଆଯିବ। ସେ ସମ୍ପର୍କରେ ସେବାୟତଙ୍କ ସହ ଆଲୋଚନା ସରିଛି । ଏଣେ ଏସଓପିରେ କିଛି ସଂଶୋଧନ ଦରକାର ଥିଲା, ସେନେଇ ନିଷ୍ପତ୍ତି ହୋଇ ସାରିଛି।

ତେଣେ ରତ୍ନଭଣ୍ଡାର ଋବି ହଜିବା

ଘଟଣା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ହେବ ବୋଲି ବଡ଼ ବୟାନ ଦେଇଛନ୍ତି ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ। ମନ୍ତ୍ରୀ କହିଛନ୍ତି, ଋବି ପ୍ରହେଳିକା ଗତ ସରକାର ବାବୁମାନେ କରିଥିଲେ। ପ୍ରହେଳିକା କରି ରତ୍ନଭଣ୍ଡାର ନ ଖୋଲିବାକୁ ଷଡ଼ଯନ୍ତ୍ର ହୋଇଥିଲା । କିନ୍ତୁ କିଏ ଦାୟୀ, ତାହା ଏଯାଏ ଜଣାପଡ଼ିନାହିଁ । ଏବେ ଏହି ଷଡ଼ଯନ୍ତ୍ରର ଖୁଲାସା ହେବ ଏବଂ ଯେଉଁମାନେ ଚକ୍ରାନ୍ତ କରିଛନ୍ତି ସେମାନଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ବୋଲି କହିଛନ୍ତି ଆଇନ ମନ୍ତ୍ରୀ ।

ଓଡ଼ିଆ ଅସ୍ମିତା ଲାଗି ସରକାରଙ୍କ କଡ଼ା ଆଭିମୁଖ୍ୟ: ବିଭାଗୀୟ ସଚିବଙ୍କ ଅଡୁଆ

ଭୁବନେଶ୍ୱର, ୨୮।୭

ନ୍ୟୁଜ୍ ବ୍ୟୁରୋ

ଓଡ଼ିଆ ଅସ୍ମିତାକୁ ପ୍ରସଙ୍ଗ କରି ନିର୍ବାଚନୀ ସଫଳତା ପାଇଥିବା ଭାଜପା ସରକାରଙ୍କ କଡ଼ାଆଭିମୁଖ୍ୟ ଯୋଗୁ ଏବେ ବିଭାଗୀୟ ସଚିବଙ୍କ ଅଡୁଆ ବଢ଼ିବାରେ ଲାଗିଛି। ସମସ୍ତ ବିଭାଗର ନଥିପତ୍ର କାର୍ଯ୍ୟ ଓଡ଼ିଆ ଭାଷାରେ କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଦେଇଥିବା ନିର୍ଦ୍ଦେଶକୁ ପାଳନ ପାଇଁ କି ପଦକ୍ଷେପ ନିଆଯାଇଛି ତାହା ୨୯ତାରିଖ ସୁଦ୍ଧା ଜଣାଇବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ସବୁ ବିଭାଗୀୟ ସଚିବମାନଙ୍କୁ ରିପୋର୍ଟ ମଗାଯାଇଛି । ଆଉ ମୁଖ୍ୟମନ୍ତ୍ରୀଙ୍କ ଏଭଳି

କଡ଼ା ଆଭିମୁଖ୍ୟ ପରେ ବିଭିନ୍ନ ବିଭାଗ ପକ୍ଷରୁ ଓଡ଼ିଆ ଭାଷାରେ ନଥିପତ୍ର ପାଇଁ ସ୍ୱତନ୍ତ୍ର ନିର୍ଦ୍ଦେଶନାମା ଜାରି ହେବାରେ ଲାଗିଛି ।

ମିଳିଥିବା ସୂଚନା ଅନୁସାରେ, ମୁଖ୍ୟମନ୍ତ୍ରୀଙ୍କ ଅତିରିକ୍ତ *(ପୃଷ୍ଠା ୭ରେ)*

ଚୀନ୍‌କୁ ଚେତାବନୀ ଦେଲା ଆମେରିକା

ଦକ୍ଷିଣ ଚୀନ ସାଗରରେ ଅସ୍ଥିରତା କାର୍ଯ୍ୟକଳାପ ବନ୍ଦ କରିବାକୁ ପରାମର୍ଶ

ୱାଶିଂଟନ, ୨୮।୭

ଆମେରିକାର ବୈଦେଶିକ ସଚିବ ଆଣ୍ଟୋନି ବ୍ଲିଙ୍କେନ ଲାଓସରେ ଏଏସଇଏଏନ ଦେଶର ବୈଦେଶିକ ମନ୍ତ୍ରୀଙ୍କ ବୈଠକରେ ଚୀନ ବୈଦେଶିକ ମନ୍ତ୍ରୀ ୱାଙ୍ଗ ୟିଙ୍କୁ ଭେଟିଛନ୍ତି। ଏହି ସମୟରେ ଦକ୍ଷିଣ ଚୀନ ସାଗରରେ ଚୀନ ଦ୍ୱାରା କରାଯାଉଥିବା ଅସ୍ଥିରତା କାର୍ଯ୍ୟକଳାପକୁ ବନ୍ଦ କରିବାକୁ ବ୍ଲିଙ୍କେନ କହିଥିଲେ। ରୁଷିଆର ପ୍ରତିରକ୍ଷା ଶିଳ୍ପ ଭିତ୍ତିଭୂମିକୁ ସମର୍ଥନ ବନ୍ଦ କରିବାକୁ ସେ ଚୀନକୁ ମଧ୍ୟ ଚେତାବନୀ ଦେଇଛନ୍ତି। ଆମେରିକାର ବୈଦେଶିକ *(ପୃଷ୍ଠା ୭ରେ)*

ଖୋଲିଲା ହୀରାକୁଦ ଡ୍ୟାମର ଆଉ ୬ଟି ଗେଟ୍

୨୦ଟି ଗେଟରେ ନିଷ୍କାସିତ ହେଉଛି ବନ୍ୟାଜଳ

ସମ୍ବଲପୁର, ୨୮।୭

ନ୍ୟୁଜ୍ ବ୍ୟୁରୋ

ଖୋଲିଲା ହୀରାକୁଦ ଡ୍ୟାମର ଆଉ ୬ଟି ଗେଟ। ଏହାକୁ ମିଶାଇ ଏବେ ମୋଟ ୨୦ଟି ଗେଟରେ ନିଷ୍କାସିତ ହେଉଛି ବନ୍ୟାଜଳ। ରବିବାର ସକାଳ ସାଢେ ୯ଟାରେ ପୂଜାର୍ଚ୍ଚନା କରାଯାଇ ୭ଟି ଗେଟ ଖୋଲାଯାଇଥିଲା। ଏହାପରେ ଆଉ ୭ଟି ଗେଟ ଖୋଲାଯାଇଥିଲା। ବର୍ତ୍ତମାନ ଡାହାଣ ପଟେ ୬ଟି ଓ ବାମ ପାର୍ଶ୍ୱରେ ୧୪ଟି ଗେଟ ଖୋଲାଯାଇଛି । ଯେହେତୁ ଡ୍ୟାମ ଭିତରକୁ ବନ୍ୟାଜଳର ପ୍ରବେଶ ବଢୁଛି, ତେଣୁ ଆଗକୁ ଆହୁରି ଅଧିକ ଗେଟ ଖୋଲିବା ନେଇ ଡ୍ୟାମ କର୍ତ୍ତୃପକ୍ଷ ନିଷ୍ପତ୍ତି *(ପୃଷ୍ଠା ୭ରେ)*

ଏକାଳ ପଖାଳ

ଯେତେ ଦରବ ଭୁଲିଯାଅ ଏବେ
ଆଳୁ ଝୋଳରେ ଚର୍ଚ୍ଚା କର
ଭାତ ସହ ଆଳୁ ଯିଏ ଏବେ ଖାଏ
ତାକୁଖୁବ୍ ସମ୍ମାନ କର
କମୁ କି ନକମୁ ଦର
ଚିନ୍ତା କରି କରି ଚୁଟି ଝଡାଅନି
ଖଟିଖିଆ ନାରୀନର।

୧୦ ରାଜ୍ୟରେ ନୂଆ ରାଜ୍ୟପାଳ ନିଯୁକ୍ତ

ନୂଆଦିଲ୍ଲୀ, ୨୮।୭

ଦେଶର ୧୦ଟି ରାଜ୍ୟରେ ନୂଆ ରାଜ୍ୟପାଳ ନିଯୁକ୍ତି କରାଯାଇଛି । ତା'ସହିତ କେନ୍ଦ୍ର ଶାସିତ ଅଞ୍ଚଳ ପୁଡୁଚେରୀରେ ନୂଆ ଉପ-ରାଜ୍ୟପାଳ ନିଯୁକ୍ତ କରାଯାଇଛି । ଶନିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ନିଯୁକ୍ତି ଦେଇଛନ୍ତି।

ଲକ୍ଷ୍ମଣ ପ୍ରସାଦ ଆଋର୍ଯ୍ୟଙ୍କୁ ଆସାମର ରାଜ୍ୟପାଳ ଭାବେ ନୂତନ ନିଯୁକ୍ତି ମିଳିଛି। ଏହା ସହିତ ସେ ମଣିପୁରର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ। ସେ ପୂର୍ବରୁ ସିକ୍କିମର ରାଜ୍ୟପାଳ ଥିଲେ। ଲକ୍ଷ୍ମଣ ପ୍ରସାଦ ଆଋର୍ଯ୍ୟଙ୍କ ସ୍ଥାନରେ ବରିଷ୍ଠ ବିଜେପି ନେତା ଓମ ପ୍ରକାଶ ମାଥୁରଙ୍କୁ ସିକ୍କିମର ରାଜ୍ୟପାଳ କରାଯାଇଛି।

ପଞ୍ଜାବର ନୂଆ ରାଜ୍ୟପାଳ ଭାବେ ନିଯୁକ୍ତି ପାଇଛନ୍ତି ଗୁଲାବ ଋନ୍ଦ କଟରିଆ। ପଞ୍ଜାବ ରାଜ୍ୟପାଳ ଭାବେ ବନୱାରୀଲାଲ ପୁରୋହିତଙ୍କ ଇସ୍ତଫା ପରେ ଗୁଲାବ ଋନ୍ଦ କଟରିଆଙ୍କୁ ଏହି ନିଯୁକ୍ତି ମିଳିଛି।

ସିପି ରାଧାକୃଷ୍ଣନଙ୍କୁ ମହାରାଷ୍ଟ୍ରର ରାଜ୍ୟପାଳ ଭାବେ ନୂତନ ନିଯୁକ୍ତି ମିଳିଛି। ପୂର୍ବରୁ ସେ ଝାଡ଼ଖଣ୍ଡର ରାଜ୍ୟପାଳ ଥିଲେ। ତା'ସହିତ ତେଲେଙ୍ଗାନାର ରାଜ୍ୟପାଳ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଉଥିଲେ।

ପୂର୍ବତନ କେନ୍ଦ୍ରମନ୍ତ୍ରୀ ସନ୍ତୋଷ କୁମାର ଗଙ୍ଗାରଙ୍କୁ ଝାଡ଼ଖଣ୍ଡର ରାଜ୍ୟପାଳ ନିଯୁକ୍ତି କରାଯାଇଛି । ସେହିପରି *(ପୃଷ୍ଠା ୭ରେ)*

ଲ୍ୟାଣ୍ଡମାଇନ ବିସ୍ଫୋରଣରେ ୧୦ ବର୍ଷ ବୟସର ବାଳକର ମୃତ୍ୟୁ

ମାଲକାନଗିରି, ୨୮।୭

ନ୍ୟୁଜ୍ ବ୍ୟୁରୋ

ସୀମାନ୍ତ ବିଜାପୁର ଜିଲ୍ଲାର ମୁଦାଭେଣ୍ଡି ଓ ପେଡ଼ିଆ ମଧ୍ୟରେ ନକ୍ସଲଙ୍କ ଲ୍ୟାଣ୍ଡମାଇନ ବିସ୍ଫୋରଣରେ ଜଣେ ଦଶ ବର୍ଷ ବୟସର ବାଳକର ମୃତ୍ୟୁ ଘଟିଛି। ବାଳକର ନାମ ହିଡ଼ମା କବାସୀ ବୋଲି ଜଣାପଡିଛି। ମୁଦାଭେଣ୍ଡି ଓ ପେଡିଆ ମଧ୍ୟରେ ରହିଥିବା ଜଙ୍ଗଲିଆ ରାସ୍ତା ଦେଇ ଘରକୁ ଫେରୁଥିବା ବେଳେ ଜଙ୍ଗଲରେ ଲ୍ୟାଣ୍ଡମାଇନର ଶିକାର ହୋଇଥିଲା। ତୁରନ୍ତ ୨୨୨ ସିଆରପିଏଫ ବାଟାଲିନୟର ଯବାନ ଜଙ୍ଗଲରୁ ହିଡମା କାବାସୀଙ୍କୁ ଉଦ୍ଧାର କରି ବିଜାପୁର ଜିଲ୍ଲା

ଡାକ୍ତରଖାନାରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ବାଳକର ମୃତ୍ୟୁ ଘଟିଛି । ୧୦ ବର୍ଷୀୟ କାବାସୀ ହିଡମାଙ୍କର ରକ୍ତ କ୍ଷୟ ହେତୁ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଶିଶୁ ହିଡମା କାବାସୀଙ୍କ ହାତ ଓ ଗୋଡ଼ରେ ଗଭୀର ଆଘାତ ଲାଗିଥିଲା। ପ୍ରାଥମିକ ଚିକିତ୍ସା *(ପୃଷ୍ଠା ୭ରେ)*

ରାୟଗଡ଼ା ମଝିଘରିଆଣୀ ହୁଣ୍ଡିରୁ ବାହାରିଲା କୋଟିଏ ଟଙ୍କା

ରାୟଗଡ଼ା, ନ୍ୟୁଜ ବ୍ୟୁରୋ

ରାୟଗଡ଼ା ଜିଲ୍ଲାର ଅଧିଷ୍ଠାତ୍ରୀ ଦେବୀ ମା' ମଝିଘରିଆଣୀ ମନ୍ଦିର ହୁଣ୍ଡିରୁ ମିଳିଲା ପ୍ରାୟ କୋଟିଏ ଟଙ୍କାର ଦାନ ଅର୍ଥ। ଗଣତି ପରେ ମୋଟ ୯୯ ଲକ୍ଷ ୧୫ ହଜାର ୪୨୨ ଟଙ୍କା ମିଳିଥିବା ଜଣାପଡିଛି। ୩୨ ଟି ବିଦେଶୀ ନୋଟ ସମେତ ୫୩ ଗ୍ରାମ ସୁନା ଓ ୨ ହଜାର ୩୯୨ ଗ୍ରାମ ରୁପା ମିଳିଛି। ମନ୍ଦିରରେ ଥିବା ମୋଟ ୯ ଟି ଦାନହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ଏଥିରେ ଇଂଲଣ୍ଡର ପାଉଣ୍ଡ, କାନାଡା ଡଲାର, ଆମେରିକୀୟ ଡଲାର, ଥାଇଲାଣ୍ଡର ଥାଇବାତ୍ ନୋଟ ରହିଛି। ବିଦେଶରେ ରହୁଥିବା କୌଣସି ଭକ୍ତ ମା'ଙ୍କ ଦର୍ଶନ ପାଇଁ ଆସି ଏହି ବିଦେଶୀ ମୁଦ୍ରା ହୁଣ୍ଡିରେ ଦାନ କରିଥିବା ଅନୁମାନ କରାଯାଉଛି। ମାଜିଷ୍ଟ୍ରେଟ ଓ ପୋଲିସ ଉପସ୍ଥିତିରେ ମନ୍ଦିର ପରିଚାଳନା କମିଟି ତରଫରୁ ହୁଣ୍ଡି ଖୋଲାଯାଇ ଗଣତି କରାଯାଇଥିଲା। ଦୀର୍ଘ ୧୦ ଘଣ୍ଟା ଧରି ଗଣତି ଚାଲିଥିଲା। ଏହା ପୂର୍ବରୁ ଗତ ମାର୍ଚ୍ଚ ୧୮ ତାରିଖରେ ହୁଣ୍ଡିରୁ ନଗଦ ନଗଦ ୮୯ ଲକ୍ଷ ୭୨ ହଜାର ୨୨୫ ଟଙ୍କା ସହିତ ୬୨ ଗ୍ରାମ ସୁନା ଓ ୨୩୦୦ ଗ୍ରାମ ରୁପା ବାହାରିଥିଲା। ଏଥିସହିତ ବିଭିନ୍ନ ପ୍ରକାର ୬୬ଟି ବିଦେଶୀ ନୋଟ ମଧ୍ୟ ବାହାରିଥିଲା। ବର୍ଷକୁ ୩ରୁ ୪ ଥର ହୁଣ୍ଡି ଖୋଲାଯାଇ ଦାନ ଅର୍ଥ ଗଣତି କରାଯାଉଛି । ବୁଧବାର ହୁଣ୍ଡିରୁ ବାହାରିଥିବା ଟଙ୍କା ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆରେ ଜମା କରାଯାଇଛି।

ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା ଅଧୀନରେ କୃଷକଙ୍କ ପଞ୍ଜୀକରଣ ଅବଧି ବୃଦ୍ଧି, ଶେଷ ତାରିଖ ଜୁଲାଇ ୩୧

ବୀମା ଜାଲିଆତି ରୋକିବା ଦିଗରେ ପଦକ୍ଷେପ ନେବାକୁ ଜିଲ୍ଲାପାଳଙ୍କୁ ଚିଠି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଖରିଫ, ୨୦୨୪ ରେ ୮ଟି ବିଜ୍ଞାପିତ ଫସଲ ପାଇଁ ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ପିଏମ୍-ଏଫ୍‌ବିୱାଇ) ଅଧୀନରେ କୃଷକମାନଙ୍କୁ ସାମିଲ କରିବା ପାଇଁ ରାଜ୍ୟ ସରକାର ଏକ ବିଜ୍ଞପ୍ତି ଚିଠି (ନଂ.୭୧୫୦, ଡି.ଟି.୭/୦୭/୨୦୨୪) ଜାରି କରିଛନ୍ତି। ଜୁଲାଇ ୩୧ ତାରିଖ ହେଉଛି କୃଷକମାନଙ୍କ ନାମ ପଞ୍ଜୀକରଣର ଶେଷ ତାରିଖ। ଖରିଫ, ୨୦୨୩ରେ ଜିଲ୍ଲା



ପ୍ରଶାସନର ସକ୍ରିୟ ସହଯୋଗରେ ରେକର୍ଡ ସଂଖ୍ୟକ ପଞ୍ଜୀକରଣ ହୋଇଥିଲା। ଗତବର୍ଷ ଭଳି ଚଳିତ ବର୍ଷ ରାଜ୍ୟ ସରକାର ୨ ହେକ୍ଟର ପର୍ଯ୍ୟନ୍ତ ଜମି ପାଇଁ ଚାଷୀଙ୍କ ଭାଗ ବହନ କରିବେ ଏବଂ ଆବେଦନର ବୈଧତା ପାଇଁ ସେମାନଙ୍କୁ ମାତ୍ର ୧/- ଟଙ୍କା ଦେବାକୁ ପଡିବ।

ଉପରୋକ୍ତ ତଥ୍ୟକୁ ଦୃଷ୍ଟିରେ ରଖି ଉନ୍ନତ ବିପଦ ପ୍ରଶମନ ପାଇଁ ଏହି ଯୋଜନାରେ କୃଷକଙ୍କ ପଞ୍ଜୀକରଣ ବୃଦ୍ଧି ପାଇଁ ଯଥାସମ୍ଭବ ପ୍ରୟାସ କରିବାକୁ ଜିଲାପାଳମାନଙ୍କୁ ଅନୁରୋଧ କରାଯାଇଛି। ଆଗାମୀ ଖରିଫ ଋତୁରେ ଅତି କମରେ ୨୦ ପ୍ରତିଶତରୁ ଅଧିକ ଅଞ୍ଚଳ ଏବଂ କୃଷକମାନଙ୍କୁ ଏହି କାର୍ଯ୍ୟକ୍ରମ ଅଧୀନରେ ଅନ୍ତର୍ଭୁକ୍ତ କରାଯିବା ଉଚିତ ବୋଲି କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପ୍ରମୁଖ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢୀ ପ୍ରକାଶ କରିଛନ୍ତି।

ଜାଲିଆତି ବୀମା ବିଷୟରେ ସୂଚନା ଦେବାକୁ ଯାଇ ପ୍ରମୁଖ ଶାସନ ସଚିବ ଡ. ପାଢୀ ଉଲ୍ଲେଖ କରିଛନ୍ତି ଯେ ଏହି ମାମଲାରେ ସରକାରୀ ଜମିରେ କୃଷିବୀମା, ଅଣଚାଷ ଜମି ଏବଂ ଜଣେ ଅନ୍ୟର ଜମିରେ ବୀମା କରୁଥିବା ଭଳି ଅନେକ ଅସାଧୁ ବ୍ୟକ୍ତି ନଜରକୁ ଆସିଛନ୍ତି। ତେଣୁ ପ୍ରକୃତ କୃଷକଙ୍କ ସ୍ୱାର୍ଥ ରକ୍ଷା ପାଇଁ ଏଭଳି ସମସ୍ତ ଅସାଧୁ ବ୍ୟକ୍ତି ଓ ସେମାନଙ୍କ ସହଯୋଗୀଙ୍କ ବିରୋଧରେ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସେ ସମସ୍ତ ଜିଲାପାଳଙ୍କୁ ପତ୍ର ମାଧ୍ୟମରେ ଅବଗତ କରିଛନ୍ତି।

କୋଶଲି-ସମ୍ବଲପୁରୀ ଭାଷାକୁ ଅଷ୍ଟମ ପରିଚ୍ଛେଦରେ ସାମିଲ କରିବାକୁ ଦାବି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

କୋଶଲି- ସମ୍ବଲପୁରୀ, ହୋ, ମୁଣ୍ଡାରି, ଭୂମିଜ, କୁଇ ଓ ସଉରା ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ କରିବାକୁ ଦାବି କରିଛି ବିଜେଡି। ରାଜ୍ୟସଭାରେ ଏହି ପ୍ରସଙ୍ଗ ଉଠାଇଥିଲେ ବିଜେଡି ସାଂସଦ ସସ୍ମିତ ପାତ୍ର। ଓଡ଼ିଶାର ବହୁ ଲୋକ ଏହି ସବୁ ଭାଷାରେ ଭାବର ଆଦାନ ପ୍ରଦାନ କରନ୍ତି। ଏହି ସବୁ ଭାଷାର ନିଜ ନିଜର ସମୃଦ୍ଧ ଇତିହାସ, ଲିଗାସି, ସଂସ୍କୃତି ଓ ସାହିତ୍ୟ ଅଛି। ଲୋକଙ୍କ ଏହି ସବୁ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ କରିବାକୁ ବହୁ ଦିନରୁ ଦାବି ହୋଇ ଆସୁଛି। ଏଥିପାଇଁ ନିଜ ସରକାର ଥିବା ବେଳେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅନେକ ଥର କେନ୍ଦ୍ର ସରକାରଙ୍କୁ ଚିଠି ଲେଖିଛନ୍ତି। ଉଭୟ ରାଜ୍ୟସଭା ଓ ଲୋକସଭାରେ ମଧ୍ୟ ବିଜେଡି ସାଂସଦମାନେ ଏହି ଦାବି କରିଥିଲେ। ଏହାର ସମର୍ଥନରେ ଅନେକ ଥର ରାଜ୍ୟ କ୍ୟାବିନେଟରେ ବି ପ୍ରସ୍ତାବ ପାରିତ ହୋଇଛି। ସାନ୍ତାଳିକୁ ଅଷ୍ଟମ ପରିଚ୍ଛେଦରେ ସାମିଲ କରାଯାଇଛି। କିନ୍ତୁ ହୋ, ମୁଣ୍ଡାରି, ଭୂମିଜ, କୁଇ, ସଉରା ଭାଷାକୁ ଏଯାଏ ସାମିଲ କରାଯାନାହିଁ। ସେହିପରି ପଶ୍ଚିମ ଓଡ଼ିଶାର କୋଟି କୋଟି ଲୋକ କୋଶଲି-ସମ୍ବଲପୁରୀ ଭାଷା କହନ୍ତି। ଏହା ବେଶ ସମୃଦ୍ଧ। ତେଣୁ ଏହି ସବୁ ଭାଷାକୁ ସମ୍ବିଧାନର ଅଷ୍ଟମ ପରିଚ୍ଛେଦରେ ସାମିଲ କରିବାକୁ ଦାବି କରିଛନ୍ତି ବିଜେଡି ସାଂସଦ ସସ୍ମିତ ପାତ୍ର।

ଝିଅକୁ ମାରିବା ପରେ ନିଜେ ଆତ୍ମହତ୍ୟା କଲେ ବାପା

ନୟାଗଡ, ନ୍ୟୁଜ ବ୍ୟୁରୋ

ନୟାଗଡ଼ରେ ଚାଞ୍ଚଲ୍ୟ। ବନ୍ଦ ଘରୁ ଉଦ୍ଧାର ହେଲା ବାପ ଝିଅଙ୍କ ମୃତ ଦେହ। ୫ ବର୍ଷର ଝିଅର ମୃତ ଦେହ ବେଡ୍ ଉପରେ ପଡ଼ିଥିବା ବେଳେ ବାପାଙ୍କ ମୃତ ଦେହ ଝୁଲନ୍ତା ଅବସ୍ଥାରେ ମିଳିଛି। ଏହି ଘଟଣ ଘଟିଛି ଦେବୋତ୍ତର ଲେନ ୪ରେ। ମୃତକ ହେଲେ ପୁଲକ ବିଶ୍ୱାଳ ଓ ତାଙ୍କ ୫ ବର୍ଷର ଝିଅ ପଲକ ବିଶ୍ୱାଳ। ୩ ମାସ ପୂର୍ବରୁ ଦ୍ୱିତୀୟ ବିବାହ କରିଥିଲେ ପୁଲକ। ଆଗରୁ ତାଙ୍କର ପ୍ରଥମ ପତ୍ନୀଙ୍କ ମୃତ୍ୟୁ ହୋଇଥିଲା। ବାପ ଘରକୁ ଯାଇଥିଲେ ପୁଲକଙ୍କ ପତ୍ନୀ। ସେ ଫେରିବା ପରେ ଦେଖିଥିଲେ ଘର ଭିତର ପଟୁ ବନ୍ଦ ଅଛି। କବାଟ ବାଡ଼େଇବା ପରେ ମଧ୍ୟ ବହୁ ସମୟ ପର୍ଯ୍ୟନ୍ତ ନ ଖୋଲିବାରୁ ସନ୍ଦେହ ହୋଇଥିଲା। ପୋଲସକୁ ଡକାଯାଇଥିଲା। ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ପୋଲିସ ବିଳମ୍ବିତ ରାତିରେ ତାଲା ଭାଙ୍ଗି ଘରେ ପ୍ରବେଶ କରିଥିଲା। ଏହା ପରେ ବାପ ଝିଅଙ୍କ ମୃତ୍ୟୁ ହୋଇଥିବା ଜଣାପଡ଼ିଥିଲା।

ପିପିଲିରେ ବଢ଼ି ଚାଲିଛି ସରକାରୀ ଜମି ଜବରଦଖଲ

ପୁରୀ, ନ୍ୟୁଜ ବ୍ୟୁରୋ

ପିପିଲି ଅଞ୍ଚଳରେ ସରକାରୀ ଜମି ଜବରଦଖଲ ବଢ଼ିଚାଲିଛି। ଖାଲି ପଡ଼ିଥିବା ସରକାରୀ ଜମିକୁ ଯିଏ ଯୋଉଠି ପାଉଛି ଜବରଦଖଲ କରୁଛି। ବିଲଡର ଓ ଜମିଦଲାଲମାନେ ମଧ୍ୟ ସରକାରୀ ଜମିକୁ ଅକ୍ତିଆର କରି ନିଜର ବ୍ୟବସାୟ ଚଳାଇଥିବା ଅଭିଯୋଗ ହୋଇଛି। ନଦୀ ପଠା ଓ ଗୋଚର ଜମିରୁ କେତେକ ମାଫିଆ ବେଆଇନ ଭାବେ ମାଟି ଖୋଳି ବିକ୍ରୀ କରୁଥିବା ଅଭିଯୋଗ ହୋଇଛି। ଏଥିଯୋଗୁଁ ସ୍ଥାନୀୟ ଅଧିବାସୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ସୂଚନା ମିଳିଛି। ପିପିଲି ତହସିଲ ଅଞ୍ଚଳରେ ଦିନକୁ ଦିନ ସରକାରୀ ଜମି ଜବରଦଖଲ ଘଟଣା ବଢ଼ିଚାଲିଛି। ପିପିଲି ଅଞ୍ଚଳ ଏବେ ବିଲଡର ଓ ଜମି ଦଲାଲଙ୍କ ପାଇଁ ଭୂସ୍ୱର୍ଗ ପାଲଟିଛି। ଗରୀବ ଚାଷୀଙ୍କୁ ବିଭିନ୍ନ ପ୍ରକାର ଲୋଭନୀୟ ପ୍ରତିଶ୍ରୁତି ଦେଇ ଦଲାଲଙ୍କ ଜରିଆରେ ବିଲଡର ମାନେ ଅତିଶସ୍ତାରେ ଚାଷଜମି କ୍ରୟ କରୁଛନ୍ତି। ଉକ୍ତ ଜମିରେ ବିଲଡର ମାନେ ସେମାନଙ୍କର ପ୍ରକଳ୍ପ ନିର୍ମାଣ କରୁଥିବା ବେଳେ ଉକ୍ତ ଜମି ସଂଲଗ୍ନ ସରକାରୀ ଜମି ଓ ସଫେଇନାଳ ଆଦିକୁ

ଜବରଦଖଲ କରୁଥିବା ଅଭିଯୋଗ ହୋଇଛି। ଏଥିସହ ମୋଟା ଅଙ୍କର ଅର୍ଥ କାରବାର କରି ଗ୍ରୀନଲ୍ୟାଣ୍ଡ ଚକ ଜମିକୁ ଅତି ସହଜରେ କିସମ ପରିବର୍ତ୍ତନ କରାଯାଇ ଘରବାରି ଜମିରେ ପରିଣତ କରାଯାଉଥିବା ଅଭିଯୋଗ ହୋଇଛି। ବିଭିନ୍ନ ରାଜସ୍ୱ ମୌଜାରେ ଥିବା ଅନେକ ଚକଯୋଗ୍ୟ ଓ ଚକଅଯୋଗ୍ୟ ଜମିକୁ ଚାଷୀଙ୍କ ଠାରୁ ଅତି ଶସ୍ତାରେ ବିଲଡର ମାନେ କ୍ରୟ କରି ଉକ୍ତ ଜମି ପାର୍ଶ୍ୱରେ ଥିବା ସରକାରୀ, ଗୋଚର, ଅନାବାଦି, ଚକନାଳି, ଚକରାସ୍ତା ଆଦି ଜମିକୁ ଜବରଦଖଲ କରିଥିବା ନେଇ ଗୁରୁତର ଅଭିଯୋଗ ହୋଇଛି। ଚାଷୀଙ୍କ ବ୍ୟବହାର ପାଇଁ ଉଦ୍ଦିଷ୍ଟ ବହୁ ଚକରାସ୍ତା ଓ ଚକନାଳି ଏବେ ବିଲଡରଙ୍କ କବ୍‌ଜାରେ ରହିଥିବା ଜଣାଯାଇଛି। ଫଳରେ ଗାଈଗୋରୁଙ୍କ ଚରିବା ପାଇଁ ଚାରଣ ଭୂମିର ଅଭାବ ପରିସ୍ଥିତି ସୃଷ୍ଟି ହୋଇଛି। ଭୁବନେଶ୍ୱର-ପୁରୀ ଜାତୀୟ ରାଜପଥର ଉତ୍ତରା ବଜାର ଠାରୁ ସାତଶଙ୍ଖ ମଧ୍ୟରେ ଏବଂ ପିପିଲି-ଜଟଣୀ ରାସ୍ତାର ଉଭୟ ପାର୍ଶ୍ୱ ଓ ପିପିଲି ପୌରାଞ୍ଚଳର ମୁଖ୍ୟରାସ୍ତାର ଉଭୟ ପାର୍ଶ୍ୱରେ ଥିବା ସରକାରୀ ଜମି, ନୟନଜୋରୀ ଓ ସଫେଇନାଳୀ ଆଦିକୁ ବିଭିନ୍ନ ସ୍ଥାନରେ କେତେକ ମୁଷ୍ଟିମେୟ ବ୍ୟକ୍ତି ବେଆଇନ ଭାବେ ପୋତି ତା'ଉପରେ ନିଜର ସ୍ଥାୟୀ ବ୍ୟବସାୟ ପ୍ରତିଷ୍ଠାନ ନିର୍ମାଣ କରିବା ଫଳରେ ଜଳ ନିଷ୍କାସନ ବାଧାପ୍ରାପ୍ତ ହେଉଥିବା ଅଭିଯୋଗ ହୋଇଛି। କେତେକ ସ୍ଥାନରେ ସଫେଇନାଳୀ ଉପରେ ଛାତ ପକାଯାଇ ଦୋକାନ ଘର ନିର୍ମାଣ କରାଯାଇଥିବା ମଧ୍ୟ ପରିଲକ୍ଷିତ ହୋଇଛି। ସରକାରୀ ସମ୍ପତ୍ତିର ଉଦ୍ଧାର ଓ ସୁରକ୍ଷା ଦିଗରେ ପ୍ରଶାସନ ପକ୍ଷରୁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବାକୁ ସାଧାରଣରେ ଦାବି କରାଯାଇଛି। ତେବେ, ଏ ସଂପର୍କରେ ପିପିଲି ତହସିଲଦାର ଦିଲିପ କୁମାର ମାଝୀଙ୍କୁ ପଚାରିବାରେ ସରକାରୀ ଜମି ଜବରଦଖଲ ସଂପର୍କରେ ନିର୍ଦ୍ଦିଷ୍ଟ ଅଭିଯୋଗ ଆସିଲେ ତଦନ୍ତ କରାଯାଇ ଆଇନ ଅନୁଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ ପ୍ରକାଶ କରିଥିଲେ। ସେହିପରି ଖାଲଖମାରେ ପରିଣତ ହୋଇଥିବା ଦାଣ୍ଡମୁକୁନ୍ଦପୁର ବଜାର ମୁଖ୍ୟ ରାସ୍ତାର ଆବଶ୍ୟକ ମରାମତି କରାନଯିବାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ପିପିଲି ପୂର୍ତ୍ତ ବିଭାଗ ଅଧିନରେ ଥିବା ଏହି ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ଫଳରେ ଏଥିଯୋଗୁଁ ଦୈନିକ ଛୋଟମୋଟ ଦୁର୍ଘଟଣାମାନ ଘଟୁଥିବା ବେଳେ ଯାତାୟତରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏହାର ମରାମତି ଦିଗରେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ନିରବତାକୁ ନେଇ ସାଧାରଣରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି।

ବଦଳିଲା ରାଷ୍ଟ୍ରପତି ଭବନର ଦୁଇ ହଲର ନାମ



ନୂଆଦିଲ୍ଲୀ,

ରାଷ୍ଟ୍ରପତି ଭବନର ଦରବାର ହଲ ଓ ଅଶୋକ ହଲର ନାମ ପରିବର୍ତ୍ତନ। ଦରବାର ହଲର ନାମ ବଦଳି ହେଲା ଗଣତନ୍ତ୍ର ମଣ୍ଡପ। ସେହିପରି ଅଶୋକ ହଲର ନାମ ବଦଳି ହୋଇଛି ଅଶୋକ ମଣ୍ଡପ। ଦଶନ୍ଧି ଦଶନ୍ଧି ଧରି ଏହି ଦୁଇ ହଲରେ ଅନେକ ଐତିହାସିକ କାର୍ଯ୍ୟକ୍ରମ ହୋଇଆସୁଥିଲା। ଦରବାର ହଲରେ ଜାତୀୟ ପୁରସ୍କାର ପ୍ରଦାନ କରାଯାଉଥିବାବେଳେ ଅଶୋକ ହଲ ବଲରୁମ ଭାବେ ବ୍ୟବହୃତ ହେଉଥିଲା। ବ୍ରିଟିଶ ଅମଳରୁ ଚାଲିଆସିଥିବା ଏହି ଦୁଇ ହଲର ନାମ ପରିବର୍ତ୍ତନ ନେଇ ସରକାରଙ୍କ ପକ୍ଷରୁ ଜାରି ବିବୃତିରେ କୁହାଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ଦୁଇ ବର୍ଷ କାର୍ଯ୍ୟକାଳ ପୂର୍ତ୍ତି ଅବସରରେ ଦୁଇ ହଲର ନାମ ପରିବର୍ତ୍ତନ କରାଯାଇଛି। ରାଷ୍ଟ୍ରପତି ଭବନରେ ଥିବା ଏହି ଦୁଇ ହଲର ଅନେକ ଗୁରୁତ୍ୱପୂର୍ଣ୍ଣ ମହତ୍ୱ ରହିଛି। ଅଶୋକ ହଲର ବିଶେଷତ୍ୱ ହେଉଛି କଳାକୃତିରେ ପରିପୂର୍ଣ୍ଣ ଏହି ହଲରେ ସରକାରଙ୍କ ଅନେକ କାର୍ଯ୍ୟକ୍ରମ ଆୟୋଜନ କରାଯାଉଥିଲା। ଏହି କୋଠରୀର ଛାତ ଏବଂ ଚଟାଣର ଅନେକ ଆକର୍ଷଣ ରହିଛି। କୋଠରୀର ଚଟାଣ ସମ୍ପୂର୍ଣ୍ଣ କାଠରେ ନିର୍ମିତ ହୋଇଛି। ଏହି ଚଟାଣର ତଳେ ସ୍ପ୍ରିଙ୍ଗ ଲାଗିଛି। ଅଶୋକ ହଲର ଛାତ ଅଏଲ ପେଣ୍ଟିରେ ସୁସଜ୍ଜିତ ରହିଛି। ଛାତର ମଝିରେ ଚମଡ଼ାରେ ନିର୍ମିତ ଏକ ପେଣ୍ଟିଂ ରହିଛି। ହଲରେ ବେଲଜିୟମରୁ ଆସିଥିବା କାଚର ଝୁମର ଲାଗିଛି। ସେହିପରି ଦରବାର ହଲ ଯାହା ଏବେ ଗଣତନ୍ତ୍ର ହଲ ଭାବେ ପରିଚୟ ପାଇଛି ଏହାର ମଧ୍ୟ ଅନେକ ବିଶେଷତ୍ୱ ରହିଛି। ଏହି ହଲ ପୂର୍ବରୁ ଥ୍ରୋନ୍ ରୁମ ଭାବେ ପରିଚିତ ଥିଲା। ଏହାର ଦେଶର ପ୍ରଥମ ପ୍ରଧାନମନ୍ତ୍ରୀ ଜବାହରଲାଲ ନେହରୁଙ୍କ ନେତୃତ୍ୱ ସରକାର ଅଗଷ୍ଟ ୧୫ ୧୯୪୭ରେ ଶପଥଗ୍ରହଣ କରିଥିଲେ। ୧୯୪୮ରେ ସ୍ୱତନ୍ତ୍ର ଭାରତର ପ୍ରଥମ ଗଭର୍ଣ୍ଣର ଜେନେରାଲ ଏଠାରେ ଶପଥଗ୍ରହଣ କରିଥିଲେ। ଦରବାର ହଲ ଛାତରେ ୩୩ ଉଚ୍ଚ ବିଶିଷ୍ଟ ଏକ କାଚର ଝୁମର ଏହାର ସୁନ୍ଦରତାକୁ ଦୁଇଗୁଣା କରୁଛି।

ମଣ୍ଡି ନିର୍ବାଚନକୁ ହାଇକୋର୍ଟରେ ଚ୍ୟାଲେଞ୍ଜ, କାଠଗଡାରେ ଲଢେଇ କରିବେ କଙ୍ଗନା

ନୂଆଦିଲ୍ଲୀ

ବଲିଉଡ ଅଭିନେତ୍ରୀ ତଥା ମଣ୍ଡି ବିଜେପି ସାଂସଦ କଙ୍ଗନା ରାଣାୱତଙ୍କ ପାଇଁ ବଢ଼ିଲା ଅଡୁଆ । ଅଭିନେତ୍ରୀଙ୍କ ସାଂସଦ ସଦସ୍ୟତା ବିରୋଧରେ ହିମାଚଳ ହାଇକୋର୍ଟରେ ଏକ ପିଟିସନ ଦାଖଲ କରାଯାଇଛି। ଏହି ଆବେଦନରେ କଙ୍ଗନା ସଂସଦର ସଦସ୍ୟତା ବାତିଲ କରିବାକୁ ଦାବି କରାଯାଇଛି । ଏହି ଆବେଦନ ଉପରେ ହାଇକୋର୍ଟ କଙ୍ଗନାଙ୍କୁ ନୋଟିସ ଜାରି କରିଛନ୍ତି । ଏଥିସହ ଏହି ନୋଟିସରେ ଅଗଷ୍ଟ ୨୧ ସୁଦ୍ଧା କଙ୍ଗନାଙ୍କୁ ଏହାର ଜବାବ ଦାଖଲ କରିବାକୁ ହାଇକୋର୍ଟ କହିଛନ୍ତି । କଙ୍ଗନାଙ୍କ ବିରୋଧରେ କିନ୍ନର ନିବାସୀ ସ୍ୱାଧୀନ ପ୍ରାର୍ଥୀ ଲାୟକ ରାମ ନେଗି ଏହି ପିଟିସନ ଦାଖଲ କରିଛନ୍ତି। ଏଥିରେ ସେ କଙ୍ଗନାଙ୍କ ନିର୍ବାଚନକୁ ବାତିଲ କରିବାକୁ କୋର୍ଟରୁ ଦାବି କରିଛନ୍ତି। ସେ ଏହି ଆବେଦନ ମାଧ୍ୟମରେ ଯୁକ୍ତି କରିଛନ୍ତି ଯେ ନିର୍ଦ୍ଦିଷ୍ଟ ମାନଦଣ୍ଡ ପୂରଣ କରିବା ସତ୍ତ୍ୱେ ତାଙ୍କ ନାମାଙ୍କନ ପ୍ରତ୍ୟାଖ୍ୟାନ କରାଯାଇଛି । ନେଗି କହିଛନ୍ତି ଯେ ସେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବାକୁ ଚାହୁଁଥିଲେ କିନ୍ତୁ ତାଙ୍କ ନାମାଙ୍କନ ପତ୍ରକୁ ମଣ୍ଡି ନିର୍ବାଚନ ଅଧିକାରୀ ଭୁଲ ଭାବେ ପ୍ରତ୍ୟାଖ୍ୟାନ କରିଥିଲେ । ଏଭଳି ପରିସ୍ଥିତିରେ କଙ୍ଗନା ରାଣାୱତଙ୍କ ନିର୍ବାଚନକୁ ବାତିଲ କରାଯିବା ଉଚିତ ସେ ଦାବି କରିଛନ୍ତି । ନେଗି ଯୁକ୍ତି କରିଛନ୍ତି ଯେ ଯଦି ତାଙ୍କ ନାମାଙ୍କନ ପତ୍ର ଗ୍ରହଣ କରାଯାଇଥାନ୍ତା ତେବେ ସେ ଜିତିଥାନ୍ତେ । ଏହି ଆବେଦନରେ ଲାୟକ ରାମ ନେଗି କୋର୍ଟରେ ଆବେଦନ କରିଛନ୍ତି ଯେ କଙ୍ଗନାଙ୍କ ନିର୍ବାଚନକୁ ବାତିଲ କରାଯାଉ ଏବଂ ମଣ୍ଡି ଆସନରେ ପୁନଃ ନିର୍ବାଚନ କରିବାକୁ ଦାବି କରିଛନ୍ତି । ନେଗି ଆହୁରି ମଧ୍ୟ କହିଛନ୍ତି ଯେ ନାମାଙ୍କନ ପତ୍ର ସମୟରେ ତାଙ୍କୁ କୁହାଯାଇଥିଲା ଯେ ତାଙ୍କୁ ସରକାରୀ ଆବାସ ପାଇଁ ଦିଆଯାଇଥିବା ବିଦ୍ୟୁତ୍, ଜଳ ଏବଂ ଟେଲିଫୋନ୍ ପାଇଁ କୌଣସି ଦେୟ ପ୍ରମାଣପତ୍ର ମଧ୍ୟ ଦେବାକୁ ପଡିବ ନାହିଁ। ତାଙ୍କୁ ଏହି ସାର୍ଟିଫିକେଟ୍ ଦେବା ପାଇଁ ପରଦିନ ପର୍ଯ୍ୟନ୍ତ ସମୟ ଦିଆଯାଇଥିଲା । ପରଦିନ ଯେତେବେଳେ ସେ ରିଟର୍ଣ୍ଣିଂ ଅଫିସରଙ୍କୁ କାଗଜପତ୍ର ହସ୍ତାନ୍ତର କରିଥିଲେ, ସେତେବେଳେ ସେ ଏହାକୁ ଗ୍ରହଣ କରିବାକୁ ମନା କରିଦେଇଥିଲେ। ଏହି ଆବେଦନ ଉପରେ ଶୁଣାଣି କରି ଜଷ୍ଟିସ ଜ୍ୟୋତ୍ସ୍ନା ରିୱାଲ କଙ୍ଗନାଙ୍କୁ ଏକ ନୋଟିସ ଜାରି କରିଛନ୍ତି ଏବଂ ଅଗଷ୍ଟ ୨୧ ସୁଦ୍ଧା ଏହାର ଉତ୍ତର ମାଗିଛନ୍ତି ।

ଅବକାରୀ ଘୋଟାଲା ମାମଲା: ବଢ଼ିଲା କେଜ୍ରିୱାଲ, ସିସୋଦିଆ ଓ କବିତାଙ୍କ ନ୍ୟାୟିକ ହେପାଜତ

ନୂଆଦିଲ୍ଲୀ,

ବହୁଚର୍ଚ୍ଚିତ ଦିଲ୍ଲୀ ଅବକାରୀ ଘୋଟାଲା ମାମଲାରେ ଏକାସାଙ୍ଗରେ ବଢ଼ିଲା ତିନି ଅଭିଯୁକ୍ତଙ୍କ ବିଚାର ବିଭାଗୀୟ ହାଜତ ଅବଧି । ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲ, ପୂର୍ବତନ ଦିଲ୍ଲୀ ମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଓ ବିଆରଏସ 'ଏମଏଲସି' କେ.କବିତାଙ୍କୁ ଗୁରୁବାର ଭିସି ଜରିଆରେ କୋର୍ଟରେ ହାଜର କରାଯାଇଥିଲା । କୋର୍ଟ ଭିନ୍ନ ଭିନ୍ନ ତାରିଖ ପର୍ଯ୍ୟନ୍ତ ସମସ୍ତଙ୍କ କଷ୍ଟଡି ଅବଧିକୁ ବୃଦ୍ଧି କରିଛନ୍ତି । ଏହି ମାମଲା ଏବେ ଉଭୟ କେନ୍ଦ୍ରୀୟ ସଂସ୍ଥା 'ସିବିଆଇ' ଓ 'ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ' ଦ୍ୱାରା ତଦନ୍ତ ପରିସରଭୁକ୍ତ ରହିଛି । ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍ରିୱାଲଙ୍କୁ ଭିଡିଓ କନଫରନେସିଂ ମାଧ୍ୟମରେ ରାଉଜ-ଆଭିନ୍ୟୁ କୋର୍ଟରେ ହାଜର କରାଯାଇଥିଲା । କୋର୍ଟ ତାଙ୍କ ନ୍ୟାୟିକ

ହେପାଜତ ଅବଧି ଆସନ୍ତାମାସ (ଅଗଷ୍ଟ) ୮ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି । ପରବର୍ତ୍ତୀ ତାରିଖ ପର୍ଯ୍ୟନ୍ତ କେଜ୍ରିୱାଲ ଏବେ ତିହାର ଜେଲରେ ରହିବେ । ସେହିପରି ଅନ୍ୟତମ ଦୁଇ ପ୍ରମୁଖ ଅଭିଯୁକ୍ତ ପୂର୍ବତନ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ ଓ ତେଲେଙ୍ଗାନା ପୂର୍ବତନ ମୁଖ୍ୟମନ୍ତ୍ରୀ କେସିଆରଙ୍କ ଝିଅ,'ଏମଏଲସି' କେ.କବିତାଙ୍କୁ ମଧ୍ୟ ଭିସି ଜରିଆରେ କୋର୍ଟରେ ହାଜର କରାଯାଇଥିଲା । ଉଭୟ ନ୍ୟାୟିକ ହେପାଜତ ଅବଧି ଚଳିତମାସ (ଜୁଲାଇ) ୩୧ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ଏଠାରେ ସୂଚନାଯୋଗ୍ୟ ଯେ,ଏହି ବହୁଚର୍ଚ୍ଚିତ ଘୋଟାଲା ମାମଲା ଏବେ ଉଭୟ କେନ୍ଦ୍ରୀୟ ସଂସ୍ଥା 'ସିବିଆଇ' ଓ 'ଇଡି' ଦ୍ୱାରା ତଦନ୍ତଭୁକ୍ତ ରହିଛି । ଏଥିରେ ଏପର୍ଯ୍ୟନ୍ତ ମୁଖ୍ୟମନ୍ତ୍ରୀ ତଥା ଆମ ଆଦମୀ ପାର୍ଟି ମୁଖ୍ୟ ଆବାହକ ଅରବିନ୍ଦ କେଜ୍ରିୱାଲ, ପୂର୍ବ ଉପମୁଖ୍ୟମନ୍ତ୍ରୀ ମନୀଷ ସିସୋଦିଆ, ଦଳୀୟ ସାଂସଦ ସଞ୍ଜୟ ସିଂ ଓ ତେଲେଙ୍ଗାନା 'ଏମଏଲସି' କେ.କବିତାଙ୍କ ପରି ଚର୍ଚ୍ଚିତ ରାଜନୈତିକ ଅଭିଯୁକ୍ତ ଅଛନ୍ତି । ଏମାନଙ୍କ ମଧ୍ୟରୁ କେବଳ ସଞ୍ଜୟ ସିଂହକୁ ହିଁ ବେଲ୍ ମିଳିଛି। ଅନ୍ୟ କେହି ନେତା ଏପର୍ଯ୍ୟନ୍ତ ବେଲ୍ ପାଇବାରେ ସମ୍ଭବ ହୋଇପାରନ୍ତି। କେଜ୍ରିୱାଲଙ୍କୁ ପ୍ରଥମେ ସିବିଆଇ ଗିରଫ କରିଥିଲା । ଏହି ମାମଲାରେ ସେ ସର୍ବୋଚ୍ଚକୋର୍ଟର ଦ୍ୱାରସ୍ଥ ହୋଇଥିଲେ । ଚଳିତବର୍ଷ ମାର୍ଚ୍ଚ ୨୧ତାରିଖରେ ପୁଣି ତାଙ୍କୁ ଜେଲ୍‌ରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ ଗିରଫ କରିଥିଲା। ୧୦ ମେ'ରେ କେଜ୍ରିୱାଲଙ୍କୁ ସର୍ବୋଚ୍ଚକୋର୍ଟରୁ ୧୦ଦିନିଆ ଅନ୍ତରୀଣ ଜାମିନ ମିଳିଥିଲା। ଏହା ପରେ ଜୁନ୍ ୨ତାରିଖରେ ସେ ପୁଣି ଜେଲ୍‌ରେ ଆତ୍ମସମର୍ପଣ କରିଥିଲା । ଏହି ଅନ୍ତରୀଣ ଅବଧି ମଧ୍ୟରେ କେଜ୍ରିୱାଲ ନିର୍ବାଚନୀ ପ୍ରଚାର ମଧ୍ୟ କରିଥିଲେ ।

ଗ୍ରାହକଙ୍କୁ କନ୍ଦାଉଛି ବିଲାତିର ଦରବୃଦ୍ଧି

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଖାଉଟିଙ୍କୁ କନ୍ଦାଇଲାଣି ଟମାଟୋ । ଅନ୍ୟାନ୍ୟ ପନିପରିବା ଦର ଆକାଶ ଛୁଆଁ ହୋଇଥିବା ବେଳେ ଟମାଟୋରେ ହାତ ମାରିହେଉନି । କିଲୋଗ୍ରାମ ପିଛା ଦର ଶହେ ଛୁଇଁଥିବା ବେଳେ ଆଗକୁ ଏହି ଦର ଆହୁରି ବଢିବାର ସମ୍ଭାବନା ରହିଛି । ଟମାଟୋ ପାଇଁ ଓଡିଶା ବାଙ୍ଗାଲୋର ସହ ଅନ୍ୟ ରାଜ୍ୟ ଉପରେ ନିର୍ଭର କରୁଥିବା ବେଳେ ବର୍ଷା ତଥା ଅନ୍ୟାନ୍ୟ କାରଣରୁ ଆମଦାନୀ ପ୍ରଭାବିତ ହୋଇଛି । ଦରବୃଦ୍ଧି ନେଇ ବ୍ୟବସାୟୀ ମହାସଂଘ ରାଜ୍ୟ ସରକାରଙ୍କୁ ଦୋଷ ଦେଇଛି । ସରକାରଙ୍କ ସହ ଯାହା ଆଲୋଚନା ହୋଇଥିଲା ତା'ର କିଛି ପ୍ରଭାବ ଦେଖିବାକୁ ମିଳୁନି ବୋଲି କହିଛି ରାଜ୍ୟ ବ୍ୟବସାୟୀ ମହାସଂଘ । ନାଲି ଟମାଟୋର ନାଲିଆଖି । ଗ୍ରାହକଙ୍କୁ କନ୍ଦାଉଛି ବିଲାତିର ଦରବୃଦ୍ଧି । ସେଞ୍ଚୁରୀ ମାରିଲାଣି ଦର । ଆଗାମୀ ଦିନରେ ୨ଶହ ଛୁଇଁବା ଆଶଂକା । ପନିପରିବା, ଆଳୁ, ପିଆଜ ଦର ଆକାଶଛୁଆଁ ଥିବାବେଳେ ଟମାଟୋରେ ଏବେ ହାତ ମାରି ହେଉନି । ବିଭିନ୍ନ ଖୁଚୁରା ଦୋକାନରେ ଶହେ କୋଡିଏ ଟଙ୍କା ମଧ୍ୟ ବିକ୍ରି ହେଉଛି । ଅତ୍ୟଧିକ ଦରବୃଦ୍ଧି ଯୋଗୁ ବହୁ ବ୍ୟବସାୟୀ ଟମାଟୋ ରଖୁ ନ ଥିବାବେଳେ କିଛି ବ୍ୟବସାୟୀ ଅଳ୍ପ ଟମାଟୋ ରଖୁଛନ୍ତି । ବାହାର ରାଜ୍ୟରୁ ଟମାଟୋ ଆସିବା କମିଥିବା ବେଳେ ବ୍ୟବସାୟୀ ଚଢ଼ା ଦରରେ କିଣୁଛନ୍ତି । ଏପରିକି ବଙ୍ଗାଲୋରରୁ ମଧ୍ୟ ଆବଶ୍ୟକ ଟମାଟୋ ଆସି ପାରୁ ନ ଥିବାରୁ ଦର ବଢି ଚାଲିଛି । ରୋଷେଇର ଏହା ବହୁଳ ଭାବେ ବ୍ୟବହାର ହେଉଥିବାରୁ ଲୋକେ ଦରବୃଦ୍ଧି ସତ୍ତ୍ୱେ ବାଧ ହୋଇ ଆବଶ୍ୟକତା ଅନୁସାରେ କିଣୁଛନ୍ତି । ସେପଟେ ବାହାରୁ ଆମଦାନୀ କମିଲେ ମୂଲ୍ୟ ଆହୁରି ବଢିବ ବୋଲି କୁହାଯାଇଛି । ଆଗାମୀ ଦିନରେ ଦରଦାମ ବୃଦ୍ଧି ଆହୁରି ଅସହ୍ୟ ହେବ ବୋଲି କହିଛି ଓଡ଼ିଶା ବ୍ୟବସାୟୀ ମହାସଂଘ । ଏଥିପାଇଁ ସରକାରଙ୍କୁ ଦୋଷ ଦେଇଛି ମହାସଂଘ । କିଛି ଦିନ ତଳେ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ ସହ ଆଲୋଚନା ବେଳେ ଦରଦାମ ବୃଦ୍ଧି ନିୟନ୍ତ୍ରଣ ନେଇ ବହୁ ପ୍ରସ୍ତାବ ଦିଆଯାଇଥିଲା । ତେବେ ପଦକ୍ଷେପ ନିଆଯାଇ ନଥିବାରୁ ଦର ବଢ଼ିଚାଲିଛି। ସେପଟେ ଖାଦ୍ୟ ଯୋଗାଣ ମନ୍ତ୍ରୀଙ୍କ କହିବା କଥା ଦରଦାମ ନିୟନ୍ତ୍ରଣ କରିବାକୁ ଜିଲ୍ଲା ସ୍ତରରେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦିଆଯାଇଛି ।

ନବୀନଙ୍କ ଅମଳରେ ବଜେଟରେ ଆସିଥିଲା ଏହି ନୂଆ ଯୋଜନା, ଯାହା ଥିଲା ଦେଶରେ ପ୍ରଥମ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ନିର୍ବାଚନୀ ବର୍ଷର ଠିକ ପୂର୍ବ ଆର୍ଥିକ ବର୍ଷ ୨୦୨୨-୨୩ରେ ନବୀନ ପଟ୍ଟନାୟକ ସରକାରର ବାର୍ଷିକ ବଜେଟରେ ଆସିଥିଲା ବହୁଚର୍ଚ୍ଚିତ ରାଜ୍ୟ ମେଗା ସ୍ୱାସ୍ଥ୍ୟବୀମା ଯୋଜନା 'ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା' । ସରକାରୀ ହସ୍ପିଟାଲରେ 'ଓପିଡି'ରୁ ନେଇ ସର୍ଜରୀ ଓ ଆସିୟୁ ପର୍ଯ୍ୟନ୍ତ ସମସ୍ତଙ୍କୁ ଦେୟମୁକ୍ତ ସ୍ୱାସ୍ଥ୍ୟସେବା ଯୋଗାଇବା ପାଇଁ ଏହାକୁ ଶୁଭାରମ୍ଭ କରାଯାଇଥିଲା । ସେହିବର୍ଷ ବଜେଟରେ ଏହି ଯୋଜନା ପାଇଁ ରେକର୍ଡ ପରିମାଣର ୫୧,୬୮୩ କୋଟି ଟଙ୍କାର ବ୍ୟୟବରାଦ କରିଥିଲେ ନବୀନ ସରକାର । ଏହା ଥିଲା ରାଜ୍ୟର ମୋଟ ଜିଡିପିର ପ୍ରାୟ ୬ ପ୍ରତିଶତ । ପ୍ରାଦେଶିକ ସରକାର ସ୍ତରରେ ଏପରି ମେଗା ସ୍ୱାସ୍ଥ୍ୟବୀମା ଯୋଜନା ପ୍ରାୟତଃ କୌଣସି ରାଜ୍ୟରେ

କାର୍ଯ୍ୟକାରୀ କରାଯାଇନଥିଲା । ଯାହା ଓଡ଼ିଶାକୁ ଏହି ଧାରାରେ ପ୍ରଥମ ରାଜ୍ୟର ସ୍ୱୀକୃତି ଦେଇଥିଲା । ଏହାକୁ ନେଇ ସାରା ଦେଶରେ ଚର୍ଚ୍ଚା ହୋଇଥିଲା । ଏପରିକି ମୋଦି ନେତୃତ୍ୱାଧୀନ କେନ୍ଦ୍ର ସରକାର ଆରମ୍ଭ କରିଥିବା ବିଶ୍ୱର ସର୍ବବୃହତ୍ତ ମେଗା ସ୍ୱାସ୍ଥ୍ୟବୀମା ଯୋଜନା 'ଆୟୁଷ୍ମାନ ଭାରତ'କୁ ନବୀନ ସରକାର ରାଜ୍ୟରେ କାର୍ଯ୍ୟକାରୀ କରିନଥିଲେ । 'ବିଏସକେୱାଇ', ଆୟୁଷ୍ମାନ ଭାରତ ଠାରୁ ଢେର ଅଧିକ ସଂଗଠିତ ଓ ପ୍ରଭାବୀ ଯୋଜନା ବୋଲି ରାଜ୍ୟ ସରକାର କହିଥିଲେ । କେନ୍ଦ୍ର-ରାଜ୍ୟ ମଧ୍ୟରେ ଏହାକୁ ନେଇ ରାଜନୈତିକ ଆରୋପ ପ୍ରତ୍ୟାରୋପ ମଧ୍ୟ ଦେଖିବାକୁ ମିଳିଥିଲା । ଏହି ଯୋଜନା ନବୀନଙ୍କ ଲୋକପ୍ରିୟତାର ଆଉ ଏକ ଚାବିକାଠି ବୋଲି ମଧ୍ୟ ବିଚାର କରାଯାଏ । ଆର୍ଥିକବର୍ଷ ୨୦୨୨-୨୩ ରେ ବଜେଟରେ ନବୀନ ସରକାର ଆଉ ଏକ ପ୍ରମୁଖ ଇନିସିଏଟିଭ ହାତକୁ ନେଇଥିଲେ । ଏହା ଥିଲା ବଜେଟ ସ୍ଥିରତା ପାଣ୍ଠି (ଇଝର)। ଯାହା ଦେଶର ଯେକୌଣସି ରାଜ୍ୟ ଅପେକ୍ଷା ଓଡିଶାର ଥିଲା ପ୍ରଥମ ପଦକ୍ଷେପ । ଅପ୍ରତ୍ୟାଶିତ ରାଜସ୍ୱ ଅଭାବ କିମ୍ବା ଆର୍ଥିକ ମାନ୍ଦାବସ୍ଥା ସମୟରେ ନିଅଣ୍ଟିଆ ବଜେଟ ସ୍ଥିତିକୁ ମୁକାବିଲା କରିବା ପାଇଁ ଅତିରିକ୍ତ ରାଜସ୍ୱ ମାଧ୍ୟମରେ ଏକ ପାଣ୍ଠି ଗଠନ କରିଥିଲେ ନବୀନ ସରକାର । ଏପରି ନୂଆ ଆର୍ଥନୈତିକ ବିଚାର ସହ ସନ୍ତୁଳିତ ବଜେଟ୍ ? ଆଣିବା ପାଇଁ ଗ୍ରହଣ କରାଯାଇଥିବା ପଦକ୍ଷେପ ମଧ୍ୟ ନବୀନଙ୍କ ଶାସନକୁ ଚର୍ଚ୍ଚାକୁ ଆଣିଥିଲା। କୋଭିଡର ପ୍ରଥମ ଲହର ପରବର୍ତ୍ତୀ ସମୟରେ ୨୦୨୦-୨୧ ଆର୍ଥିକବର୍ଷରେ ନବୀନ ସରକାରଙ୍କ ବଜେଟକୁ 'ପୋଷଣ ବଜେଟ' ବା 'ନ୍ୟୁଟ୍ରେସନ ବଜେଟ' ଶୀର୍ଷକ ସହ ଉପସ୍ଥାପିତ କରାଯାଇଥିଲା । ମହାମାରୀର ପ୍ରଥମ ଲହରର ଭୟାବହତା ପରେ ଏହିବର୍ଷ ବଜେଟକୁ ପୋଷଣ-କୈନ୍ଦ୍ରିକ କରାଯାଇଥିଲା । ମହିଳା, ଗର୍ଭବତୀ, ଶିଶୁ ଓ ସମ୍ବେଦନଶୀଳ ବର୍ଗଙ୍କ ପୋଷଣ କୈନ୍ଦ୍ରିକ ଯୋଜନା ଓ ପ୍ରୋଗ୍ରାମ ପାଇଁ ଏଥିରେ ରେକର୍ଡ ପରିମାଣର ବ୍ୟୟବରାଦ ହୋଇଥିଲା । ଏହି ଆଭିମୁଖ୍ୟ ସହ ମହିଳା ଓ ଶିଶୁବିକାଶ ଯୋଜନା ସହ ଜଡିତ ଯୋଜାନକୁ ମଧ୍ୟ ବ୍ୟୟବରାଦ ରାଶି ବୃଦ୍ଧି କରାଯାଇଥିଲା। ବଜେଟ ଦଲିଲର ଶୀର୍ଷକ ମଧ୍ୟ ରଖାଯାଇଥିଲା 'ନ୍ୟୁଟ୍ରେସନ-ବଜେଟ - ୨୦୨୦-୨୧' । କୋଭିଡ ପରବର୍ତ୍ତୀ ସମୟରେ ଏପ୍ରକାର ନୂଆ ଭିଜନକୁ ମଧ୍ୟ ଦେଶରେ ପ୍ରଥମ ବୋଲି ଗ୍ରହଣ କରାଯାଇଥିଲା । ନିର୍ବାଚନୀ ବର୍ଷରେ ନବୀନ ସମଗ୍ର ବିଶ୍ୱରେ ଜଣେ କ୍ରୀଡାପ୍ରେମୀ ମୁଖ୍ୟମନ୍ତ୍ରୀ ଭାବେ ପରିଚୟ ସୃଷ୍ଟି କରିଥିଲେ । ଏହାର ମୁଖ୍ୟ କାରଣ ଥିଲା ବର୍ଷ ୨୦୧୮ ରେ ଓଡିଶାରେ 'ହକି ବିଶ୍ୱକପ' ଆୟୋଜନ । ସେହିବର୍ଷ ବଜେଟରେ ରାଜ୍ୟ ସରକାର ହକି ପ୍ରମୋସନକୁ ବଜେଟ ବ୍ୟୟବରାଦରେ ମଧ୍ୟ ସ୍ଥାନ ଦେଇଥିଲେ । ୫ବର୍ଷ ପାଇଁ ଓଡିଶାରେ କନିଷ୍ଠ, ବରିଷ୍ଠ, ମହିଳା ଓ ପୁରୁଷ ବର୍ଗର ସମସ୍ତ ଟିମର ସ୍ପନସରସିପ ପାଇଁ 'ହକି-ଇଣ୍ଡିଆ' ସହ ଚୁକ୍ତିବଦ୍ଧ ହୋଇଥିଲା । ଏହାଥିଲା କୌଣସି ଜାତୀୟ କ୍ରୀଡା ପରିଚାଳନା ସଂସ୍ଥା ଓ କୌଣସି ରାଜ୍ୟ ସରକାର ମଧ୍ୟରେ ପ୍ରଥମ ଐତିହାସିକ ଚୁକ୍ତି । ଯାହା ନବୀନଙ୍କୁ କ୍ରୀଡାକ୍ଷେତ୍ରର ଉନ୍ନତି ପାଇଁ ପ୍ରତିବଦ୍ଧ ରାଜନେତା ଭାବେ ଭିନ୍ନ ପରିଚୟ ଓ ଲୋକପ୍ରିୟତା ଦେଇଥିଲା ।

କାରଗିଲ ବିଜୟ ଉତ୍ସବ ପାଳନ କଲା ବିଜେପି ଯୁବମୋର୍ଚ୍ଚା

କେନ୍ଦୁଝର, ନ୍ୟୁଜ

କେନ୍ଦୁଝର ସହର ସ୍ଥିତ ଅଡିଟୋରିୟମ ଠାରେ ବିଜେପି ଯୁବମୋର୍ଚ୍ଚା ଜିଲ୍ଲା ସଭାପତି ସବୀର ଦାଶଙ୍କ ଅଧ୍ୟକ୍ଷତାରେ କେନ୍ଦୁଝର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ୨୫ ତମ କାରଗିଲ ବିଜୟ ଉତ୍ସବ ପାଳିତ ହୋଇ ଯାଇଅଛି । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଅଂଶୁମାନ ସବୁଜ ମହାନ୍ତ ବର୍ମା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିବା ବେଳେ କେନ୍ଦୁଝର ପୌରାଧକ୍ଷା ନିକୁ ସାହୁ, ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ପ୍ରଭାରୀ ଅନୁବ୍ରତ ବେହେରା, ଜିଲ୍ଲା ବିଜେପି ସାଧାରଣ ସମ୍ପାଦକ ଶୁକଦେବ ମହାନ୍ତ, ଅବସର ପ୍ରାପ୍ତ ସେନା ଅଧିକାରୀ ଚନ୍ଦ୍ରମଣି ଦଳେଇ, ଗୋପୀନାଥ ରାମ, ଶିବ କୁମାର ରାଠୋର, ପ୍ରକାଶ ମଲ୍ଲିକ, ରାଧାକାନ୍ତ ମହାନ୍ତ, ବିବେକାନନ୍ଦ ମହାନ୍ତ ପ୍ରମୁଖ ମଞ୍ଚାସୀନ ଥିଲେ। ଜିଲ୍ଲାର ଅବସରପ୍ରାପ୍ତ ସେନା ଅଧିକାରୀଙ୍କୁ ବିଶେଷ ଭାବରେ ନିମନ୍ତ୍ରିତ କରି ଉପଢୌକନ ତଥା ପୁଷ୍ପମାଲ୍ୟ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରତ ମାତା କି ଜୟ ସହିତ ସହିଦ ରତନ ପ୍ରଧାନ ଅମର ରହେ ନାରାରେ ପ୍ରକମ୍ପିତ ହୋଇଥିଲା କାର୍ଯ୍ୟକ୍ରମ ସ୍ଥଳ। ସବୀର ଦାଶ ସ୍ୱାଗତ ଭାଷଣ ରଖିଥିବା ବେଳେ ଅଂଶୁମାନ ସବୁଜ ମହାନ୍ତ ବର୍ମା ସମାରୋପ ଭାଷଣ ରଖିଥିଲେ। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ଯୁବମୋର୍ଚ୍ଚା ସାଧାରଣ ସମ୍ପାଦକ ସଂଯୋଜନା କରିଥିବା ବେଳେ ଅନ୍ୟତମ ଜିଲ୍ଲା ସାଧାରଣ ସମ୍ପାଦକ ପ୍ରେମ୍ ପ୍ରକାଶ ମୁଣ୍ଡା ଧନ୍ୟବାଦ୍ ଦେଇଥିଲେ। ଜିଲ୍ଲା ଯୁବମୋର୍ଚ୍ଚା ପକ୍ଷରୁ ବିଷ୍ଣୁ ଗୁପ୍ତ ପ୍ରସାଦ, ଅଶ୍ୱିନୀ ମହାନ୍ତ, ତପନ ପାତ୍ର, ବିଷ୍ଣୁ ତ୍ରିପାଠୀ, ରୂପେଶ ରଣା, ସଚ୍ଚିଦାନନ୍ଦ ବେହେରା, ଅମନ୍ ଗୁପ୍ତା, ରାଜା ଗୁପ୍ତା, ଜୁଲିଅସ ସିଂ ପ୍ରମୁଖ କାର୍ଯ୍ୟକ୍ରମକୁ ତଦାରଖ କରିଥିଲେ।

ବନ୍ୟଜନ୍ତୁ ଦେହାବଶେଷ ଜବତରେ ରାଜ୍ୟରେ ତୃତୀୟ

୫ ବର୍ଷରେ ବନ୍ଧା ହୋଇଛନ୍ତି ୧୫୮ : ଦଣ୍ଡବିଧାନ ଶୂନ୍ୟ

ଅନୁଗୁଳ, ନ୍ୟୁଜ ବ୍ୟୁରୋ

ଦିନ ଥିଲା ଢେଙ୍କାନାଳ ଥିଲା ଜନ୍ତୁମାଫିଆ ଓ ଶିକାରୀଙ୍କ ଭୂସ୍ୱର୍ଗ। ମାଳମାଳ ଶିକାରୀ ପାରମ୍ପରିକ ଅସ୍ତ୍ରରେ ଶିକାର ଚଳାଇଥିଲେ। ହିନ୍ଦୋଳ ରେଞ୍ଜ କନ୍ଧରା ଜଙ୍ଗଲ ହେଉ କି ସଦର ରେଞ୍ଜ କପିଳାସ ଜଙ୍ଗଲ। ସବୁଠି ଥିଲା ଶିକାରୀଙ୍କ ଉପସ୍ଥିତି। ବନବିଭାଗ ସେମାନଙ୍କ ପାଖରେ ପହଞ୍ଚିବା କଷ୍ଟକର ଥିଲା। କିନ୍ତୁ ଗଲା ୫/୭ବର୍ଷ ଭିତରେ ଢେଙ୍କାନାଳରେ ଜନ୍ତୁ ଶିକାର କମିଥିବାବେଳେ ମାଫିଆଙ୍କ ସାମ୍ରାଜ୍ୟ ଭୁଶୁଡ଼ି ପଡ଼ିଥିବା ତଥ୍ୟରୁ ଜଣାପଡ଼ିଛି। ତଥାପି ବିପଦ ଟଳିନାହିଁ। କାରଣ ଗଲା ୫ବର୍ଷ ଭିତରେ ଢେଙ୍କାନାଳ ବନଖଣ୍ଡ ବନ୍ୟଜନ୍ତୁ ଦେହାବଶେଷ ଜବତରେ ରାଜ୍ୟରେ ତୃତୀୟ ସ୍ଥାନରେ ରହିଛି। ଯାହା ଶିକାରୀଙ୍କ ଉପସ୍ଥିତିକୁ ସ୍ପଷ୍ଟ କରିଛି। ବିଧାନସଭାରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ଖୁଣ୍ଟିଆ ଦେଇଥିବା ତଥ୍ୟରୁ ଜଣାପଡ଼ିଛି ଯେ୨୦୧୯ରେ ଢେଙ୍କାନାଳ ବନଖଣ୍ଡରେ ୬ଟି, ୨୦୨୦ରେ ୧୪ଟି, ୨୦୨୧ରେ ୪ଟି, ୨୦୨୨ରେ ୬ଟି ଓ ୨୦୨୩ରେ ୪ଟି ବନ୍ୟଜନ୍ତୁ ଦେହାବଶେଷ (ୱାଇଲ୍ଡ ଲାଇଫ୍ ଆର୍ଟିକିଲ୍) ଜବତ ହୋଇଛି। ଯେଉଁଥିରେ ହାତୀ ଦାନ୍ତ ସହ ଅନ୍ୟାନ୍ୟ ବନ୍ୟଜନ୍ତୁଙ୍କ ଦେହାବଶେଷ ରହିଛି। ଯାହା ରାଜ୍ୟରେ ତୃତୀୟ ସ୍ଥାନ ଅଧିକାର କରିଛି। ଉକ୍ତ ତଥ୍ୟ ଅନୁସାରେ ବନ୍ୟଜନ୍ତୁ ଦେହାବଶେଷ ଜବତରେ କଳାହାଣ୍ଡି ସାଉଥ୍ ଡିଭିଜନ୍ ପ୍ରଥମ (୨୧୫), ଖୋର୍ଦ୍ଧା ଡିଭିଜନ୍ ଦ୍ୱିତୀୟ (୩୭)ରେ ରହିଛି। ଏହା ପଛକୁ ୫ବର୍ଷରେ ଢେଙ୍କାନାଳରେ ଜବତ ହୋଇଛି ୩୪ଟି ବନ୍ୟଜନ୍ତୁ ଅଂଶବିଶେଷ। ଅନ୍ୟପଟେ ଗତ ୫ବର୍ଷ ଭିତରେ ଜଣେ ବି ବନ୍ୟଜନ୍ତୁ ଶିକାର ମାମଲାରେ ଦଣ୍ଡିତ ହୋଇ ନାହାନ୍ତି। ରାଜ୍ୟ ଏହି ସମୟ ଭିତରେ ୧୮ଜଣ ଦଣ୍ଡିତ ହୋଇଥିବା ବେଳେ ଢେଙ୍କାନାଳ ଏ କ୍ଷେତ୍ରରେ ପଛରେ ରହିଛି। ବିଧାନସଭା ତଥ୍ୟ ମୁତାବକ, ୨୦୧୯ରେ ଢେଙ୍କାନାଳ ବନଖଣ୍ଡରେ ୪୭ଜଣଙ୍କ ନାଁରେ ମାମଲା ରୁଜୁ ହୋଇଥିଲା। ସେହିପରି ୨୦୨୦ରେ ୪୨ଜଣ, ୨୦୨୧ରେ ୧୯ଜଣ, ୨୦୨୦ରେ ୨୭ଜଣ, ୨୦୨୨ରେ ୨୭ଜଣ, ୨୦୨୩ରେ ୨୨ଜଣ ଓ ୨୦୨୪ ଜୁନ ମାସ ସୁଦ୍ଧା ଜଣଙ୍କ ନାଁରେ ମାମଲା ରୁଜୁ ହୋଇଛି। ଏହି ୫ବର୍ଷ ଭିତରେ ମୋଟ୍ ଉପରେ ୧୫୮ଜଣଙ୍କ ନାଁରେ ବନବିଭାଗ ମାମଲା ରୁଜୁ କରିଥିଲାବେଳେ ଜଣଙ୍କୁ ବି ଦୋଷୀସାବ୍ୟସ୍ତ କରାଯାଇନାହିଁ। ଏ ସମ୍ପର୍କରେ ଢେଙ୍କାନାଳ ବନଖଣ୍ଡ ଅଧିକାରୀ ସୁମିତ କରଙ୍କ କହିବା ମୁତାବକ ୧୦/୧୫ ବର୍ଷ ତଳେ ଶିକାରୀ ଯେଭଳି ଆତଙ୍କ ଖେଳାଉଥିଲେ ଏବେ ସେଭଳି ନାହିଁ। ଘଞ୍ଚ ଜଙ୍ଗଲ ଭିତରେ ବନବିଭାଗର ୱାଚ୍ ଟାୱାର ନିର୍ମାଣ ସହ ଭିଏଚ୍ଏଫ୍ ସୁବିଧା, କର୍ମଚାରୀଙ୍କ ପାଟ୍ରୋଲିଂ ଶିକାର କମାଇଛି। ଗତ ୫ବର୍ଷ ଭିତରେ ଉନ୍ନତ ଜ୍ଞାନକୌଶଳ ସହଯୋଗରେ ବନ୍ୟଜନ୍ତୁ ଦେହାବଶେଷ ଜବତ ଓ ଚିହ୍ନଟ ସହଜ ହୋଇଛି। ବନବିଭାଗର ଚଢ଼ଉ, ଜନସଚେତନତା ଆଦି ମଧ୍ୟ ସହାୟକ ହୋଇଛି। ଶିକାରୀମାନଙ୍କ ପରବର୍ତ୍ତୀ ପିଢ଼ି ଆଉ ଶିକାର ରାସ୍ତାରେ ନାହାନ୍ତି। ଗିରଫ ଅଭିଯୁକ୍ତଙ୍କୁ ଦୋଷୀସାବ୍ୟସ୍ତ ପ୍ରସଙ୍ଗରେ ଶ୍ରୀ କର କହିଛନ୍ତି, ଏହା ବିଭାଗ ପାଇଁ ନିଶ୍ଚିତ ଚିନ୍ତାଜନକ ବୋଲି ସ୍ୱୀକାର କରୁଛୁ। ନିକଟରେ ଏ ସମ୍ପର୍କରେ ରେଞ୍ଜର, ଫରେଷ୍ଟର, ଅନ୍ୟ କର୍ମଚାରୀଙ୍କ ସହିତ ପବ୍ଲିକ୍ ପ୍ରୋସିକ୍ୟୁଟର ଓ ଏପିପିଙ୍କୁ ନେଇ ୨ଟି କର୍ମଶାଳା ଆୟୋଜିତ ହୋଇଥିଲା। ଦୋଷୀ କିଭଳି ଖସି ଯାଉଛନ୍ତି ଓ ସେନେଇ ଆଇନ୍‌ରେ ଥିବା ଗଳାବାଟ ସମ୍ପର୍କରେ ଆଲୋଚନା ହୋଇଥିଲା। ନିକଟରେ ୨/୩ ଟି ମାମଲାରେ ଶିକାରୀଙ୍କୁ ଜାମିନ୍ ମିଳିନାହିଁ। ଆଗକୁ ଆମ ଦ୍ୱାରା ରହିଯାଉଥିବା ତ୍ରୁଟିକୁ ସୁଧାରି ଦୋଷୀଙ୍କୁ ଅଦାଲତରେ ଦଣ୍ଡିତ କରିବା ଦିଗରେ ଆମେ କାମ କରିବୁ ବୋଲି ସେ କହିଥିଲେ।

ଅଧପନ୍ତରିଆ ପୂର୍ତ୍ତ ବିଭାଗର ସବୁ ପ୍ରକଳ୍ପ

ଅଧାଗଢା ଅବସ୍ଥାରେ ଛାଡି ଦେଇଛନ୍ତି ରିଂରୋଡ୍

ସୁବର୍ଣ୍ଣପୁର, ନ୍ୟୁଜ ବ୍ୟୁରୋ

ସୋନପୁର ସହରର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପକୁ ହାତକୁ ନେଇ ଅଧପନ୍ତରିଆ ଭାବେ ପୂର୍ତ୍ତ ବିଭାଗ ପକାଇ ରଖିଛି । ବର୍ଷ ବର୍ଷ ପର୍ଯ୍ୟନ୍ତ ଅଧାଗଢା ଅବସ୍ଥାରେ ବହୁ ପ୍ରକଳ୍ପ ପଡି ରହିଥିଲେ ମଧ କାମର ଅଗ୍ରଗତି ହେଉନାହିଁ । ଏହି ଅଧପନ୍ତରିଆ ପ୍ରକଳ୍ପ ଦ୍ୱାରା ସ୍ଥାନୀୟ ଲୋକେ ବହୁ ହଇରାଣ ହେଉଛନ୍ତି। ଲୋକେ ଯେତେ ଅସୁବିଧାରେ ପଡିଲେ ମଧ ସ୍ଥାନୀୟ ଅଧିକାରୀ ନିଦା ବିଷ୍ଣୁ ସାଜିଛନ୍ତି । ପୂର୍ତ୍ତ ବିଭାଗ ନିର୍ମାଣାଧୀନ ମହାନଦୀ ବ୍ରିଜ୍ ଠାରୁ ତେଲନଦୀ ବ୍ରିଜ୍ ଯାଏଁ ଚାରିଥାକିଆ ରାସ୍ତା ଧାର୍ଯ୍ୟ ସମୟଠାରୁ ବହୁ ବିଳମ୍ବରେ ସଂପୂର୍ଣ୍ଣ ହୋଇଥିଲା । ସୁରେଶ୍ୱରୀ ମନ୍ଦିର-ସୁବର୍ଣ୍ଣମେରୁ ମନ୍ଦିର ରାସ୍ତାର ବ୍ରିଜ୍ ନିର୍ମାଣ କାମ ସରି ପାରୁନାହିଁ । ସେହିଭଳି ସୋନପୁର ସହର ପାଇଁ ଗୁରୁତ୍ୱ ବହନ କରୁଥିବା ରିଂରୋଡ୍ର ନିର୍ମାଣ କାମ ମଧ ତ୍ୱରାନ୍ୱିତ ହୋଇ ପାରୁନାହିଁ । ଅଧପନ୍ତରିଆ ଭାବେ ପୂର୍ତ୍ତ ବିଭାଗ କାମ ପକାଇ ରଖିଛି । ଏହି ରିଂରୋଡ୍ ନିର୍ମାଣ ପାଇଁ ବିଭିନ୍ନ ଘାଟରେ ଖୋଳାଖୋଳି କରି ଦେଇଥିବାରୁ ସ୍ନାନ ଓ ଶୌଚ ପାଇଁ ସ୍ଥାନୀୟ ଅଧିବାସୀମାନେ ବହୁ ହଇରାଣ ହେଉଛନ୍ତି ।

କାହାର ଗୋଡ ଖସି ଯାଉଛି ତ କିଏ ସ୍ନାନ ପାଇଁ ଘାଟକୁ ଓହ୍ଲାଇ ପାରୁନାହିଁ । ୨୦୨୨ରେ ଏହି ରିଂରୋଡ୍ କାର୍ଯ୍ୟ ସଂପୂର୍ଣ୍ଣ ହେବା କଥା, ଏବେ ୨୦୨୪ ଜୁଲାଇ ମାସ ହେଲାଣି ହେଲେ ଏହି ପ୍ରକଳ୍ପ ଅଧାଗଢା ଅବସ୍ଥାରେ ପଡି ରହିଛି । ପୋର୍ଟାଲ୍ ଫ୍ରେମ୍ ନିର୍ମାଣରେ ଅହେତୁକ ବିଳମ୍ବ ଯୋଗୁଁ ରିଂରୋଡ୍ ନିର୍ମାଣ କାମ ତ୍ୱରାନ୍ୱିତ ହୋଇ ପାରୁନାହିଁ । ମହାନଦୀ ପଟୁ ଘୋଡାଘାଟପଡା ଏବଂ ତେଲନଦୀ ପଟୁ କୁମ୍ଭାରପଡାଠାରେ ଅଟକି ଯାଇଛି ରିଂରୋଡ । କୁମ୍ଭାରପଡାଠାରୁ ଦଶମତୀ ଘାଟ ପର୍ଯ୍ୟନ୍ତ ନିର୍ମାଣ ହେବାକୁଥିବା ପୋର୍ଟାଲ ଫ୍ରେମ ବ୍ରିଜ ନିର୍ମାଣ ପାଇଁ ଖୋଳାଖୋଳି କରି ପକାଇ ରଖିଛନ୍ତି । ପ୍ରଥମେ ଜଳସଂପଦ ବିଭାଗ ପକ୍ଷରୁ ୨୦୧୧ରେ ଏହି ରିଂରୋଡ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଥିଲା । ପରେ ଜଳସଂପଦ ବିଭାଗଠାରୁ ପୂର୍ତ୍ତ ବିଭାଗକୁ ରିଂରୋଡ ନିର୍ମାଣ କାମ ହସ୍ତାନ୍ତର ହୋଇଥିଲା । ପୂର୍ତ୍ତ ବିଭାଗ ପକ୍ଷରୁ କାମ ତ୍ୱରାନ୍ୱିତ ହେବ ବୋଲି ଲୋକେ ଆଶା କରୁଥିଲେ କିନ୍ତୁ ଫଳ ତା'ର ବିପରୀତ ହେଲା । ପୂର୍ତ୍ତ ବିଭାଗ ଦିନ ଗଡାଇ ଚାଲିଲା । ତେବେ ଆଶ୍ଚର୍ଯ୍ୟ କଥା ପୂର୍ତ୍ତ ବିଭାଗର ତତ୍କାଳୀନ ନିର୍ବାହୀ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତଙ୍କ ସମୟରେ ରିଂରୋଡ୍ କାମ ଆରମ୍ଭ ହୋଇଥିଲା । କାମ ଅଧପନ୍ତରିଆ ହୋଇ ରହିଗଲା ସିନା ହେଲେ ଇଂ ଦାମୋଦର କୈବର୍ତ୍ତ ପଦୋନ୍ନତି ପାଇ ନିର୍ବାହୀ ଯନ୍ତ୍ରୀରୁ ଅଧୀକ୍ଷଣ ଯନ୍ତ୍ରୀ ହୋଇଗଲେ। ପୂର୍ତ୍ତ ବିଭାଗ ଦ୍ୱାରା ନିର୍ମିତ ତେଲନଦୀ ପଟରୁ ୨୪୦୦ ମିଟର ଏବଂ ମହାନଦୀ ପଟରୁ ୧୫୦୦ ମିଟର ପିଚୁ ରାସ୍ତା ନିର୍ମାଣ ହୋଇଛି। ଏହାସହ ଦୁଇଟି ବ୍ରିଜ ଏବଂ ରିଟେନିଂ ୱାଲ ମଧ ନିର୍ମାଣ କରାଯାଇଛି । ଏହା ନିର୍ମାଣ ହେବା ସତ୍ତ୍ୱେ ମଧ ଏହି ରିଂରୋଡ ଲୋକଙ୍କ କାମରେ ଆସୁନାହିଁ। ଏସଂପର୍କରେ ଜାଣିବା ପାଇଁ ପୂର୍ତ୍ତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ଇଂ ଦାମୋଦର କୈବର୍ତ୍ତଙ୍କୁ କଲ୍ କଲେ କଲ୍ ରିସିଭ୍ କରୁନାହାନ୍ତି କି ଅଫିସ୍‌କୁ ଗଲେ ଦେଖା ଦେଉନହାନ୍ତି । ଏପଟେ ରିଂରୋଡ୍ କାମ ଶୀଘ୍ର ନସରିଲେ ଆନ୍ଦୋଳନ ପାଇଁ ସ୍ଥାନୀୟ ଲୋକେ ଚେତାବନୀ ଦେଲେଣି ।

କେନ୍ଦୁଝରରେ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ଦାବି କଲେ ସାଂସଦ

କେନ୍ଦୁଝର, ନ୍ୟୁଜ

ସଂସଦର ପ୍ରଥମ ଅଧିବେସନରେ କେନ୍ଦୁଝରରେ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ଦାବି କଲେ ସାଂସଦ ଅନନ୍ତ ନାୟକ। ସାଂସଦ ଶ୍ରୀ ନାୟକ ନିର୍ବାଚନରେ ଜନତାଙ୍କୁ ଦେଇଥିବା ପ୍ରତିଶ୍ରୁତି ମଧ୍ୟରୁ ପ୍ରଥମେ କେନ୍ଦୁଝରରେ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ନେଇ ସଂସଦରେ ଦାବି ଉପସ୍ଥାପନ କରି ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ଶ୍ରୀ ନାୟକ କହିଛନ୍ତି ବାରମ୍ବାର ଦାବି ପରେ ମଧ୍ୟ ବିପୁଳ ମାତ୍ରାରେ ଖଣିଜ ସମ୍ପଦ ଓ ଅନ୍ୟ ଆନୁଷଙ୍ଗିକ ସୁବିଧା ରହିଥିବା ସତ୍ତ୍ୱେ କେନ୍ଦୁଝର ଜିଲ୍ଲାରେ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଇ ନାହିଁ । ଏହା ଦ୍ୱାରା ଏହି ଅଞ୍ଚଳ ଅବହେଳିତ ହୋଇ ରହିବା ସହ କେନ୍ଦୁଝର ଜିଲ୍ଲାର ଯୁବକମାନଙ୍କୁ କର୍ମ ନିଯୁକ୍ତି ସନ୍ଧାନରେ ଅନ୍ୟ ରାଜ୍ୟକୁ ଯିବାକୁ ବାଧ୍ୟ ହେବାକୁ ପଡୁଛି । ତେଣୁ ଜିଲ୍ଲାରେ ଏକ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରାଯାଉ । ସଂସଦ ଅଧିବେଶନର ପ୍ରଥମ ଦିନରେ କେନ୍ଦୁଝର ସାଂସଦ ଅନନ୍ତ ନାୟକ ଜୋରଦାର ଭାବେ ଜିଲ୍ଲାର ଏହି ପୁରୁଣା ଦାବିକୁ ଉଠାଇଛନ୍ତି । କେବଳ ସେତିକି ନୁହେଁ ସେ କେନ୍ଦୁଝରରେ ଷ୍ଟିଲ ପ୍ଲାଣ୍ଟ ସ୍ଥାପନା ପାଇଁ ବଳିଷ୍ଠ ଯୁକ୍ତି ମଧ୍ୟ ଉପସ୍ଥାପନ କରିଛନ୍ତି । ଶ୍ରୀ ନାୟକ ଲୋକସଭାରେ ଏହି ପ୍ରସଙ୍ଗ ଉଠାଇ କହିଛନ୍ତି ଯେ ଓଡ଼ିଶା –ଝାଡଖଣ୍ଡ ସୀମାରେ ଥିବା କେନ୍ଦୁଝର– ସିଂହଭୂମି- ବଣେଇ କରିଡର ଖଣିଜ ପଦାର୍ଥରେ ପରିପୂର୍ଣ୍ଣ। ଏହି କରିଡରର ବଡ ଭାଗ କେନ୍ଦୁଝର ଜିଲ୍ଲାରେ ରହିଛି। ୨୫ ଶହ ମିଲିୟନ ଟନର ଏସିଆର ସବୁଠାରୁ ବଡ ଓ ସବୁଠାରୁ ଅଧିକ ବିକଶିତ ଲୌହ ଖଣିଜ ରିଜର୍ଭ କେନ୍ଦୁଝର ଜିଲ୍ଲାରେ ରହିଛି । ସରକାରଙ୍କ ଦ୍ୱାରା ଏହି ଖଣିମାନଙ୍କୁ ଖଣିଜ ପଦାର୍ଥ ରପ୍ତାନୀ କରାଯାଉଛି । ଏତେ ଖଣିଜ ସମ୍ପଦରେ ପରିପୂର୍ଣ୍ଣହୋଇଥିବା ସତ୍ତ୍ୱେ କେନ୍ଦୁଝର ଜିଲ୍ଲା ଅତ୍ୟନ୍ତ ପଛୁଆ ଅଞ୍ଚଳ ହୋଇ ରହିଛି । ଏହି ଅଞ୍ଚଳର ଯୁବକମାନଙ୍କ ପାଇଁ ରୋଜଗାର ସୁଯୋଗର ଅଭାବ ରହିଛି । ତେଣୁ ସେମାନେ ବାଧ୍ୟ ହୋଇ ରୋଜଗାର ପାଇଁ ଅନ୍ୟ ରାଜ୍ୟ କିମ୍ବା ସହରମାନଙ୍କୁ ପଳାୟନ କରିବାକୁ ବାଧ୍ୟ ହେଉଛନ୍ତି । କେନ୍ଦୁଝରରେ ରହିଥିବା ଏହି ଉଚ୍ଚ ମାନର ଖଣିଜର ସଠିକ ବ୍ୟବହାର ପାଇଁ ଜିଲ୍ଲାରେ ଏକ ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା କରିବାର ଆବଶ୍ୟକତା ରହିଛି । ଏହା ଦ୍ୱାରା କେବଳ ଯେ ଏହି ଅଞ୍ଚଳର ସର୍ବାଙ୍ଗୀନ ବିକାଶ ହୋଇ ପାରିବ ତା' ନୁହେଁ ବରଂ ସ୍ଥାନୀୟ ଯୁବକମାନଙ୍କ ପାଇଁ ରୋଜଗାର ସୃଷ୍ଟି ହୋଇ ପାରିବ। ଏହି ମେଗା ଷ୍ଟିଲ ପ୍ଲାଣ୍ଟ ପ୍ରତିଷ୍ଠା ପାଇଁ ଆବଶ୍ୟକୀୟ ଭିତ୍ତିଭୂମି ଯେପରିକି ବନ୍ଦର ଯାଏ କନେକ୍ଟିଭିଟି, ରେଳ କନେକ୍ଟିଭିଟି ଓ ଜାତୀୟ ରାଜପଥ କନେକ୍ଟିଭିଟି ଏଠାରେ ରହିଛି । ତେଣୁ କେନ୍ଦୁଝର ଜିଲ୍ଲାରେ ମେଗା ଷ୍ଟିଲ ପ୍ଲାଣ୍ଟ ପାଇଁ ଆବଶ୍ୟକ ପଦକ୍ଷେପ ଯଥା ଶୀଘ୍ର ନେବାକୁ ସାଂସଦ ଅନନ୍ତ ନାୟକ ଦାବି କରିଛନ୍ତି ।

ନକଲି ଡାକ୍ତରଙ୍କର ଜାମିନ ଆବେଦନ ଖାରଜ

କେନ୍ଦ୍ରାପଡ଼ା, ନ୍ୟୁଜ ବ୍ୟୁରୋ

କେନ୍ଦ୍ରାପଡା ସହରର ମଧ୍ୟସ୍ଥଳୀ ବଳଗଣ୍ଡି ବଜାରରେ ଥିବା ଆରିୟାନ ପାଥୋଲାବକୁ ପ୍ରଶାସନ ଚଢଉ କରି ଏହାର ବୈଧ ଅନୁମୋଦନ ପତ୍ର ନଥିବା ଓ ବିନା ଲାଇସେନ୍ସରେ ଚାଲିଥିବା କାରଣରୁ ଏହାକୁ ସିଲ କରିଥିଲା । ଏହା ସହିତ ଏହି ପାଥୋଲ୍ୟାବର ମାଲିକ ତଥା ନିଜକୁ ଡାକ୍ତର କହୁଥିବା ଅମୂଲ୍ୟ କୁମାର ନାୟକଙ୍କୁ ଗିରଫ କରିଥିଲା । କେନ୍ଦ୍ରାପଡା ଟାଉନ ପୋଲିସ କେସ୍ ନଂ-୧୫୯/୨୪ ଓ ଜିଆର କେଶ ନଂ-୧୪୩୬/୨୪ରେ ପ୍ରାୟ ୧୦ରୁ ଉର୍ଦ୍ଧ୍ୱ ଦଫା ଗୁଡିକ ଲଗାଇ ଅଭିଯୁକ୍ତ କୁ କୋର୍ଟ ଚାଲାଣ କରା ଯାଇଥିଲା । ଅଭିଯୁକ୍ତ ଅମୂଲ୍ୟ କୋର୍ଟରେ ଜାମିନ ଆବେଦନ କରିବାରୁ ବିଚାରପତି ଅଭିଯୁକ୍ତର ଦଫା ଅନୁଧାନ କରିବା ସହ ସରକାରୀ ଓକିଲ ନିରଞ୍ଜନ ବଳ ଜାମିନକୁ ଦୃଢ ବିରୋଧ କରିବାରୁ ବିଚାରପତି ତାଙ୍କ ଜାମିନ ଆବେଦନକୁ ଖାରଜ କରି ୧୫ ଦିନ ପାଇଁ ବିଚାର ବିଭାଗ ହାଜତକୁ ପଠାଇ ଥିବା ଜଣାପଡିଛି ।

ସୋଆ ପକ୍ଷରୁ ହାଇଦ୍ରାବାଦରେ ଆଲିଶିପ୍ ଆୟୋଜିତ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

କର୍ପୋରେଟ ଜଗତର ୬୦ରୁ ଉର୍ଦ୍ଧ୍ୱ ନେତୃବୃନ୍ଦ ଓ ମାନବ ସମ୍ବଳ ଅଧିକାରୀ ଗତ ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପକ୍ଷରୁ ହାଇଦ୍ରାବାଦଠାରେ ଆୟୋଜିତ ଲିଡରସିପ୍ କନ୍‌କ୍ଲେଭ୍ 'ଆଲିଶିପ୍ ++' ରେ ଯୋଗ ଦେଇଥିଲେ। ଶିକ୍ଷା ଓ କର୍ପୋରେଟ ଜଗତ ମଧ୍ୟରେ ଥିବା ବ୍ୟବଧାନକୁ ଯୋଡ଼ିବା ଏହି କାର୍ଯ୍ୟକ୍ରମର ମୂଳ ଲକ୍ଷ୍ୟ ଥିଲା। କାର୍ଯ୍ୟକ୍ରମରେ ପୂର୍ବତନ ଭାରତୀୟ କ୍ରିକେଟର ଆର୍ଶଦ ଆୟୁବ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନେତୃତ୍ୱର ଗୁରୁତ୍ୱ ବିଷୟରେ ମତ ବ୍ୟକ୍ତ କରିବା ସହ ବର୍ତ୍ତମାନର ବ୍ୟବସାୟିକ ପରିବେଶରେ ସହଯୋଗିତା ଉପରେ ଗୁରୁତ୍ୱାରୋପ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ହ୍ୟୁମାନ୍ ଏଜ୍ (ଏନ୍‌ଟରପ୍ରାଇଜେସ୍)ର ସିଏକ୍ସଓ ଉପଦେଷ୍ଟା ଶ୍ରୀ ରୋହିତ ଆଦ୍‌ଲାଖା, ଇନ୍‌ଟିଗ୍ରାମାଇଣ୍ଡସ୍‌ର ଟ୍ୟାଲେଣ୍ଟ ଆକ୍ୱିଜିସନ୍ ଷ୍ଟ୍ରାଟେର୍ଜିଷ୍ଟ ଲବନମ୍ ଅମ୍ବାଲା, କ୍ଲାଉଡିନ୍‌ର ଭାଇସ୍ ପ୍ରେସିଡେଂଟ (ଇଂଜିନିୟରିଂ) ପୁଷ୍କାଲା ବାଲସୁବ୍ରମନିୟମ୍, ୟୁପିଏସ୍‌ର ପୂର୍ବତନ ଷ୍ଟ୍ରାଟେଜିକ୍ ଥଟ୍ ଲିଡର କିରଣମଲ୍ ପେଣ୍ଡିୟାଲା, ଇନୋଭାର ଗ୍ରୁପ୍ ଭାଇସ୍ ପ୍ରେସିଡେଂଟ ଡକ୍ଟର ଉମେଶ ଉଦୟପ୍ରକାଶ ଏବଂ ସିଏସ୍ଆଇଆର୍‌ର ବୈଜ୍ଞାନିକ ଡକ୍ଟର ବାପୁଜୀ ମାରିନ୍‌ଗାନ୍ଟି କାର୍ଯ୍ୟକ୍ରମରେ ପାନେଲିଷ୍ଟ ଭାବେ ସାମିଲ ହୋଇଥିଲେ। ଆଲିସିପ୍ ++ ଏଭଳି ଏକ ମଞ୍ଚ ପ୍ରଦାନ କରିଥାଏ ଯେଉଁଠାରେ କି ଶିକ୍ଷାବିତ୍ ଏବଂ କର୍ପୋରେଟ ଜଗତର ନେତୃବୃନ୍ଦଙ୍କୁ ସେମାନଙ୍କର ଅନୁଭୂତି ବଖାଣିବା ସହ ଭବିଷ୍ୟତ ପାଇଁ ନିଜର ନେଟୱାର୍କ ଓ ସହଯୋଗିତା ବୃଦ୍ଧି କରିବା ପାଇଁ ସାହାଯ୍ୟ କରିଥାଏ। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବକ୍ତାମାନେ ଆଲିସିପ୍ ନେଇ ନିଜର ମହତ୍ୱପୂର୍ଣ୍ଣ ମତ ରଖିବା ସହ ଏହାକୁ କିଭଳି କାର୍ଯ୍ୟକ୍ଷେତ୍ର ତଥା ନିଜର ବ୍ୟକ୍ତିଗତ ଜୀବନରେ ବ୍ୟବହାର କରାଯାଇପାରିବ ତାହାକୁ ନେଇ ଆଲୋଚନା କରିଥିଲେ। ଅନୁଷ୍ଠାନ କ୍ଷେତ୍ରରେ ମଧ ଆଲିସିପ୍‌ର ଆବଶ୍ୟକତାକୁ ନେଇ ମଧ ବକ୍ତାମାନେ ତଥ୍ୟ ରଖିଥିଲେ। କନ୍‌କ୍ଲେଭ୍‌ରେ ଉଦ୍‌ଭାବନ ଏବଂ ବିକାଶ କ୍ଷେତ୍ରରେ ଶିକ୍ଷାନୁଷ୍ଠାନ ଏବଂ କର୍ପୋରେଟ ଜଗତରେ କିଭଳି ଅଧିକ ସହଯୋଗ ଆବଶ୍ୟକତା ରହିଛି ସେ ନେଇ ଆଲୋଚନା କରାଯାଇଥିଲା। ସୋଆର ଡିନ୍ (ପ୍ଲେସ୍‌ମେଣ୍ଟ, କ୍ୟାରିୟର ଡେଭ୍‌ଲପ୍‌ମେଣ୍ଟ ଆଣ୍ଡ ଇଣ୍ଡଷ୍ଟ୍ରି କୋଲାବୋରେସନ୍) ପ୍ରଫେସର ଡକ୍ଟର ରାଜ କୁମାର ହୋତା କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଡିନ୍ (ସ୍ପନ୍‌ସର୍ଡ ରିସର୍ଚ୍ଚ ଆଣ୍ଡ ଇଣ୍ଡଷ୍ଟ୍ରି କନ୍‌ସଲ୍‌ଟାନ୍ସି) ଡକ୍ଟର ପି.କେ. ପାତ୍ର ଉପସ୍ଥିତ ଥିଲେ।

କାର୍ଯ୍ୟକାରୀ ହେବ କାରାଗାର ପରିଚାଳନା ବ୍ୟବସ୍ଥା

ବ୍ରହ୍ମପୁର, ନ୍ୟୁଜ ବ୍ୟୁରୋ

ମଣ୍ଡଳ କାରାଗାରରେ କାର୍ଯ୍ୟକାରୀ ହେବ କାରାଗାର ପରିଚାଳନା ବ୍ୟବସ୍ଥା । ଏହି ପ୍ରିଜନ ମ୍ୟାନେଜମେଣ୍ଟ ସିଷ୍ଟମ୍ ବା ପିଏମ୍ଏସ୍ ଆପ୍‌ରେ ରହିବ ସମସ୍ତ କଏଦୀଙ୍କ ଦୃଶ୍ୟ । କେଉଁ କଏଦୀ କେତେବେଳେ ଜେଲ୍ ଆସିଲେ, ପୂର୍ବେରୁ କେତେ ଥର ଜେଲକୁ ଆସିଥିଲେ ଏଭଳି ସମସ୍ତ ତଥ୍ୟ ଏହି ଆପ୍‌ରେ ରହିବ । ସେହିପରି କୁଖ୍ୟାତ ଅପରାଧୀଙ୍କ ତଥ୍ୟ ମଧ୍ୟ ହିଟ୍ ଲିଷ୍ଟରେ ରହିବ । ଏହାବାଦ ଜେଲ୍‌ରେ ଥିବା ସମସ୍ତ ୱାର୍ଡ଼ରେ ଥିବା ସିସିଟିଭି କ୍ୟାମେରା ତଥ୍ୟ ଜେଲ୍ ମଧ୍ୟକୁ ଆସୁଥିବା ଜେଲ କର୍ମଚାରୀ ଓ କଏଦୀଙ୍କ ସମ୍ପର୍କୀୟ, କଏଦୀ ଓ ସମ୍ପର୍କୀୟଙ୍କ ମଧ୍ୟରେ କଥାବାର୍ତ୍ତା ବିଭିନ୍ନ ତଥ୍ୟ ଏହି ଆପ୍ ମାଧ୍ୟମରେ କାର୍ଯ୍ୟକାରୀ ହୋଇପାରିବ । ଯାହା କାରାଗାରର ସୁରକ୍ଷା ବ୍ୟବସ୍ଥା ସହ ଶୃଙ୍ଖଳା ବୃଦ୍ଧି କରିବାର ସହାୟକ ହୋଇପାରିବ ବୋଲି କୁହାଯାଇଛି । ପିଏମ୍ଏସ୍ ବ୍ୟବସ୍ଥାରେ ଅନେକ ସୁବିଧା ରହିଛି। ଏହାକୁ ବ୍ରହ୍ମପୁର ମଣ୍ଡଳ କାରାଗାରର ସମସ୍ତ ୱାର୍ଡ଼ ଓ ବିଭିନ୍ନ ସ୍ଥାନରେ ଲଗାଯିବ । ଏହି ଆପ୍ ଦ୍ୱାରା କଏଦୀଙ୍କ ସମସ୍ତ ତଥ୍ୟ ରହିବ । କାରାଗାରର ବିଭିନ୍ନ ୱାର୍ଡ଼ରେ ଲାଗିଥିବା ସିସିଟିଭି କ୍ୟାମେରା ସହ ଏହି ପିଏମ୍ଏସ୍ ଆପକୁ ସଂଯୋଗ କରାଯାଇଛି । ଫଳରେ ୱାର୍ଡ଼ରେ ଥିବା କଏଦୀମାନେ କ'ଣ କରୁଛନ୍ତି ତାହା ଏହି ଆପ୍ ମାଧ୍ୟମରେ ଜାଣିହେବ । କାରାଗାର କର୍ମଚାରୀମାନେ ମଧ୍ୟ କର୍ତ୍ତବ୍ୟରେ ଅବହେଳା କଲେ ଏହି ଆପ୍ ଦ୍ୱାରା ଅଧିକାରୀମାନେ ଜାଣିପାରିବେ । ପିଏମ୍ଏସ୍ ଆପ୍ ମାଧ୍ୟମରେ ବାୟୋମେଟ୍ରିକ୍ ବ୍ୟବସ୍ଥା କରାଯାଇଛି । ଯାହା କର୍ମଚାରୀଙ୍କ ଯିବା ଆସିବା ସମୟକୁ ରେକର୍ଡ଼ କରିବା ସହ ବାହାର କେତେବେଳେ ଡ୍ୟୁଟି ରହୁଛି ଓ ସେ ଡ୍ୟୁଟିକୁ ଠିକ୍ ସମୟରେ ଆସୁଛନ୍ତି କି ନାହିଁ ତାହା ଜଣାପଡ଼ିବ । ସବୁଠାରୁ ବଡ଼କଥା ହେଲା କେଉଁ ୱାର୍ଡ଼ରେ କେତେ କଏଦୀ ରହୁଛନ୍ତି ତାହା ଜାଣିହେବା ସହ ଯଦି କୌଣସି ୱାର୍ଡ଼ରେ କଏଦୀଙ୍କ ମଧ୍ୟରେ ଗଣ୍ଡଗୋଳ ହେଲା କି କାହାର ସ୍ୱାସ୍ଥ୍ୟ ଖରାପ ହେଲା ତେବେ ୱାର୍ଡ଼ରେ ଲଗାଯାଇଥିବା ପାନିକ୍ ବଟନ୍ ଚିପିବା ଦ୍ୱାରା ପିଏମ୍ଏସ୍ ଆପ୍‌ରେ ତାହା ଜେଲ୍‌ର ବରିଷ୍ଠ କର୍ମଚାରୀମାନେ ଜାଣିପାରିବେ । ପ୍ରତି ୱାର୍ଡ଼ରେ ଥିବା ଫିଙ୍ଗରପ୍ରିଣ୍ଟ ବ୍ୟବସ୍ଥା ଦ୍ୱାରା କଏଦୀମାନେ ଜେଲ୍‌ର ବରିଷ୍ଠ ଅଧିକାରୀଙ୍କ ବିନା ଅନୁମତିରେ ନିଜ ୱାର୍ଡ଼ରୁ ବାହାରକୁ ବାହାରିପାରିବ ନାହିଁ କିମ୍ବା କ୍ୟାମ୍ପସ୍ ବାହାରକୁ ଯାଇପାରିବ ନାହିଁ । ଯଦି କୌଣସି ନିୟମକୁ କଏଦୀମାନେ ଖିଲାପ କରୁଛନ୍ତି ତେବେ କେଉଁ ୱାର୍ଡରେ ତାହା ହୋଇଛି ଓ ସମ୍ପୃକ୍ତ କଏଦୀର ନାମ ମଧ୍ୟ ପିଏମ୍ଏସ୍ ଆପ୍‌ରେ ଦେଖାଯିବ । ସେହିପରି କଏଦୀମାନେ ଯେଉଁ ସମୟରେ ନିଜ ସମ୍ପର୍କୀୟଙ୍କ ସହ କଥା ହେବେ ସ୍ୱୟଂଚାଳିତ ଭାବେ ସେମାନଙ୍କ କଥା ରେକର୍ଡ଼ିଂ ହୋଇ ଆପ୍‌ରେ ରହିବ । ଏହାଛଡ଼ା ଯେଉଁ କଏଦୀମାନଙ୍କ ସମ୍ପର୍କୀୟଙ୍କ ନମ୍ବର ଏଥିରେ ରହିଛି ସେହି ନମ୍ବର ବ୍ୟତୀତ ଆଉ କେଉଁ ନମ୍ବରରୁ ଡ଼ାଏଲ୍ କରି ସେମାନେ କଥା ହୋଇପାରିବେ ନାହିଁ । ରେକର୍ଡ଼ ହୋଇଥିବା କଲ୍‌କୁ ପିଏମ୍ଏସ୍ ଆପ୍ ଦ୍ୱାରା ଶୁଣିହେବ ବୋଲି ମଣ୍ଡଳ କାରାଗାରର ଅଧିକାରମାନେ ସୂଚନା ଦେଇଛନ୍ତି । ବ୍ରହ୍ମପୁର ମଣ୍ଡଳ କାରାଗାରରେ ଓଡ଼ିଶାର ବହୁ କୁଖ୍ୟାତ ଅପରାଧୀ ରହୁଥିବାରୁ ସେମାନଙ୍କର ଗତିବିଧି ଜାଣିବା ଠାରୁ ଆରମ୍ଭ କରି ଜେଲ୍‌ର ସୁରକ୍ଷାକୁ ଆହୁରି ବୃଦ୍ଧି କରିବାରେ ଏହି ପିଏମ୍ଏସ୍ ଆପ୍ ସହଯୋଗ କରିବ ବୋଲି କୁହାଯାଇଛି ।

ଆଜିର ଭଲମନ୍ଦ

ଗଣକ-ପଣ୍ଡିତ ଶ୍ରୀ ଚନ୍ଦ୍ରଶେଖର ନନ୍ଦ
(ବହୁ ଗ୍ରନ୍ଥପ୍ରଣେତା ଓ ଏକାଧିକ ଓଡ଼ିଆ ପାଞ୍ଜି ଗଣନାକାର)
ମୋବାଇଲ-୯୩୩୬୯୩୦୨୨
csnastrology@gmail.com

ଉଦୟକାଳୀନ ଗ୍ରହଚକ୍ର

କଳିକା ପଞ୍ଜିକା : ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

ତା୨୯।୭।୨୦୨୪, ଶ୍ରାବଣ ଦି୧୪ନ, ସୋମବାର

ସୂର୍ଯ୍ୟୋଦୟ- ଘ୫।୨୧।୨୭ **ଚନ୍ଦ୍ରୋଦୟ- ରାଘ ୧୨।୨୦।୧୧**

ନବମୀ- ସଂଘ ୫।୫୬ ପର୍ଯ୍ୟନ୍ତ । **ଦ୍ୱିଜା ନକ୍ଷତ୍ର** - ଦିଘ ୧୦।୫୬ ପର୍ଯ୍ୟନ୍ତ । **ମେଷ ଚନ୍ଦ୍ର**- ଦିଘ ୪।୪୫ ପର୍ଯ୍ୟନ୍ତ । **ଚନ୍ଦ୍ରଶୁଦ୍ଧି**- ବୃଷ, ମିଥୁନ, କର୍କଟ, ତୁଳା, ବିଛା, ମକର ଓ କୁମ୍ଭ ରାଶିର । ଦିଘ ୪।୪୫ ଗତେ ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । **ଘାତଚନ୍ଦ୍ର**- ମେଷ ରାଶିର । ଦିଘ ୪।୪୫ ଗତେ ବିଛା ରାଶିର । **ଶ୍ରାଦ୍ଧନିର୍ଣ୍ଣୟ**- ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- ଲାଉ ସଂଘ ୫।୫୬ ପରେ କଳମଶାଗ ଖାଇବା ମନା । **ଆଜିର ଶୁଭବେଳା**- ପ୍ରାଘ ୫।୨୫ ଗତେ ଘ ୭।୦୨ ମଧ୍ୟେ। ଦିଘ ୧୦।୩୫ ଗତେ ଘ ୧।୧୦ ମଧ୍ୟେ । **ପର୍ବୋତ୍ସବ**- ସ୍ୱାମୀ ଶିବାନନ୍ଦଙ୍କ ମହାପ୍ରୟାଣ ଦିବସ ।

ମେଷ: ସତ କଥା କହି ନିଜର ଲୋକଙ୍କ ପାଖରେ ବିରୋଧି ହୋଇପାରନ୍ତି। ନିଜର ଅନିଚ୍ଛା ସତ୍ତ୍ୱେ ହଠାତ୍ ଦୂରକୁ ଯାତ୍ରା କରିବାକୁ ପଡିପାରେ। ରୋଜଗାର ସ୍ଥିର ରହିବ। ଘରେ ଆନନ୍ଦ ଦେଖାଦେବ।



ବୃଷ: ଦୁଃସାଧ କାର୍ଯ୍ୟ କରି ସହଯୋଗ ଲାଭ କରିବେ। ଆୟ ଓ ବ୍ୟୟ ସମାନ ରହିବ।, ବନ୍ଧୁଙ୍କ ସହଯୋଗ ଲାଭ କରିବେ। ପାରିବାରିକ ଜୀବନ ସୁଖମୟ ହେବ। ମାଲିମୋକଦମାରେ ଶୁଣାଣି ବିଳମ୍ବ ହୋଇପାରେ।



ମିଥୁନ: କର୍ମକ୍ଷେତ୍ରରେ ସଫଳତା ପ୍ରାପ୍ତ ହେବ। ଯାନବାହାନ ଚାଳନାରେ ସାମାନ୍ୟ ସତର୍କତା ଅବଲମ୍ବନୀୟ । ଦେହ ଓ ମନ ଭଲ ରହିବ। ଆୟର ପରିମାଣ ବଢ଼ିପାରେ। ପାରିବାରିକ ସୁଖ ଶାନ୍ତି ଅବ୍ୟାହତ ରହିବ।



କର୍କଟ: ଶୁଭ ଖବର ପାଇ ଆନନ୍ଦିତ ହେବେ। ବ୍ୟବସାୟ ମଧ୍ୟମ ଧରଣର ହେବ। ପରିବାର ମଧ୍ୟରେ ଆନନ୍ଦର ଲହରୀ ଖେଳିବ। ଖର୍ଚ୍ଚର ମାତ୍ରା ବଢ଼ିପାରେ। ମାନସିକ ଦୁଶ୍ଚିନ୍ତା ମନକୁ ଆସିପାରେ।

ସିଂହ: ଅନେକ ଦିନରୁ ଅଟକି ରହିଥିବା କାମଟି ହେବାର ସମ୍ଭାବନା। ଦେହ ଓ ମନ ଭଲ ରହିବ। ପାରିବାରିକ ଜୀବନ ସୁଖମୟ ହେବ। ଅପେକ୍ଷା କରିଥିବା ଖବରଟି ପାଇପାରନ୍ତି। ଅୟ ଯୋଗ ମଧ୍ୟ।

କନ୍ୟା: ବ୍ୟବସାୟରେ ଆପଣଙ୍କୁ କ୍ଷତି ସହିବାକୁ ପଡିପାରେ। କୁ ଭୋଜନ କରି ଉଦର ପୀଡା ଦେଖାଦେଇପାରେ। ଆୟ ଅପେକ୍ଷା ବ୍ୟୟର ମାତ୍ରା ଅଧିକ ହେବ। ଘରେ କଳହ ଦେଖାଦେବାର ସୂଚନା।



ତୁଳା: ବ୍ୟବସାୟରୁ ଲାଭବାନ ହେବେ। ପାରିବାରିକ ଜୀବନ ହସିଲା ପୂରିଲା ହେବ। ବନ୍ଧୁଙ୍କ ସହ ଭେଟ ସହିତ ଆମୋଦ ପ୍ରମୋଦ ଲାଗିପାରେ। ଆୟ ଓ ବ୍ୟୟ ସମାନ ରହିବାର ସୂଚନା।



ବିଛା: ଶତ୍ରୁ ପରାସ୍ତ ହେବେ। ଆର୍ଥିକ ସ୍ଥିତି ସ୍ୱଚ୍ଛଳ ହେବ। ଚାକିରୀ କ୍ଷେତ୍ରରେ ଉନ୍ନତି ଦେଖାଦେବ। ଭ୍ରମଣ ଯୋଗ ରହିଛି। ପାରିବାରିକ ସୁଖ ଶାନ୍ତି ବିରାଜମାନ କରିବ। ମନ ଭଲ ରହିବ।

ଧନୁ: ହଠାତ୍ କୌଣସି ଏକ ଖବର ପାଇ ଆନନ୍ଦିତ ହୋଇପାରନ୍ତି। ଧର୍ମ କାର୍ଯ୍ୟ ନିମନ୍ତେ ଦିନଟି ଭଲ ଅଟେ। ପାରିବାରିକ ଜୀବନ ଶାନ୍ତି ମୟ ହେବ। ଆୟର ପରିମାଣ ବଢିବାର ସୂଚନା।

ମକର: ଘାତଚନ୍ଦ୍ର ହେତୁ ସାବଧାନତା ଅବଲମ୍ବନୀୟ। ପରିଶ୍ରମ ତୁଳନାରେ ପାରିଶ୍ରମିକ ମନୋନିତ ହେବନାହିଁ। ବ୍ୟୟର ପରିମାଣ ଅଧିକ ହେବ। ଘରେ ବିଶୃଙ୍ଖଳା ଓ ଅଶାନ୍ତି ଦେଖାଦେଇପାରେ।

କୁମ୍ଭ: ଉତ୍ତମ ଭୋଜନରେ ଆପ୍ୟାୟିତ ହେବେ। ବନ୍ଧୁ ଓ ପରିବାର ସହ ଖୁସିରେ ମାତିବେ। କର୍ମକ୍ଷେତ୍ରରେ ସଫଳତା ହାସଲ କରିବେ। ଦାମ୍ପତ୍ୟ ଜୀବନ ମଧୁରମୟ ହେବ। ରୋଜଗାର ଭଲ ହେବ।



ମୀନ: ବିବାଦୀୟ କ୍ଷେତ୍ରରେ ବିଜୟୀ ହେବେ। ଶରୀର ସୁସ୍ଥ ରହିବ। ବେପାର ବାଣିଜ୍ୟ କ୍ଷେତ୍ରରେ ଲାଭବାନ ହେବ। ଆୟ ମଧ୍ୟମ ଧରଣର ହେବ। ଘରେ ଶାନ୍ତିର ବାତାବରଣ ରହିବ। ମହିଳାମାନେ ସୁଖୀ ହେବେ।

ଆଗାମୀ କାଲିର ପଞ୍ଜିକା

କଳିକା ପଞ୍ଜିକା : ଉତ୍କଳୀୟ ସନ -୧୪୩୧ ସାଲ, ଶକାବ୍ଦ -୧୯୪୩, ସମ୍ବତ୍ - ୨୦୮୧, ହିଜରୀ - ୧୪୪୫, କଳିଯୁଗାବ୍ଦ - ୫୧୨୨, ଶ୍ରୀ ଶ୍ରୀ ଗଜପତି ମହାରାଜାଙ୍କ - ଅ୬୭ଙ୍କ

ତା୩୦।୭।୨୦୨୪, ଶ୍ରାବଣ ଦି୧୫ନ, ମଙ୍ଗଳବାର

ସୂର୍ଯ୍ୟୋଦୟ- ଘ୫।୨୧।୪୮ **ଚନ୍ଦ୍ରୋଦୟ- ରାଘ ୧ ।୧୧।୦୨**

ଦଶମୀ- ଦିଘ ୪।୪୬ ପର୍ଯ୍ୟନ୍ତ । **କୃତିଶ ନକ୍ଷତ୍ର** - ଦିଘ ୧୦।୨୪ ପର୍ଯ୍ୟନ୍ତ । **ବୃଷ ଚନ୍ଦ୍ର**- ଅହୋରାତ୍ର। **ଚନ୍ଦ୍ରଶୁଦ୍ଧି**- ବୃଷ, ମିଥୁନ, କର୍କଟ, ସିଂହ, ଧନୁ, କୁମ୍ଭ ଓ ମୀନ ରାଶିର । ଘାତ ଚନ୍ଦ୍ର-ବିଛା ରାଶିର। **ଶ୍ରାଦ୍ଧନିର୍ଣ୍ଣୟ**- ଦଶମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ । **ନିଷିଦ୍ଧ ଖାଦ୍ୟ**- କଳମଶାଗ ଦିଘ ୪/୪୬ ପରେ ଶିମ୍ବ ଖାଇବା ମନା । **ଆଜିର ଶୁଭବେଳା**- ଦିଘ ୮।୩୯ ଗତେ ଘ ୧୦।୩୫ ମଧ୍ୟେ, ଦିଘ ୪।୪୪ ଗତେ ଘ ୫।୨୯ ମଧ୍ୟେ ।

ସମ୍ପାଦକୀୟ

30 YEARS
ସମ୍ବାଦ କଳିକା

୧.୮ ପ୍ରତିଶତକୁ ହ୍ରାସ ପାଇବ ଜଙ୍ଗଲ ଓ ମତ୍ସ୍ୟଚାଷ କ୍ଷେତ୍ରର ଅଭିବୃଦ୍ଧି

କେନ୍ଦ୍ର ସରକାର ଦେଶର ଅର୍ଥନୀତିର ପ୍ରଥମ ଅଗ୍ରୀମ ଆକଳନ ଜାରି କରିଛନ୍ତି। ଏଥିରେ କିଛି ଚିନ୍ତାଜନକ ତଥ୍ୟ ରହିଛି। ତାହା ହେଉଛି ୨୦୨୨-୨୩ ଆର୍ଥିକ ବର୍ଷରେ କୃଷି କ୍ଷେତ୍ରର ଅଭିବୃଦ୍ଧି ଏବଂ ଚାଉଳ ଉତ୍ପାଦନ କମିବ। ୨୦୨୨-୨୩ରେ କୃଷି କ୍ଷେତ୍ର ୪ ପ୍ରତିଶତ ହାରରେ ଆଗକୁ ବଢ଼ିଥିଲା। କିନ୍ତୁ ୨୦୨୩-୨୪ରେ ଏହି କ୍ଷେତ୍ରର ଅଭିବୃଦ୍ଧି ୧.୮ ପ୍ରତିଶତକୁ ଖସିଯିବ। ଗତ ଚାରି ବର୍ଷ ଭିତରେ କୃଷି କ୍ଷେତ୍ର ଏଭଳି ସ୍ତରକୁ କେବେ ଖସିନଥିଲା। ଜଳବାୟୁରେ ଏଲ୍-ନିନୋ ପ୍ରଭାବ ରହିବାରୁ କୃଷି ଉତ୍ପାଦନ କମ୍ ହେବା ଆଶଙ୍କା କରାଯାଉଛି। ସେହିପରି, ଚାଉଳ ଉତ୍ପାଦନରେ ୫.୪ ପ୍ରତିଶତ ହ୍ରାସ ଘଟିବ ବୋଲି ଆକଳନ କରାଯାଇଛି। ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ)ର ରିପୋର୍ଟ ଅନୁସାରେ ୨୦୨୩-୨୪ରେ ମୋଟ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ୭.୩ ପ୍ରତିଶତ ରହିବ। ୨୦୨୨-୨୩ରେ ଜିଡିପି ଅଭିବୃଦ୍ଧି ହାର ୭.୨ ପ୍ରତିଶତ ଥିଲା। ଏନ୍‌ଏସ୍‌ଓର ଆକଳନ ଭାରତୀୟ ରିଜର୍ଭ ବ୍ୟାଙ୍କ ଓ ଅର୍ଥ ମନ୍ତ୍ରଣାଳୟ କରିଥିବା ଆକଳନ ଠାରୁ ଅଧିକ ରହିଛି। ଭାରତ ଯଥାକ୍ରମେ ୬.୫ ପ୍ରତିଶତ ଓ ୭ ପ୍ରତିଶତ ହାରରେ ଆଗକୁ ବଢ଼ିବ ବୋଲି ଅର୍ଥ ମନ୍ତ୍ରଣାଳୟ ଓ ଭାରତୀୟ ରିଜର୍ଭ ବ୍ୟାଙ୍କ ପକ୍ଷରୁ ପୃଥକ ପୃଥକ ଆକଳନ କରାଯାଇଥିଲା। ଅଗ୍ରୀମ ଆକଳନ ଏକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ। କାରଣ ସେହି ତଥ୍ୟ ଆଧାରରେ କେନ୍ଦ୍ର ସରକାର ଆସନ୍ତା ଆର୍ଥିକ ବର୍ଷର ବଜେଟ୍ ପ୍ରସ୍ତୁତ କରିଥାନ୍ତି।

ପ୍ରଥମ ଅଗ୍ରୀମ ଆକଳନ ଅନୁଯାୟୀ ୨୦୧୧-୧୨ ମୂଲ୍ୟ ଅନୁସାରେ ଦେଶର ଜିଡିପି ୧୭୧.୭୯ ଲକ୍ଷ କୋଟି ଟଙ୍କାକୁ ବୃଦ୍ଧି ପାଇବ। ୨୦୨୨-୨୩ରେ ଜିଡିପି ପରିମାଣ ୧୬୦.୦୬ ଲକ୍ଷ କୋଟି ଟଙ୍କା ଥିଲା। ବର୍ତ୍ତମାନ ମୂଲ୍ୟ ଅନୁସାରେ ଜିଡିପି ପରିମାଣ ୨୯୬.୫୮ ଲକ୍ଷ କୋଟି ଟଙ୍କା (୩.୫୭ ଟ୍ରିଲିଅନ ଡଲାର) ହେବ । ୨୦୧୧-୧୨ ମୂଲ୍ୟ ଅନୁସାରେ ମୁଣ୍ଡପିଛା ଆୟ ୨୦୨୩-୨୪ରେ ୬.୪ ପ୍ରତିଶତ ବୃଦ୍ଧି ପାଇ ୧,୨୩,୧୪୪ ଟଙ୍କା ହେବ। କିନ୍ତୁ ବର୍ତ୍ତମାନର ମୂଲ୍ୟରେ ମୁଣ୍ଡପିଛା ଆୟ ୨,୧୨,୬୦୦ ଟଙ୍କା ରହିବ।

୨୦୨୩-୨୪ ଆର୍ଥିକ ବର୍ଷରେ କୃଷି, ପ୍ରାଣୀଧନ, ଜଙ୍ଗଲ ଓ ମତ୍ସ୍ୟଚାଷ କ୍ଷେତ୍ରର ଅଭିବୃଦ୍ଧି ୧.୮ ପ୍ରତିଶତକୁ ହ୍ରାସ ପାଇବ ଯାହା ପୂର୍ବ ଆର୍ଥିକ ବର୍ଷରେ ୪ ପ୍ରତିଶତ ଭଳି ଉଚ୍ଚ ସ୍ତରରେ ଥିଲା। ଖଣି ଓ ଖନନ କ୍ଷେତ୍ରର ଅଭିବୃଦ୍ଧି ୮.୧ ପ୍ରତିଶତ, ମାନୁଫାକ୍‌ଚରିଂ ୬.୫ ପ୍ରତିଶତ; ବିଦ୍ୟୁତ୍, ଗ୍ୟାସ୍, ଜଳଯୋଗାଣ ଓ ଅନ୍ୟାନ୍ୟ କ୍ଷେତ୍ର ୮.୩ ପ୍ରତିଶତ; ବାଣିଜ୍ୟ, ହୋଟେଲ, ପରିବହନ, ଯୋଗାଯୋଗ ଓ ସେବା କ୍ଷେତ୍ର ୬.୩ ପ୍ରତିଶତ, ନିର୍ମାଣ କ୍ଷେତ୍ର ୧୦.୭ ପ୍ରତିଶତ, ଆର୍ଥିକ, ରିଅଲ ଇଷ୍ଟେଟ୍ ଓ ପ୍ରଫେସନାଲ୍ ସର୍ଭିସ୍ କ୍ଷେତ୍ର ୮.୯ ପ୍ରତିଶତ ଏବଂ ସାଧାରଣ ପ୍ରଶାସନ ଓ ପ୍ରତିରକ୍ଷା କ୍ଷେତ୍ର ୭.୭ ପ୍ରତିଶତ ହାରରେ ଆଗକୁ ବଢ଼ିବ ବୋଲି ଆକଳନ କରାଯାଇଛି।

ଭାରତର ମୁକ୍ତିସଂଗ୍ରାମରେ ମାଳତୀ ଚୌଧୁରୀ

ହିମାଂଶୁ ଶେଖର ଆଚାର୍ଯ୍ୟ
ସାରସ୍ୱତ ପରିଷଦ, ଜଗତସିଂହପୁର
ମୋ-୯୯୩୭୧୫୧୦୫୨

ଭାରତର ମୁକ୍ତି ସଂଗ୍ରାମ ଅନେକ ତ୍ୟାଗ, ବଳିଦାନ ଓ ବୀରତ୍ୱର କଥା କହେ। ଦେଶ ମାତୃକାର ସ୍ୱାଧୀନତା ପାଇଁ ବହୁ ସଂଗ୍ରାମୀ ଲାଠିମାଡ଼ ଖାଇଛନ୍ତି, କାରାବରଣ କରିଛନ୍ତି ଓ ସହିଦ୍ ହୋଇଛନ୍ତି। ୧୮୫୭ ମସିହା ସିପାହୀ ବିଦ୍ରୋହ ଠାରୁ ୧୯୪୨ ମସିହା ଭାରତ ଛାଡ଼ ଆନ୍ଦୋଳନ ପର୍ଯ୍ୟନ୍ତ ଏକ ଘଡ଼ିସନ୍ଧି ମୁହୂର୍ତ୍ତ ଭିତରେ ବହୁ ବିପ୍ଳବୀ ଅଭୁତପୂର୍ବ ଆତ୍ମୋତ୍ସର୍ଗ ଓ ଦେଶପ୍ରେମର ବିରଳ ଦୃଷ୍ଟାନ୍ତ ରଖି ଯାଇଛନ୍ତି। ସେମାନଙ୍କ ସେହି ତ୍ୟାଗ ଚିରଦିନ ସ୍ମରଣୀୟ ହୋଇ ରହିବ। ଏହି ସ୍ୱାଧୀନତା ଆନ୍ଦୋଳନରେ ଅନ୍ୟ ରାଜ୍ୟ ଭଳି ଓଡ଼ିଶା ମଧ୍ୟ ପ୍ରମୁଖ ଭୂମିକା ଗ୍ରହଣ କରିଥିଲା। ଏହି ଜାତୀୟ ଆନ୍ଦୋଳନରେ ଜଗତସିଂହପୁର ଭୂମିକା ବି କୌଣସି ଗୁଣରେ କମ୍ ନ ଥିଲା। ଏହି ମାଟିର ସୁଯୋଗ୍ୟ ସନ୍ତାନ ଗୋପବନ୍ଧୁ ଚୌଧୁରୀ, ନବକୃଷ୍ଣ ଚୌଧୁରୀ, ଭାଗୀରଥି ମହାପାତ୍ର, ନିତ୍ୟାନନ୍ଦ କାନୁନ୍‌ଗୋ, ପଣ୍ଡିତ ପ୍ରାଣକୃଷ୍ଣ ପଡ଼ିହାରୀ, ନାରାୟଣ ବୀରବର ସାମନ୍ତ, ଗୌରାଙ୍ଗ ଚରଣ ଦାସ, ହରେକୃଷ୍ଣ ବିଶ୍ୱାଳ, ଜାତୀୟ କବି ବୀରକିଶୋର ଦାସ ଓ ଆହୁରି ଅନେକ ସ୍ୱାଧୀନତା ସଂଗ୍ରାମରେ ସାମିଲ ହୋଇ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥିଲେ। ବିଶେଷକରି ଜଗତସିଂହପୁର ଯେଉଁ ମହୀୟସୀ ମହିଳାମାନେ ସେ ସମୟର ସାମାଜିକ ଲକ୍ଷ୍ମଣରେଖାକୁ ଅତିକ୍ରମ କରି ସ୍ୱାଧୀନତା ଆନ୍ଦୋଳନର ଯଜ୍ଞବେଦୀରେ ଝାସ ଦେଇଥିଲେ, ସେମାନଙ୍କ ମଧ୍ୟରେ ବିପ୍ଳବିଣୀ ମାଳତୀ ଚୌଧୁରୀ ଥିଲେ ଅଗ୍ରଗଣ୍ୟା। ପରବର୍ତ୍ତୀ ପର୍ଯ୍ୟାୟରେ ଯିଏ ନୁମା ନାମରେ ସୁପରିଚିତା ହୋଇପାରିଥିଲେ। ମାଳତୀ ଚୌଧୁରୀ ଥିଲେ ଏକ ସମ୍ଭ୍ରାନ୍ତ ପରିବାରର ଝିଅ ଓ ବୋହୂ । ସେ ୧୯୦୪ ମସିହା ଜୁଲାଇ ୨୬ ତାରିଖରେ କଲିକତା ସହରରେ ଜନ୍ମଗ୍ରହଣ କରିଥିଲେ । ତାଙ୍କ ପିତା ଥିଲେ ସେତେବେଳର ପାଟନା ହାଇକୋର୍ଟର ସୁନାମଧନ୍ୟ ବାରିଷ୍ଟର କୁମୁଦନାଥ ସେନ୍ । ପରବର୍ତ୍ତୀ ପର୍ଯ୍ୟାୟରେ ସେ ହେଲେ ଜଗତସିଂହପୁର ଖେରସ ଗ୍ରାମର ଚୌଧୁରୀ ପରିବାରର କୁଳବଧୂ ଓ ମହାନ ଦେଶଭକ୍ତ ଓ ରାଷ୍ଟ୍ରନୀତିଜ୍ଞ ନବକୃଷ୍ଣ ଚୌଧୁରୀଙ୍କ ଧର୍ମପତ୍ନୀ । ବାଲ୍ୟକାଳରୁ ବିଶ୍ୱକବି ରବୀନ୍ଦ୍ରନାଥ ଠାକୁର, ବାପୁ ମହାତ୍ମା ଓ ସନ୍ଥ ବିନୋବାଙ୍କ ପ୍ରତ୍ୟକ୍ଷ ସଂସ୍ପର୍ଶରେ ଆସି ସେମାନଙ୍କ ତ୍ୟାଗ ଓ ଆଦର୍ଶରେ ନିଜକୁ ଗଢି ନେଇଥିଲେ । ସେହିପରି ପରେ ବଡ଼ ଯା' ରମାଦେବୀ, ଦେଢଶୁର ଗୋପବନ୍ଧୁ ଚୌଧୁରୀ, ସ୍ୱାମୀ ନବକୃଷ୍ଣ ଚୌଧୁରୀଙ୍କ ଆଦର୍ଶ ତାଙ୍କୁ ଜଣେ ସଫଳ ନାରୀନେତ୍ରୀ ହେବାରେ ଯଥେଷ୍ଟ ସହାୟକ ହୋଇଥିଲା । ଆଉ ତା' ପରର ଘଟଣା ଥିଲା ଏକ ସ୍ୱର୍ଣ୍ଣାଭ ଇତିହାସ । ୧୯୨୭ ମସିହା ଜୁଲାଇ ୨୭ ତାରିଖରେ ବଙ୍ଗୀୟ ବ୍ରାହ୍ମକନ୍ୟା ମାଳତୀ ନବକୃଷ୍ଣ ଚୌଧୁରୀଙ୍କୁ ବିବାହ କଲାପରେ ତାଙ୍କର ଜୀବନର ଗତିପଥ ବଦଳି ଯାଇଥିଲା । ଏହାପରେ ସେ ମାଳତୀ ସେନ୍‌ରୁ ମାଳତୀ ଚୌଧୁରୀ ହୋଇ ଏକ ମହାନ ବିପ୍ଳବିଣୀ ମହିଳା ରୂପେ ଆତ୍ମପ୍ରକାଶ କରିଥିଲେ । ଦାମ୍ପତ୍ୟ ସୁଖକୁ ପଛରେ ପକାଇ ମାଳତୀ ଚୌଧୁରୀ ଜମିଦାର ଉଆସ ଛାଡି ତରିକୁଣ୍ଡ ଠାରେ ଥିବା କୃଷି ଫାର୍ମରେ ଯାଇ ରହିଲେ । କଲିକତାର ସୁନାମଧନ୍ୟ ବାରିଷ୍ଟରଙ୍କ ଝିଅ ମାଳତୀଙ୍କ ପାଇଁ ନା ସେଠାରେ ଥିଲା ଗାଧୁଆଘର ନା ପାଇଖାନା । ଆଦର୍ଶ ପତ୍ନୀ ଥିଲେ ସେ । ସେଠାରେ ସ୍ୱାମୀ ନବକୃଷ୍ଣଙ୍କ ସହ ମିଶି ଚଳିବାରେ ମାଳତୀ ଦେବୀଙ୍କର କୌଣସି ଆପତ୍ତି ନଥିଲା । ଏହି କୃଷି ଆଶ୍ରମରେ ମାଳତୀ ଦେବୀ ସ୍ୱାମୀଙ୍କ ସହ ମିଶି କୃଷିକାର୍ଯ୍ୟ ଆରମ୍ଭ କରିଥିଲେ । ଏଥସହିତ ନୈଶ୍ୟ ବିଦ୍ୟାଳୟ ସ୍ଥାପନ, ଅସ୍ପୃଶ୍ୟତା ନିବାରଣ ଓ ଯୁବ ସଂଗଠନ ଆଦି କାର୍ଯ୍ୟକ୍ରମରେ ନିଜକୁ ସାମିଲ୍ କରିଥିଲେ ସେ । ସ୍ୱାମୀ ସ୍ତ୍ରୀ ଉଭୟେ କିଛିଦିନ ଏହି ଫାର୍ମରେ ରହିବା ପରେ ତରିକୁଣ୍ଡ କୃଷିଫାର୍ମକୁ କର୍ମୀସଂଘକୁ ଦାନ କରିଦେଇଥିଲେ । ମାଳତୀ ଦେବୀ ନିଜର ସମସ୍ତ ସୁନା ଗହଣାକୁ ସଂଘ ହାତରେ ଅର୍ପଣ କରିଦେଇଥିଲେ। ଏଥିରୁ ମିଳିଥିବା ଟଙ୍କାରେ କଂଗ୍ରେସ ସମାଜବାଦୀ କର୍ମୀସଂଘର ମୁଖପତ୍ର 'ସାରଥୀ' ପତ୍ରିକା ପ୍ରକାଶିତ ହୋଇଥିଲା । ୧୯୩୪ରେ ଏହି ସଂଘ ସର୍ବ ଭାରତୀୟ କଂଗ୍ରେସ ଦଳରେ ମିଶିଯାଇଥିଲା ।

୧୯୩୦ ମସିହା ମାର୍ଚ୍ଚ ୧୨ ତାରିଖରେ ମହାତ୍ମାଗାନ୍ଧୀ ଲବଣ ସତ୍ୟାଗ୍ରହ ଡାକରା ଦେଲେ । ଓଡ଼ିଶାର ଇଞ୍ଚୁଡି ଓ କୁଜଙ୍ଗରେ ଏହି ଲବଣ ଆଇନ ଭଙ୍ଗକରି ମାଳତୀ ଚୌଧୁରୀ ଜେଲ୍ ଗଲେ । ଏହାପରେ ବିଦେଶୀ ଦ୍ରବ୍ୟ ବର୍ଜନ, ନିଶା ନିବାରଣ ଓ ଗାଁ ଗାଁ ବୁଲି ସତ୍ୟାଗ୍ରହ କାର୍ଯ୍ୟ କରିବା ଯୋଗୁ ସେ ବନ୍ଦୀ ହୋଇ ପୁଣି ଛ' ମାସ ପାଇଁ ଶିଶୁକନ୍ୟା ଉତ୍ତରା ସହ ଭାଗଲପୁର ସେଣ୍ଟ୍ରାଲ୍ ଜେଲ୍‌ରେ ରହିଲେ । ୧୯୩୧ ମସିହା ଗାନ୍ଧୀ-ଇରୱିନ୍ ଚୁକ୍ତିରେ ମାଳତୀ ଦେବୀ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ । ପୁନଶ୍ଚ ୧୯୩୨ରେ ଗିରଫ ହୋଇ ଶିଶୁପୁତ୍ର ବିନାୟକ ସହ ହଜାରିବାଗ୍ ଜେଲ୍‌ରେ ରହିଥିଲେ । ୧୯୪୨ ମସିହା ଭାରତଛାଡ଼ ଆନ୍ଦୋଳନରେ ଯୋଗଦେବାରୁ ବ୍ରିଟିଶ୍ ସରକାର ତାଙ୍କୁ ଅଟକବନ୍ଦୀ କରି ରଖିଥିଲେ । ସେତିକିବେଳେ ତାଙ୍କ ବଡଝିଅ ଉତ୍ତରା ମାତ୍ର ୧୫ ବର୍ଷ ବୟସରେ ଭାରତଛାଡ ଆନ୍ଦୋଳନରେ ଯୋଗଦେଇ କାରାବରଣ କରିଥିଲେ। ୧୯୪୨ରେ ଜେଲ୍‌ରୁ ମୁକ୍ତି ପାଇବା ପରେ ଦୁସ୍ଥ, ଦରିଦ୍ର, ଆଦିବାସୀ ଓ ଅନାଥ ଶିଶୁଙ୍କ ସେବା କରିବା ପାଇଁ ମାଳତୀ ଚୌଧୁରୀ ଅନୁଗୁଳ ଠାରେ ଆରମ୍ଭ କରିଥିଲେ ବାଜିରାଉତ ଛାତ୍ରାବାସ । ବାଜିରାଉତଙ୍କ ସ୍ମୃତିରେ ଆରମ୍ଭ ଏହି ଛାତ୍ରାବାସରେ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ସେ । ନବବାବୁ ଓ ମାଳତୀ ଦେବୀ ଏହି ଛାତ୍ରାବାସର ବାପାମା' ସଦୃଶ ଥିଲେ । ଏହି ଛାତ୍ରାବାସରେ ସେ ଦୁହେଁ ବାପି ଓ ନୁମା ନାମରେ ପରିଚିତ ଥିଲେ । ଦେଶ ସ୍ୱାଧୀନ ହେବାପରେ ମଧ୍ୟ ସେ ଆଦିବାସୀ ସେବା, ନାରୀ ଜାଗରଣ, କର୍ମୀ ତାଲିମ୍ ଆଦି କାର୍ଯ୍ୟକ୍ରମ କରିବା ସଙ୍ଗେ ସଙ୍ଗେ ଅନ୍ୟାୟ ଓ ଅନୀତି ବିରୋଧରେ ଜୀବନପଣ କରି ଲଢୁଥିଲେ । ନବକୃଷ୍ଣ ଚୌଧୁରୀ ମୁଖ୍ୟମନ୍ତ୍ରୀ ଥିବା ସମୟରେ ବି ମାଳତୀ ଦେବୀ ନିଜର କର୍ମକ୍ଷେତ୍ର ବାଜିରାଉତ ଛାତ୍ରାବାସ ସହିତ ପ୍ରତ୍ୟକ୍ଷ ଭାବେ ଜଡିତ ହୋଇ ରହିଥିଲେ । ଆଦିବାସୀଙ୍କ ମଧ୍ୟରୁ ଅଜ୍ଞାନ ଓ ଦାରିଦ୍ର୍ୟ ଦୂର କରିବା ପାଇଁ ଏବଂ ସେମାନଙ୍କ ଉପରେ ଚାଲିଥିବା ଅତ୍ୟାଚାର ଓ ଶୋଷଣକୁ ବନ୍ଦ କରିବା ପାଇଁ ସେ ଉତ୍କଳ ନବଜୀବନ ମଣ୍ଡଳ ଗଢିଥିଲେ । ଜଣେ ବିପ୍ଳବିଣୀ ଭାବେ ଦେଶର ସ୍ୱାଧୀନତା ଆନ୍ଦୋଳନରେ ଅଂଶଗ୍ରହଣ କରିବା ସହିତ ସମାଜରୁ ଦୁର୍ନୀତି, ଅନ୍ଧବିଶ୍ୱାସ ଓ କୁସଂସ୍କାର ଦୂର କରିବାରେ ମାଳତୀ ଦେବୀଙ୍କ ଦୃଢତା ତାଙ୍କୁ ଓଡ଼ିଶା ଇତିହାସରେ ସ୍ୱତନ୍ତ୍ର ସ୍ଥାନ ଦେଇଛି । ଖଟିଖିଆ ମଣିଷ, ଦରିଦ୍ର ଚାଷୀ ଓ ମଜଦୁର ହୃଦୟରେ ପ୍ରାଣ ସଂଚାର କରିବା ଥିଲା ତାଙ୍କ ଜୀବନର ବ୍ରତ । ଅର୍ଦ୍ଧଶତାବ୍ଦୀରୁ ଊର୍ଦ୍ଧ୍ୱ କାଳଧରି ମାନବ ସେବାରେ ନିଜକୁ ସେ ଉତ୍ସର୍ଗୀକୃତ କରିଛନ୍ତି । ସ୍ନେହ, ଆଦର ଓ ସେବାଯତ୍ନ ଯୋଗୁଁ ତାଙ୍କୁ ୧୯୮୭ରେ ଜାତୀୟ ପୁରସ୍କାର ମିଳିଥିଲା । ମହିଳା, ଶିଶୁକଲ୍ୟାଣ ଓ ଉନ୍ନୟନ କ୍ଷେତ୍ରରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ୧୯୮୮ରେ ତାଙ୍କୁ ଯମୁନାଲାଲ ବଜାଜ୍ ପୁରସ୍କାର ପ୍ରଦାନ କରାଯାଇଥିଲା । ଏସବୁ ଅର୍ଥକୁ ସେ ମାଳତୀ ଦେବୀ - ନବକୃଷ୍ଣ ଟ୍ରଷ୍ଟ ଗଠନରେ ବିନିଯୋଗ କରିଥିଲେ । ୧୯୯୫ରେ ଉତ୍କଳ ସମ୍ମାନ ଓ ୧୯୯୮ରେ ବିଶ୍ୱଭାରତୀ ବିଶ୍ୱବିଦ୍ୟାଳୟର ସର୍ବୋଚ୍ଚ ସମ୍ମାନ 'ଦେଶୀକୋତ୍ତମ' ଉପାଧିରେ ତାଙ୍କୁ ଭୂଷିତ କରାଯାଇଥିଲା। ୧୯୯୮ ମସିହା ମାର୍ଚ୍ଚ ୧୫ ତାରିଖରେ ଏହି ମହୀୟସୀ ମହିଳା ଶେଷ ନିଶ୍ୱାସ ତ୍ୟାଗ କରିଥିଲେ ବାଜିରାଉତ ଛାତ୍ରାବାସରେ । କିନ୍ତୁ ସେ ଜୀଇଁ ରହିଛନ୍ତି ଆମ ମାନସ ପଟରେ ଚିରଦିନ ପାଇଁ । ସତରେ ତାଙ୍କ ତ୍ୟାଗର ତୁଳନା ନାହିଁ । ହେଲେ ତାଙ୍କ ପ୍ରଦର୍ଶିତ ମାର୍ଗ ଓ ଉତ୍ସର୍ଗୀକୃତ ଜୀବନାଦର୍ଶ ଇତିହାସର ପାଣ୍ଡୁଲିପି ହୋଇ ରହିଛି । ସେ ପାଣ୍ଡୁଲିପିକୁ ପଢିବାର ଅଛି ଓ ତାର ସାର ମର୍ମକୁ ବୁଝିବାର ଅଛି । ବଙ୍ଗୀୟ କନ୍ୟା ଓ ଓଡିଶାର ବୋହୂ ମାଳତୀ ଚୌଧୁରୀଙ୍କ ଜୀବନାଦର୍ଶ ଏ ଜାତିକୁ ଦିଗ୍‌ଦର୍ଶନ ଦେଉ ।

ସାରସ୍ୱତ ସାଧକ ପଣ୍ଡିତ ଗୋଦାବରୀଶ ମିଶ୍ର



ବିଶ୍ୱବିଜୟୀ ଦାଶ
ସମ୍ପାଦକ
ବ୍ରଜବିଳାସ ପତ୍ରିକା
ଗମ୍ଭାରିମୁଣ୍ଡା, ବାଣପୁର, ଖୋର୍ଦ୍ଧା
ମୋ- ୬୩୭୦୨୦୮୪୨୮

ସତ୍ୟବାଦୀ ପଞ୍ଚସଖା ଯୁଗର ଅନ୍ୟତମ ସାଧକ ପଣ୍ଡିତ ଗୋଦାବରୀଶ ମିଶ୍ର ଏକାଧାରାରେ ଜଣେ ଆଦର୍ଶ ଶିକ୍ଷକ, ଶିକ୍ଷାବିତ୍, ନିସ୍ୱାର୍ଥପର ଜନସେବକ, ପ୍ରବୀଣ ରାଜନୀତିଜ୍ଞ ଏବଂ ଓଡ଼ିଆ ଭାଷା ଓ ସାହିତ୍ୟର ଏକନିଷ୍ଠ ପୂଜାରୀ ଭାବରେ ଏକ ଉତ୍ତୁଙ୍ଗ ଆସନର ଅଧିକାରୀ। ତାଙ୍କର କାନ୍ତ, କୋମଳ, ଭାବମୟ ତଥା ମଧୁମୟ ଗାଥା ଓ ଗୀତିକବିତା ମାନ ଯୁଗେ ଯୁଗେ ଆମ ସାହିତ୍ୟର ଅମୂଲ୍ୟ ଓ ଅକ୍ଷୟ ସମ୍ପଦ। କବିପ୍ରାଣର ଅନନ୍ତ ବିସ୍ତୃତି,ଜୀବନର ଉଦାରତା, ମାନବତାର ଐଶ୍ୱର୍ଯ୍ୟ ଓ ଉତ୍ତୁଙ୍ଗ ଜୀବନାଦର୍ଶରେ ସମୁଜ୍ଜ୍ୱଳ ତାଙ୍କର କାବ୍ୟ ସାହିତ୍ୟ ଅନନ୍ୟ ଓ ଅତୁଳନୀୟ। ସେ ୨୬ ଅକ୍ଟୋବର ୧୮୮୬ ମସିହା ପୁରୀ ଜିଲ୍ଲା ବାଣପୁରର ଶ୍ରୀନିବାସପୁର ଶାସନ ଗ୍ରାମରେ ଜନ୍ମଗ୍ରହଣ କରିଥିଲେ। ତାଙ୍କର ପିତାଙ୍କ ନାମ ଲିଙ୍ଗରାଜ ମିଶ୍ର ଓ ମାତାଙ୍କ ନାମ ଅପସରା ଦେବୀ। ତାଙ୍କର ପ୍ରାଥମିକ ଶିକ୍ଷା ଗ୍ରାମ ସ୍କୁଲରେ ସମାପ୍ତ ହୋଇଥିଲା, ପରବର୍ତ୍ତୀ ସମୟରେ ପୁରୀ ଜିଲ୍ଲା ସ୍କୁଲରେ ତାଙ୍କର ଉଚ୍ଚଶିକ୍ଷା ସମାପ୍ତ ହୋଇଥିଲା। ସେ ୧୯୧୦ରେ ରେଭେନ୍ସା ମହାବିଦ୍ୟାଳୟରୁ ଦାର୍ଶନିକ ବିଭାଗରେ ସ୍ନାତକ ଡ଼ିଗ୍ରୀ ହାସଲ କଲେ। ୧୯୧୨ ମସିହାରେ କଲିକତା ବିଶ୍ୱବିଦ୍ୟାଳୟରୁ ଅର୍ଥନୀତି ବିଭାଗରେ ସ୍ନାତକୋତ୍ତର ହାସଲ କଲେ।୧୯୧୩ ମସିହାରେ ପଣ୍ଡିତ ଗୋଦାବରୀଶ ମିଶ୍ର ପଣ୍ଡିତ ଗୋପବନ୍ଧୁ ଦାସଙ୍କ ପ୍ରେରଣାରେ ସତ୍ୟବାଦୀ ବନବିଦ୍ୟାଳୟରେ ଶିକ୍ଷକତାକୁ ଆଦରିନେଇ ତ୍ୟାଗ, ସେବା ଓ ସାଧନାର 'ବେଦି' ରେ ନିଜ ଜୀବନକୁ ଉତ୍ସର୍ଗ କରିଥିଲେ। ବକୁଳ-ଛୁରିଆନାର ସେହି ରମଣୀୟ ପ୍ରାକୃତିକ ପରିବେଶ ତାଙ୍କୁ ସମ୍ମୋହିତ କରିବା ସାଙ୍ଗକୁ ଅମୃତମୟୀ କବିତା ରଚ଼ନା ପାଇଁ ଉଦବୁଦ୍ଧ କରିଥିଲା। 'ଆଲେଖିକା' ର ଗାଥା କବିତାମାନ ପଣ୍ଡିତ ଗୋଦାବରୀଶଙ୍କ ଗଭୀର ଜାତୀୟତାବୋଧ, ସ୍ୱଦେଶପ୍ରୀତି, ଐତିହ୍ୟ-ଅନୁରକ୍ତିର ଜୀବନ୍ତ ଆଲେଖ୍ୟ। ଅନୁଭୂତି-ରସାଣିତ ଆବେଗମୟ ପ୍ରାଣପ୍ରାଚୁର୍ଯ୍ୟ ଭରା 'କିଶଳୟ' ଓ 'କଳିକାର' କବିତାବଳୀ ଏକ ଅପୂର୍ବ ଐଶ୍ୱର୍ଯ୍ୟରେ ବିଭବଶାଳୀ। 'ମୁକୁନ୍ଦ ଦେବ' ଓ 'ପୁରୁଷୋତ୍ତମ ଦେବ' ଐତିହାସିକ ନାଟକ ଦ୍ୱୟ ତାଙ୍କ ଉତ୍କଳାନୁରାଗରେ ସୁସ୍ପଷ୍ଟ ନିଦର୍ଶନ। କେନ୍ଦ୍ର ସାହିତ୍ୟ ଏକାଡ଼େମୀ ପକ୍ଷରୁ ପୁରସ୍କୃତ ତାଙ୍କର ଆତ୍ମଜୀବନୀ ଗ୍ରନ୍ଥ 'ଅର୍ଦ୍ଧଶତାବ୍ଦୀରେ ଓଡ଼ିଶା ଓ ତହିଁରେ ମୋ ସ୍ଥାନ' ତତ୍କାଳୀନ ଓଡ଼ିଶାର ସାମାଜିକ, ସାଂସ୍କୃତିକ, ରାଜନୈତିକ ତଥା ଆର୍ଥନୈତିକ ଜୀବନଧାରାରେ ଏକ ସତ୍ୟନିଷ୍ଠ ବିବରଣୀ। ଏହାବ୍ୟତୀତ ଚ଼ୟନିକା, କବିତାୟନ, ଗୀତାୟନ ଓ କବିତାଗ୍ରନ୍ଥ ଆଦି କେତେକ ପାଠ୍ୟପୁସ୍ତକ ଓ ତତସହିତ ବହୁ ଶିଶୁ-କବିତା ରଚ଼ନା କରି ସେ ଓଡ଼ିଆ ସାହିତ୍ୟକୁ ସମୃଦ୍ଧ କରିଯାଇଛନ୍ତି। ସେ 'ଘଟାନ୍ତର', 'ଅଭାଗିନୀ', 'ଅଠର ଶହ ସତର' ଓ 'ନିବାସିତ' ଉପନ୍ୟାସର ସ୍ରଷ୍ଟା । ତାଙ୍କର ଅଭାଗିନୀ ଉପନ୍ୟାସ ୧୯୧୨ ମସିହାରେ ପ୍ରଥମେ ପ୍ରକାଶିତ। ଅନ୍ୟ ଉପନ୍ୟାସଗୁଡିକ ୧୯୪୦ ମସିହାରୁ ୧୯୫୧ ମଧ୍ୟରେ ପ୍ରକାଶିତ। ତାଙ୍କର ଗାଥା କବିତା ଗୁଡ଼ିକ ହେଲା କାଳିଜାଈ, ଅଭିରାମ ସିଂହ, ଧରଣୀଧର। ୧୯୧୯ ମସିହାରେ ସିଂହଭୂମି ଯାଇ ସେଠାରେ ଓଡ଼ିଆ ଭାଷାର ସୁରକ୍ଷା ଓ ପ୍ରସାର କଳ୍ପେ କେତେକ ଉଚ୍ଚବିଦ୍ୟାଳୟ ସମେତ ବହୁ ପ୍ରାଥମିକ ବିଦ୍ୟାଳୟ ସ୍ଥାପନ କରିଥିଲେ। ଚ଼କ୍ରଧରପୁର ବିଦ୍ୟାଳୟକୁ ସେ ଏକ ଜାତୀୟ ବିଦ୍ୟାଳୟ ଭାବରେ ପରିଣତ କରି ପ୍ରଧାନଶିକ୍ଷକ ଦାୟିତ୍ୱ ଗ୍ରହଣ କରିଥିଲେ। ପରବର୍ତ୍ତୀ ସମୟରେ ବାଣପୁର ନିର୍ବାଚ଼ନ ମଣ୍ଡଳୀର ବିଧାୟକ ଭାବେ ନିର୍ବାଚ଼ିତ ହୋଇଥିଲେ। ସେ ମହାରାଜା କୃଷ୍ଣଚ଼ନ୍ଦ୍ର ଗଜପତିଙ୍କ ମନ୍ତ୍ରୀ ମଣ୍ଡଳରେ ଶିକ୍ଷାମନ୍ତ୍ରୀ ହୋଇଥିଲେ। ତାଙ୍କରି ଉଦ୍ୟମରେ ଉତ୍କଳ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ହୋଇଥିଲା।

କେନ୍ଦ୍ରୀୟ ବଜେଟ

ସୌଭାଗ୍ୟ ରଂଜନ ମହାନ୍ତି(ରାଜା)
ସମ୍ମାନ ଭବନ, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ,
ମୋ-୯୪୩୭୯୯୪୩୭୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ତୃତୀୟ ପାଳିରେ ପ୍ରଥମ ତଥା ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ଅର୍ଥମନ୍ତ୍ରୀ ଶ୍ରୀମତୀ ନିର୍ମଳା ସୀତାରମଣ ୪୮.୨୧ ଲକ୍ଷ କୋଟି ଟଙ୍କାର ସାଧାରଣ ବଜେଟ ପାର୍ଲିଆମେଣ୍ଟରେ ଉପସ୍ଥାପନ କରିଛନ୍ତି। ବଜେଟରେ ନିଯୁକ୍ତି, ଦକ୍ଷତା ବିକାଶ ଓ ଶିକ୍ଷକୁ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି, ଯାହାକି ସାଧାରଣତଃ ଶ୍ରମ ବା ଶ୍ରମିକ କୈନ୍ଦ୍ରୀକ। ଅର୍ଥମନ୍ତ୍ରୀ ଏଥର ବଜେଟରେ ନିଯୁକ୍ତି ଓ ଜୀବନଜୀବିକା ଉପରେ ସର୍ବାଧିକ ଗୁରୁତ୍ୱ ଦେଇଛନ୍ତି, ଯାହା ବଜେଟ ସଂକେତ ପ୍ରଦାନ କରେ। ଏହା ନିସନ୍ଦେହ ଯେ, ଦେଶରେ ବେକାରୀ, ରୋଜଗାରୀ ବୃଦ୍ଧି ନେଇ ବିରୋଧି ଦଳଗୁଡିକ ଦୀର୍ଘ ୧୦ବର୍ଷ ଧରି ତୁମ୍ବିତୋଫାନ କରି ଆସୁଥିଲେ ମଧ୍ୟ ସରକାରୀ ଏହାକୁ ଗ୍ରହଣ କରିବାକୁ ନାରାଜ ଥିଲେ। କିନ୍ତୁ ୨୦୨୪ ସାଧାରଣ ନିର୍ବାଚନ ସନ୍ଦେଶକୁ ବିଜେପି ଭଲ ଭାବେ ହୃଦୟଙ୍ଗମ କରିପାରିଥିବା ତୃତୀୟ ପାଳିର ପ୍ରଥମ ବଜେଟ ହେଉଛି ଏହାର ପ୍ରମାଣ ବୋଲି କୁହାଯାଇପାରିବ। ତେବେ କେବଳ ଲୋକସଭାରେ ସଂଖ୍ୟା ହ୍ରାସ ନୁହେଁ, ଆଗକୁ ତଥା ଚଳିତ ବର୍ଷର ଶେଷ ସୁଦ୍ଧା ତିନୋଟି ରାଜ୍ୟ ମହାରାଷ୍ଟ୍ର, ହରିଆନା ଓ ଝାରଖଣ୍ଡ ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖିଛନ୍ତି, ଯେଉଁଠି କି ଦଳର ସ୍ଥିତି ଦୁର୍ବଳ ରହିଛି। କହିବା ବାହୁଲ୍ୟ ଯେ, ପ୍ରଥମ ଦୁଇଟି ପାଳି ସରକାରରେ ଭିତିଭୂମି ବିକାଶ ଓ ଜନକଲ୍ୟାଣକାରୀ ଯୋଜନାରେ ପୁଞ୍ଜିନିବେଶ ସରକାରଙ୍କ ଅର୍ଥନୀତିର ମୂଳଦୁଆ ହୋଇଥିଲା ବେଳେ ଏଥର ବଜେଟ ନୂଆ ମୋଡ ନେଇଥିବା ଦେଖାଯାଏ। ଯାହାକି ନିଯୁକ୍ତି, ଦକ୍ଷତା ବିକାଶ ଏବଂ କ୍ଷୁଦ୍ର ଓ ମଧ୍ୟମ ଶିଳ୍ପ ଉପରେ ଗୁରୁତ୍ୱ ଦେଉଛନ୍ତି, ଯାହା ନିଯୁକ୍ତି ଓ ଆତ୍ମନିଯୁକ୍ତି ଭିତ୍ତିକ। ଏଥିପାଇଁ ବଜେଟରେ ପ୍ରଧାନମନ୍ତ୍ରୀଙ୍କ ପାଞ୍ଚଟି ଯୋଜନାର ପ୍ୟାକେଜ ସୃଷ୍ଟି କରାଯାଇଛି। ଏଥିରେ ୪.୧କୋଟି ଯୁବକ-ଯୁବତୀଙ୍କ ପାଇଁ ନିଯୁକ୍ତି ସୃଷ୍ଟି, ନୂଆ କର୍ମଚାରୀ ଓ ନିଯୁକ୍ତିଦାତାଙ୍କୁ ପ୍ରୋତ୍ସାହିତ କରିବା ପାଇଁ ବ୍ୟବସ୍ଥା ହୋଇଛି। ଦେଶର ପ୍ରମୁଖ ୫୦୦ କମ୍ପାନୀରେ ୧କୋଟି ଯୁବକଯୁବତୀ ମାସିକ ୫ହଜାର ଟଙ୍କା ପ୍ରଶିକ୍ଷଣ ଭତ୍ତା ପ୍ରଦାନ କରି ପ୍ରଶିକ୍ଷଣ ସୁଯୋଗ ପ୍ରଦାନ କରାଯିବ। ସେହିପରି ରାଜ୍ୟ ସରକାର ଓ ଶିଳ୍ପ ସଂସ୍ଥାର ସହଯୋଗରେ ୫ବର୍ଷରେ ୨୦ଲକ୍ଷ ଯୁବକ ଯୁବତୀଙ୍କୁ ଦକ୍ଷ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି। ସେହିପରି ବୃହତ ପଞ୍ଜିକୃତ ସଂସ୍ଥାରେ ନବନିଯୁକ୍ତ କର୍ମଚାରୀ ଯେଉଁମାନେ ଇପିଏଫଓର ସଦସ୍ୟ ହୋଇଥିବେ, ସେମାନଙ୍କୁ ଗୋଟିଏ ମାସର ଅତିରିକ୍ତ ଦରମା ମିଳିବ। ଆହୁରି ମଧ୍ୟ ଅନ୍ୟ ଏକ ଯୋଜନାରେ ଉଭୟ ନିଯୁକ୍ତିଦାତା ଓ ନବନିଯୁକ୍ତଙ୍କୁ ପ୍ରଥମ ଚାରିବର୍ଷ ପର୍ଯ୍ୟନ୍ତ ଇପିଏଫଓରେ ଯୋଗଦାନ ଅନୁଯାୟୀ କେନ୍ଦ୍ର ସରକାର ପ୍ରୋତ୍ସାହନ ରାଶି ଦେବେ। ଏହା ବ୍ୟତୀତ ଉଚ୍ଚଶିକ୍ଷା ପାଇଁ ମେଧାବୀଙ୍କୁ ୧୦ଲକ୍ଷ ଟଙ୍କା ଋଣ ଯୋଗାଇ ଦେବାକୁ ବଜେଟରେ ବ୍ୟବସ୍ଥା ହୋଇଛି। ଏହି ଯୋଜନା ସବୁ ନିଶ୍ଚିତ ଭାବେ ନିଯୁକ୍ତିଭିତିକ। ତେବେ ଯୋଜନାଗୁଡିକ ଫଳପ୍ରଦ ହୋଇପାରିବ, ଯେତେବେଳେ ନିଯୁକ୍ତିଦାତା ଅଧିକ ସଂଖ୍ୟାରେ ନିଯୁକ୍ତି ପ୍ରଦାନ କରିବେ। ଏହା ନିସନ୍ଦେହ ଉଦ୍ଦିଷ୍ଟ। ତେବେ ବାସ୍ତବ ଚ୍ୟାଲେଞ୍ଜ ହେଉଛି ଶ୍ରମ ସେକ୍ଟରରେ ଘରୋଇ ପୁଞ୍ଜି ନିବେଶ ବୃଦ୍ଧି ପାଉନଥିବାରୁ ଏଭଳି ଲକ୍ଷ୍ୟ କେତେଦୂର ସଫଳ ହେବ ଭବିଷ୍ୟତ ହିଁ କହିବ। ବେତନଭୋଗୀ କର୍ମଚାରୀଙ୍କ ଆୟକର ସୀମା ଅପରିବର୍ତ୍ତିତ ରହିଥିବାବେଳେ ନୂଆ ଟିକସ ବ୍ୟବସ୍ଥାରେ କେତେକ ପରିବର୍ତ୍ତନ କରାଯାଇଛି। ବେତନଭୋଗୀ କର୍ମଚାରୀଙ୍କ ପାଇଁ ଷ୍ଟାଣ୍ଡାର୍ଡ ଡିଡକ୍ସନ ୫୦ହଜାରରୁ ୭୫ ହଜାରକୁ ବୃଦ୍ଧି କରାଯାଇଛି। ପେନସନ ଭୋଗୀଙ୍କ ପାରିବାରିକ ଭତ୍ତା ଛାଡ ୧୫ହଜାରରୁ ୨୫ହଜାରକୁ ବୃଦ୍ଧି କରାଯାଇଥିବାବେଳେ ବେତନଭୋଗୀ କର୍ମଚାରୀ ୧୭,୫୦୦ଟଙ୍କା ପର୍ଯ୍ୟନ୍ତ ଆୟକର ସଂଚୟ କରିପାରିବେ। ଅନ୍ୟପକ୍ଷରେ ବଜେଟରେ ମଧ୍ୟବିତ୍ତ ବର୍ଗ ଉପେକ୍ଷିତ ହୋଇଥିବା ମନେହୁଏ। ଦେଶର ମୋଟ ଜନସଂଖ୍ୟାର ୩୧ପ୍ରତିଶତ ମଧ୍ୟମବର୍ଗ ହୋଇଥିବାବେଳେ ବଜେଟରେ ସେମାନଙ୍କ ପାଇଁ ସେଭଳି କୌଣସି ଆଖିଦୃଶିଆ ବ୍ୟବସ୍ଥା କରାଯାଇନାହିଁ। ଅଥଚ ଦେଶରେ ସେମାନେ ଉଭୟ ଆୟ ଓ ବ୍ୟୟ ଉପରେ ସର୍ବାଧିକ କରଦାତା ଭାବେ ପରିଚିତ। ତେବେ ସବୁଠୁ ବଡ କୌତୁହଳ ପ୍ରସଙ୍ଗ ହେଉଛି ବଜେଟରେ ମେଣ୍ଟ ପ୍ରତିଫଳିତ ହୋଇଛି। କ୍ଷମତାସୀନ ଏନଡିଏରେ ବିଜେପିର ସବୁଠାରୁ ବଡ ଅଂଶୀଦାର ଦଳ ହେଉଛନ୍ତି ବିହାରର ଜେଡିୟୁଓ ଆନ୍ଧ୍ରର ଟିଡିପି। ବଜେଟରେ ସରକାର ଉଭୟ ବିହାର ଓ ଆନ୍ଧ୍ର ପାଇଁ ଭଣ୍ଡାର ଖୋଲି ଦେଇଛନ୍ତି। ଉଭୟ ଦଳ ରାଜ୍ୟ ପାଇଁ ସ୍ୱତନ୍ତ୍ର ରାଜ୍ୟପାହ୍ୟା ଦାବି କରିଥିବାବେଳେ ସରକାର ଭଣ୍ଡାର ଖୋଲି ସେମାନଙ୍କୁ ସନ୍ତୁଷ୍ଟ କରିଦେଇଛନ୍ତି। ଅନ୍ୟପକ୍ଷରେ ଅଣ ବିଜେପି ଶାସିତ ରାଜ୍ୟଗୁଡିକ ବଜେଟ ବ୍ୟୟ ବ୍ୟବସ୍ଥାରେ ଉପେକ୍ଷିତ ହୋଇଥିବା ଅଭିଯୋଗକୁ ଅସ୍ୱୀକାର କରାଯାଇନପାରେ। କେନ୍ଦ୍ରୀୟ ବଜେଟରେ ଓଡିଶାକୁ ନିରାଶ ହେବାକୁ ପଡିଛି ବୋଲି କହିଲେ ସତ୍ୟର ଅପଳାପ ହେବ ନାହିଁ। ୨୦୨୪ ଲୋକସଭା ନିର୍ବାଚନରେ ରାଜ୍ୟର ୨୧ଟି ଆସନରୁ ୨୦ଟିରେ ବିଜେପି ବିଜୟୀ ହୋଇଥିବାବେଳେ ପ୍ରଥମ ଥର ପାଇଁ ସରକାର ଗଠନ କରିଛି। ଏହା ନିସନ୍ଦେହ ଯେ, କେନ୍ଦ୍ରରେ ତୃତୀୟ ଥର କ୍ଷମତାସୀନ ହେବାରେ ଓଡିଶାର ବୃହତ ଯୋଗଦାନ ରହିଛି। ରାଜ୍ୟର ବିକାଶ ପାଇଁ ଡବଲ ଇଞ୍ଜିନ ସରକାରର ଦ୍ୱାହି ଦେଇଥିବାବେଳେ ବଜେଟରେ ରାଜ୍ୟବାସୀ ବହୁତ କିଛି ଅର୍ଥାତ ସ୍ୱତନ୍ତ୍ର ଆର୍ଥିକ ପ୍ୟାକେଜ ଆଶା କରିଥିଲେ। କିନ୍ତୁ ସେପରି କିଛି ନାହିଁ। ରାଜ୍ୟରେ ପର୍ଯ୍ୟଟନ ସ୍ଥଳୀ ଗୁଡିକର ବିଶ୍ୱସ୍ତରୀୟ ବିକାଶ ଲାଗି ବିଜେପିରେ ପ୍ରସ୍ତାବ ରହିଛି। ସତ କିନ୍ତୁ ସ୍ପଷ୍ଟ ନୁହେଁ। ଆହୁରି ମଧ୍ୟ ବହୁ ଚର୍ଚ୍ଚିତ ପୋଲଭରମ ପ୍ରକଳ୍ପକୁ ରାଜ୍ୟ ବିରୋଧ କରି ଆସୁଥିବାବେଳେ ଏହି ଦାବିକୁ ଅଣଦେଖା କରି କେନ୍ଦ୍ର ସରକାର ପ୍ରକଳ୍ପ ନିର୍ମାଣ ଶେଷ କରିବା ପାଇଁ ଭଣ୍ଡାର ଖୋଲି ଦେଇଛନ୍ତି। ଯାହାକି ବଜେଟ ବ୍ୟବସ୍ଥାରେ ରାଜ୍ୟବାସୀଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ଅବିଚାର ତଥା ହେୟଭାବ ବୋଲି କହିଲେ ଭୁଲ ହୋଇନପାରେ।

ଗୁଣିଗାରେଡି, ରୋଗର ଚିକିତ୍ସା ପଦ୍ଧତି ନୁହେଁ

ସୁଧାଂଶୁ ଶେଖର ଧଡା
ଜାଗମରା, ଖଣ୍ଡଗିରି,
ଭୁବନେଶ୍ୱର
ମୋ: ୯୩୩୭୦୧୫୮୮୨

ଆଧୁନିକ ସମାଜରେ ଶିକ୍ଷାର ସ୍ତର ବଢିଚାଲିଛି । ଏହା ସତ୍ତ୍ୱେ ଅବୈଜ୍ଞାନିକ, ଅନ୍ଧବିଶ୍ୱାସପୂର୍ଣ୍ଣ ଆଚରଣ ଏବଂ କୁସଂସ୍କାରପୂର୍ଣ୍ଣ କାର୍ଯ୍ୟ ସବୁ ଉପରେ ଲୋକେ ବିଶ୍ୱାସ କରିବା ଛାଡୁନାହାନ୍ତି । ଏହି କାରଣରୁ ସମାଜ ଭିତରେ କେବେକେବେ ଦୁଃଖଦାୟକ ଘଟଣା ସବୁ ଘଟୁଛି । କେତେବେଳେ ହତ୍ୟାକାଣ୍ଡ ଘଟୁଛି ତ ଆଉ କେତେବେଳେ ରୋଗରେ ଦୁର୍ବିସହ ଯନ୍ତ୍ରଣା ଲୋକେ ଭୋଗୁଛନ୍ତି। ମାଲିମୋକଦ୍ଦମାରେ ମଧ୍ୟ ଛନ୍ଦି ହେଉଛନ୍ତି । ଏ ସମ୍ପର୍କିତ ଜନଚେତନା ସୃଷ୍ଟି ଉଦ୍ଦେଶ୍ୟରେ ଗୁଣିଗାରେଡି ଅବଧାରଣା ବିରୁଦ୍ଧରେ କେନ୍ଦୁଝର ପୁଲିସ ମୁଖ୍ୟାଳୟ ସମ୍ମୁଖରେ ଜିଲ୍ଲାରେ ବିଭିନ୍ନ ସମୟରେ ଏହି ଅବଧାରଣାର ଶିକାର ହୋଇଥିବା ନିରୀହ ଲୋକଙ୍କ ସ୍ମୃତିରେ ଏକ ମୂର୍ତ୍ତି ସ୍ଥାପନ କରାଯାଇଛି। ଏହା ସତ୍ତ୍ୱେ ଗୁଣିଗାରେଡି ଅବଧାରଣାକୁ ନେଇ ଅପରାଧ ବଢିଚାଲିବା ବାସ୍ତବିକ ଦୁଃଖଦାୟକ । ଏଇ ନିକଟରେ ବଲାଙ୍ଗିର ଜିଲ୍ଲା ସିନ୍ଧେକେଲାଠାରେ ଗୁଣିଗାରେଡି ଚିକିତ୍ସା ସମ୍ପର୍କୀତ ଏକ ଘଟଣା ରାଜ୍ୟରେ ଚହଳ ପକାଇଛି। ଏହା ପୂର୍ବରୁ ଅତୀତରେ ରାଜ୍ୟରେ ଏଭଳି ହଜାର ହଜାର ଘଟଣା ଘଟି ଯାଇଛି। ଓଡିଶା ଗୁଣିଗାରେଡି ନିରୋଧ ଆଇନ ୨୦୧୩ କାର୍ଯ୍ୟକାରୀ ହେବାପରେ ମଧ୍ୟ ଏପ୍ରକାରର ଘଟଣା ବହୁ ସଂଖ୍ୟାରେ ଘଟୁଛି । ସାଧାରଣତଃ ମନସ୍ତାତ୍ତ୍ୱିକ ସମସ୍ୟା ନେଇ ଡାକ୍ତରଖାନା ଯାଉଥିବା ରୋଗୀମାନଙ୍କୁ ଶାରିରୀକ ଭାବରେ କୌଣସି ସମସ୍ୟା ନଥିବା କଥା ଡାକ୍ତର କହନ୍ତି । ଏହା କିଛି ନୂଆ କଥା ନୁହେଁ । ବିଭିନ୍ନ ବିଦ୍ୟାଳୟରେ ଛାତ୍ରୀମାନେ ଚେତାବୁଡିବା ଘଟଣା ଗୁଡିକରେ ମଧ୍ୟ ଡାକ୍ତର ସମାନ କଥା କହିଥାନ୍ତି । ଡାକ୍ତର ଛାତ୍ରୀମାନଙ୍କୁ ପରୀକ୍ଷା କରି କିଛି ରୋଗ ନଥିବା କହନ୍ତି। ଏସବୁ କ୍ଷେତ୍ରରେ ବାସ୍ତବ କଥା ହେଉଛି ସମସ୍ୟାଟି ମନ ସହ ସମ୍ପର୍କୀତ , ଶରୀର ସହ ନୁହେଁ। ବଲାଙ୍ଗିର ସିନ୍ଧେକେଲା ଘଟଣାରେ ପ୍ରକାଶ ପାଇଥିବା ସମ୍ବାଦରୁ ଜଣାପଡୁଛି ଯେ - ପୀଡିତାଙ୍କ ମା'ଙ୍କ ମୃତ୍ୟୁ ପରେ ସେ ମାନସିକ ଭାରସାମ୍ୟ ହରାଇଛନ୍ତି। ଏହା ଟ୍ରମା ଶ୍ରେଣୀଭୁକ୍ତ ସମସ୍ୟା। ଏଥିପାଇଁ ତାଙ୍କୁ ମାନସିକ ରୋଗ ଚିକିତ୍ସକଙ୍କ ପରାମର୍ଶ ଓ ଚିକିତ୍ସା ଆବଶ୍ୟକ ଥିଲା। ଏହା ହୋଇ ନପାରିବାରୁ ପରିବାର ବର୍ଗ ତାଙ୍କୁ ତାନ୍ତ୍ରିକଙ୍କ ନିକଟକୁ ଚିକିତ୍ସା ନିମିତ୍ତ ନେଲେ। ଏକଥା ସମସ୍ତେ ଜାଣିରଖିବା ଉଚିତ ଯେ କୌଣସି ବି ତାନ୍ତ୍ରିକଙ୍କର ଆଇନଗତ ଭାବରେ କୌଣସିବି ରୋଗୀର ଚିକିତ୍ସା କରିବା ଅଧିକାର ନାହିଁ। କିନ୍ତୁ ସାଧାରଣତଃ ଲୋକମାନେ ଏହା ଜାଣି ନଥିବାରୁ ମାନସିକ ସମସ୍ୟା ନେଇ ଶାରୀରିକ ଚିକିତ୍ସକଙ୍କ ନିକଟକୁ ଯାଇଥାନ୍ତି । ଉପଯୁକ୍ତ ଚିକିତ୍ସକଙ୍କ ନିକଟକୁ ନଗଲେ ସମସ୍ୟା ସମାଧାନ ହୁଏ ନାହିଁ। ତାନ୍ତ୍ରିକଙ୍କ ନିକଟକୁ ଗଲେ ସର୍ବଦା ସମସ୍ୟା ଜଟିଳ ହୁଏ। ଏକ୍ଷେତ୍ରରେ ତାହାହିଁ ହୋଇଛି । ତାନ୍ତ୍ରିକମାନେ ସବୁବେଳେ ମିଛ ଆଶ୍ୱାସନା ଓ ମିଛ ପ୍ରତିଶୃତି ଦେଇଥାନ୍ତି। ଧାର୍ମିକ ଭାବନା ସହ ଚିକିତ୍ସାକୁ ଯୋଡି ଶୋଷଣ କରନ୍ତି । ରୋଗୀ ଚିକିତ୍ସା କରିବାର ଜ୍ଞାନ , ଯୋଗ୍ୟତା ଏବଂ ଆଇନଗତ ଅଧିକାର ସେମାନଙ୍କର ନାହିଁ। ସେମାନଙ୍କର ପ୍ରତ୍ୟେକଟି କାର୍ଯ୍ୟ ଦଣ୍ଡବିଧି ଆଇନର ବିଭିନ୍ନ ଧାରା ଅନୁଯାୟୀ ଅପରାଧ। ଛୁଞ୍ଚିଫୋଡି ଶାରୀରିକ ରୋଗର ଚିକିତ୍ସା ପଦ୍ଧତି ଆକ୍ୟୁପଙ୍କଚର ଭାବରେ ପରିଚିତ। ଏଥିରେ ଫୋଡାଯାଉଥିବା ଛୁଞ୍ଚି ଗୁଡିକୁ ଜୀବାଣୁମୁକ୍ତ କରିବାର ବ୍ୟବସ୍ଥା ନଥାଏ। ଜୀବାଣୁମୁକ୍ତ ପରିବେଶରେ ମଧ୍ୟ ଛୁଞ୍ଚି ଫୋଡାଯାଏ ନାହିଁ । ରୋଗର ନିଦାନ ନକରି ଲକ୍ଷଣ ଦେଖି ଚକିତ୍ସା କରାଯାଇଥାଏ। ଅସ୍ତ୍ରୋପଚାର ଆବଶ୍ୟକ ହେଉଥିବା ରୋଗ କ୍ଷେତ୍ରରେ ଅବାଞ୍ଛିତ ବିଳମ୍ବ ହୁଏ । ରୋଗୀର ଜୀବନ ସଙ୍କଟାପନ୍ନ ହୁଏ। ମୋଟ ଉପରେ ଗୁଣିଆଁ ମାନେ ରୋଗୀ ମନରେ ସାଇକୋସୋମାଟିକ୍ ପ୍ରଭାବ ପକାଇ ସୁସ୍ଥ କରାଉଥିବାର ଦାବୀ କରନ୍ତି । ମାନସିକ ଭାବନାକୁ ଶାରୀରିକ ଲକ୍ଷଣରେ ପରିପ୍ରକାଶ କରାଯିବାର ପ୍ରକ୍ରିୟା ଏବଂ ପରିଣତି ହେଉଛି ସାଇକୋସୋମାଟିକ ପ୍ରଭାବ। ଗୁଣିଆଁମାନେ ମାନସିକ ସମସ୍ୟାର ସମାଧାନ ପାଇଁ ଅଁଣ୍ଡିରା କାଙ୍କଡ ମୂଳ, କାଳୀୟଦଳନ ପତ୍ର ଆଦି ଛେଚି ରସକୁ ରୋଗୀର ନାକରେ ପକାଇ ମରଣାନ୍ତକ ଯନ୍ତ୍ରଣା ଦିଅନ୍ତି । ସେମାନଙ୍କ ନିକଟକୁ କିମ୍ବା କୌଣସି ଅଲୌକିକ ପଦ୍ଧତିର ଚିକିତ୍ସା କରୁଥିବା ବ୍ୟକ୍ତିଙ୍କ ନିକଟକୁ କେବେବି କୌଣସି ରୋଗୀଙ୍କୁ ଚିକିତ୍ସା ନିମିତ୍ତ ନେବା ଉଚିତ ନୁହେଁ । ଅଲୌକିକ ପଦ୍ଧତିର ଚିକିତ୍ସକ ଓ ଗୁଣିଆଁ ବୋଲି ନିଜକୁ ଦାବୀ କିମ୍ବା ପରିଚୟ ଥିବା ଲୋକମାନଙ୍କ ଚିକିତ୍ସା ନାମରେ କରୁଥିବା ଅପକର୍ମ ସବୁର ଗୋପନୀୟତାକୁ ଅତୀତରେ ହେତୁବାଦୀମାନେ ପ୍ରଘଟ କରିଛନ୍ତି । ଅଲୌକିକତା ପ୍ରଘଟ କାର୍ଯ୍ୟକ୍ରମ ମାଧ୍ୟମରେ ଲୋକମାନଙ୍କୁ ମଧ୍ୟ ସଚେତନ କରାଇଥାନ୍ତି। ଏସବୁକୁ ଶିକ୍ଷାର ବିଭିନ୍ନ ସ୍ତରରେ ଅନ୍ତର୍ଭୁକ୍ତ କରାଯିବା ଆବଶ୍ୟକ । ଓଡିଶା ଗୁଣିଗାରେଡି ନିରୋଧ ଆଇନ ୨୦୧୩କୁ କଡାକଡି ଭାବରେ ପାଳନ କରାଯିବା ମଧ୍ୟ ଆବଶ୍ୟକ ।

Printed & Published by **Basanti Roy** on behalf of **Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.**
Editor : **Jayasish Roy** E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022 ସମ୍ପାଦକ : **ଜୟାଶୀଷ ରାୟ**

30 YEARS
ସମ୍ବାଦ କଳିକା
ଭୁବନେଶ୍ୱର, ୨୯ ଜୁଲାଇ ୨୦୨୪ ସୋମବାର

କମିଶନରେଟ୍ ପୋଲିସର ପିସିଆର୍ ସେବା:ଖତ ଖାଉଛି ପୁରୁଣା ଗାଡ଼ି

ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ

ରାଜଧାନୀବାସୀଙ୍କୁ କମିଶନରେଟ୍ ପୋଲିସର ପିସିଆର୍ ଗାଡ଼ି ତ୍ୱରିତ ସେବା ଯୋଗାଉଛି। ଫୋନ୍ କଲ୍ ପାଇବା ମାତ୍ରେ ଘଟଣାସ୍ଥଳରେ ତତ୍କ୍ଷଣାତ୍ ପିସିଆର୍ ଗାଡ଼ି ପହଞ୍ଚି ଯାଉଛି । ଏଥିଲାଗି ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପୋଲିସକୁ ପିସିଆର୍ ଗାଡ଼ି ମାଗଣା ମିଳିଯାଉଛି । ଫଳରେ ନୂଆ ପିସିଆର ଚଢ଼ିବାର ସଉକ ପୋଲିସର ବଢ଼ି ଯାଇଛି । ବର୍ଷେ ପୂରିଗଲେ ପୁରୁଣା ଗାଡ଼ିକୁ ଆଉ ପଚାରୁନାହାନ୍ତି । ଯେତିକି ନୂଆ ଗାଡ଼ି ସାମିଲ୍ ହେଉଛି ସେତିକି ପିସିଆର୍ ଖରାପ ଦର୍ଶାଯାଉଛି । ପୁରୁଣା ଗାଡ଼ି ଏବେ ଖତ ଖାଉଛି । ଏହାକୁ ମରାମତି କରିବା ପାଇଁ ପାଣ୍ଠି ନିଅଣ୍ଟ ହେଉଥିବା ଜଣାପଡ଼ିଛି । ଯେଉଁ ଗାଡ଼ି ଖରାପ ହେଲା ସେ ରିଜର୍ଭରେ ପଡ଼ିରହିଲା । ୧୦ ବର୍ଷ ତଳେ ଯେତିକି ସଂଖ୍ୟାର ପିସିଆର୍ (ଭ୍ୟାନ୍/ବାଇକ୍) ଥିଲା ଏବେ ସେତିକି । ୨୦୦୮ରେ କମିଶନରେଟ୍ ପୋଲିସ୍ ବ୍ୟବସ୍ଥା ଆରମ୍ଭ ହୋଇଥିଲା । ସେତେବେଳେ ଭୁବନେଶ୍ୱର ୟୁପିଡିରେ ୨୦ଟି ଥାନା ଥିଲା । ପିସିଆର୍ ସଂଖ୍ୟା ଥିଲା ୨୫ । ୨୦୧୩ ଶେଷ ବେଳକୁ ଭୁବନେଶ୍ୱରରେ ୩୩ଟି ଏବଂ କଟକରେ ୨୦ଟି ପିସିଆର୍ ଗାଡ଼ି ସାମିଲ ହୋଇଥିଲା । ଅନ୍ୟପଟେ ୨୦୧୫ରୁ ଏପର୍ଯ୍ୟନ୍ତ ୩୧ଟି ପିସଆର୍ ଗାଡ଼ି ଓ ୫୦ଟି ମୋଟରସାଇକଲ୍ ପିସିଆର୍ ପାଟ୍ରୋଲିଂ ପାଇଁ ନାଲ୍‌କୋ ଦେଇଥିବା ସୂଚନା ରହିଛି । ପୋଲିସ୍ ମୁଖ୍ୟାଳୟ ତରଫରୁ ବିଭିନ୍ନ ପର୍ଯ୍ୟାୟରେ ଦ୍ୱୈତନଗରୀ ପାଇଁ ୨୦ଟି ପିସିଆର ଗାଡ଼ି ଏବଂ ୩୦ଟି ସ୍ୱିଡ୍ ମୋଟରସାଇକଲ ଦିଆଯାଇଛି । ତା’ଛଡ଼ା ବିଭିନ୍ନ ଘରୋଇ ହସ୍ପିଟାଲ୍, କଲେଜ ଓ ବ୍ୟାଙ୍କ ପକ୍ଷରୁ ମଧ ଏକାଧିକ ଗାଡ଼ି ଓ ମୋଟରସାଇକଲ୍ ଯୋଗାଇ ଦିଆଯାଇଛି । ଏତେସବୁ ଗାଡ଼ି ମିଳିବା ପରେ ଏବେ ଭୁବନେଶ୍ୱର ୟୁପିଡ଼ିରେ ଗଡୁଛି ୩୭ଟି ପିସିଆର ଗାଡ଼ି । ପିସିଆର୍ ମୋଟରସାଇକଲ୍‌ର ଦେଖାନାହିଁ । ଯାହା ଟ୍ରାଫିକ୍ ପୋଲିସ ବ୍ୟବହାର କରୁଛି । ୨୫ଟି ମୋଟରସାଇକଲ୍

ଚାଲୁଥିବା ଜଣାପଡ଼ିଛି । କଟକରେ ୨୨ଟି ପିସିଆର୍ ଗାଡ଼ି ଓ ୧୮ଟି ମୋଟରସାଇକଲ୍ ଥିବା ଜଣାପଡ଼ିଛି । ଏତେ ପରିମାଣରେ ଗାଡ଼ି ଆସୁଥିବା ବେଳେ ସଂଖ୍ୟା ନ ବଢ଼ିବା ପଛରେ ପୋଲିସର ଅପାରଗତା ପଣ ପଦାରେ ପଡ଼ିଛି । ନିୟମ ଅନୁସାରେ, ପିସିଆର (ଗାଡ଼ି ଓ ମୋଟରସାଇକଲ୍) କେହି ଦାନ କଲେ କିମ୍ବା ସରକାର ଦେଲେ ସେ ସମ୍ପର୍କରେ ପୋଲିସ୍ ମୁଖ୍ୟାଳୟରେ ଥିବା ପୋଲିସ୍ ମୋଟର ଟ୍ରାନ୍ସପୋର୍ଟ (ପିଏମ୍‌ଟି)କୁ ଅବଗତ କରିବା କଥା । ପିଏମ୍‌ଟିରେ ଥିବା ଅଧିକାରୀ କେଉଁ ଗାଡ଼ି ପାଇଁ ବାର୍ଷିକ କେତେ ଟଙ୍କା ଖର୍ଚ୍ଚ ହେବ ତା’ର ତାଲିକା କରନ୍ତି । ଉଦାହରଣ ସ୍ୱରୂପ ଯଦି ପ୍ରଥମ ବର୍ଷରେ ଗାଡ଼ି ମରାମତି ପାଇଁ ୫୦ ହଜାର ଟଙ୍କା ଅନୁମୋଦନ ହେଉଥାଏ । ତା’ହେଲେ ୨ୟ ବର୍ଷକୁ ଏହା ୩୦ ହଜାର ଟଙ୍କା ଏବଂ ୩ୟ ବର୍ଷକୁ ଏହା ୧୫ ହଜାର ଟଙ୍କାକୁ ଖସି ଆସେ । କୌଣସି ପିସିଆର ଗାଡ଼ିରେ ଇଞ୍ଜିନ୍ ସିଜ୍ ହେଲେ ଏତେ ଟଙ୍କା ଖର୍ଚ୍ଚ ପାଇଁ ପିଏମ୍‌ଟି ତରଫରୁ ଆସୁନାହିଁ । ଗାଡ଼ି ଅପେକ୍ଷା ମୋଟରସାଇକଲ ଅଧିକ ଖରାପ ହେଉଛି । ଗୋଟିଏ ପିସିଆର୍ ଗାଡ଼ି ୪ରୁ ୫ ଲକ୍ଷ କି.ମି ଗଡ଼ିବା ପରେ ଉକ୍ତ ଗାଡ଼ିର ଗଡ଼ିବାର କ୍ଷମତା ନଥାଏ । ପୁନଃ ଏଗୁଡ଼ିକୁ ବ୍ୟବହାରଯୋଗ୍ୟ ପାଇଁ ଇଞ୍ଜିନ୍ ଓ ବଡ଼ି ସମ୍ପୂର୍ଣ୍ଣ ମରାମତି ଆବଶ୍ୟକ ପଡ଼ିଥାଏ । ମରାମତି ପାଇଁ ଯେତିକି ଅର୍ଥ ଆବଶ୍ୟକ ସେସବୁ ପିଏମ୍‌ଟି ଦେଉନାହିଁ । କେତେକ ସ୍ଥଳରେ ଥାନା ଅଧିକାରୀ ନିଜସ୍ୱ ଉଦ୍ୟମରେ ଅର୍ଥ ଯୋଗାଡ଼ କରି କିଛି ଗାଡ଼ି ମାରାମତି କରୁଛନ୍ତି । ଅଧିକାଂଶ ଗାଡ଼ି ପଡ଼ି ପଡ଼ି ଖତ ଖାଉଛି । ଏ ସଂକ୍ରାନ୍ତରେ ପିସିଆର୍ ଦାୟିତ୍ୱରେ ଥିବା ଅତିରିକ୍ତ ଉପାୟୁକ୍ତ (ଅସ୍ତ୍ରଶସ୍ତ୍ର) ବାନାମ୍ବର ସେଠୀ କହନ୍ତି, ୩୭ଟି ଗାଡ଼ି ଚାଲିଛି । ଖରାପ ହୋଇଥିବା ଗାଡ଼ିଗୁଡ଼ିକ ମରାମତି ହେବାକୁ ରିଜର୍ଭରେ ରହିଛି । ଅଧିକାଂଶ ମୋଟରସାଇକଲ ପିସିଆର୍ ଖରାପ ରହିଛି । କିଛି ମୋଟରସାଇକଲ ଟ୍ରାଫିକ୍ ଥାନାରେ କାର୍ଯ୍ୟ କରୁଛି ।

ମହାନଦୀ ଅବବାହିକାର ସୁରକ୍ଷା ପାଇଁ ସରକାର ଚିନ୍ତା କରନ୍ତୁ

କଟକ, ନ୍ୟୁଜ୍ ବ୍ୟୁରୋ

ମହାନଦୀ ହେଉଚି କଟକର ଜୀବନରେଖା । ଏବେ ଏବେ ରାଜ୍ୟ ସରକାର ମହାନଦୀର ତଟ ଉନ୍ନୟନ ପ୍ରକଳ୍ପ ପାଇଁ ୫୦ କୋଟି ଟଙ୍କା ବ୍ୟୟ ବରାଦ କରିଛନ୍ତି । ତେବେ ତଳ ଅବବାହିକାରେ ଯେଉଁଠି ମହାନଦୀ ସମୁଦ୍ରରେ ମିଶୁଛି ସେସବୁ ଜାଗାରେ କିପରି ଉନ୍ନୟନ ପ୍ରକଳ୍ପ କାର୍ଯ୍ୟକାରୀ କରିହେବ ସେନେଇ ରୋଡମ୍ୟାପ୍ ପ୍ରସ୍ତୁତ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି । ତେବେ ଉପରମୁଣ୍ଡରୁ ତଳମୁଣ୍ଡ ଯାଏ ବୋହିଯାଇଥିବା ମହାନଦୀର ଉଭୟ ପାର୍ଶ୍ୱର ସୁରକ୍ଷା ପାଇଁ ବି ପଦକ୍ଷେପ ନେବାକୁ ପରିବେଶବିତମାନେ ପ୍ରସ୍ତାବ ଦେଇଛନ୍ତି । ହୀରାକୁଦରୁ ପାରାଦୀପ ଯାଏ ଓଡ଼ିଶାରେ ମହାନଦୀ ଲମ୍ବିଛି । ତେବେ ଏହି ଲମ୍ବା ରାସ୍ତାରେ ବେଳେ ବେଳେ ମହାନଦୀର କୂଳ ଖାଇଥିବା ଦେଖିବାକୁ ମିଳୁଛି ତ ଆଉ କେଉଁଠି ଜବରଦଖଲ ପାଇଁ ମହାନଦୀ ପୋତି ହୋଇପଡିଛି । ତେବେ ସମ୍ପୂର୍ଣ୍ଣ ଅବବାହିକାରେ ମହାନଦୀକୁ ସୁରକ୍ଷା ଦେବା ପାଇଁ ସରକାର ଚିନ୍ତା କରିବା ଆବଶ୍ୟକ ବୋଲି କୁହାଯାଇଛି । ଅଧିକରୁ ଅଧିକ ଲୁଣା ଜଙ୍ଗଲ ସୃଷ୍ଟି କରିବା, ଉଭୟ ପାର୍ଶ୍ୱରେ ବ୍ୟାପକ ବୃକ୍ଷ ରୋପଣ କରିବା, ଜବରଦଖଲ ହଟାଇବା, ବୁରୁଜ ପାକିଂ କରିବା, ନଦୀଶଯ୍ୟାକୁ ଖନନ କରିବା ପରି ବିଭିନ୍ନ ପଦକ୍ଷେପ ନେବାକୁ ପରିବେଶବିତମାନେ ପ୍ରସ୍ତାବ ଦେଇଛନ୍ତି । ଓଡ଼ିଶାରେ ହୀରାକୁଦ ଠାରୁ ପାରାଦୀପ ଯାଏ ମହାନଦୀର ଅବବାହିକାକୁ ସୁରକ୍ଷା ଦିଆନଗଲେ ଏହା ଭବିଷ୍ୟତ ପାଇଁ ବିପଦର କାରଣ ହୋଇପାରେ । ତେଣୁ ଏବେଠାରୁ ମହାନଦୀର ସୁରକ୍ଷା ନେଇ ପରିବେଶବିତ୍‌ମାନେ ଚିନ୍ତାପ୍ରକଟ କରିବା ଆରମ୍ଭ କରିଛନ୍ତି । ତେବେ ଏହିକ୍ରମରେ ମହାନଦୀ ପଠାରେ ବ୍ୟାପକ ବୃକ୍ଷ ରୋପଣ କରିବା ଉପରେ ଗୁରୁତ୍ୱ ବୃଦ୍ଧି ପାଇଛି । ଅଧିକରୁ ଅଧିକ ଲୁଣା ଜଙ୍ଗଲ ସୃଷ୍ଟି କରିବା

ପାଇଁ ବିଭିନ୍ନ ବେସରକାରୀ ଅନୁଷ୍ଠାନକୁ ନିଯୋଜିତ କରିବା ଠାରୁ ଆରମ୍ଭ କରି ବିଭିନ୍ନ ସ୍ଥାନରେ ମହାନଦୀର ପାର୍ଶ୍ୱକୁ ପଥର ପାକିଂ କରିବା ଯାଏ ବିଭିନ୍ନ ପଦକ୍ଷେପ ନେବାକୁ ପ୍ରସ୍ତାବ ଦିଆଯାଇଛି । ଏହାଛଡ଼ା ମହାନଦୀ ଶଯ୍ୟାକୁ ଖନନ କରି ଆହୁରି ଗଭୀର କରିବା ପାଇଁ ବି ଉଦ୍ୟମ କରାଯିବାକୁ ଦାବି ହୋଇଛି । ସମୟକ୍ରମେ ମହାନଦୀ ଅନେକ ଜାଗାରେ ସଂକୁଚିତ ହେବାରେ ଲାଗିଛି । ନଦୀ ଅବବାହିକାରେ କଳକାରଖାନା ବୃଦ୍ଧି, ଅନଧିକାର ପ୍ରବେଶ ବା ଜବରଦଖଲ, ପଠାରୁ ବ୍ୟାପକ ବୃକ୍ଷ ଛେଦନ ପରି ବିଭିନ୍ନ କାରଣ ପାଇଁ ଏବେ ମହାନଦୀ କୂଳ ସଂକୁଚିତ ହେବାରେ ଲାଗିଛି । ଫଳରେ ନଦୀରେ ଅଚାନକ ପାଣି ଆସିବା ଫଳରେ ଅନେକ ଅଞ୍ଚଳ ଜଳାର୍ଣ୍ଣବ ହେଉଥିବା ବେଳେ ନଦୀର ଗତିପଥ ବି ବଦଳିଯାଉଛି । ଏପରି ପରିସ୍ଥିତିକୁ ଦୃଷ୍ଟିରେ ରଖି ସରକାର ଓ ବିଭିନ୍ନ ବେସରକାରୀ ଅନୁଷ୍ଠାନ ବିହିତ ପଦକ୍ଷେପ ନେବାକୁ ଏବେ ଦାବି ତୀବ୍ରତର କରାଯାଇଛି । ଆଗରୁ ମହାନଦୀରେ ପାଣି ନଆସିବାକୁ ନେଇ ବହୁ ରାଜନୀତି କରାଯାଇଛି । ଏବେ ଅବବାହିକାର ସୁରକ୍ଷା ପାଇଁ ଅଣ୍ଟା ଭିଡିବା ଆବଶ୍ୟକ ବୋଲି ବୁଦ୍ଧିଜୀବୀମାନେ ମତପ୍ରକାଶ କରିଛନ୍ତି । ତେବେ ରାଜ୍ୟ ସରକାର ମହାନଦୀର ତଟ ସୁରକ୍ଷା ପାଇଁ ପଦକ୍ଷେପ ନେବାକୁ ଯାଉଥିବା ବେଳେ ଅବବାହିକାର ବି ସୁରକ୍ଷା ପ୍ରତି ଯତ୍ନଶୀଳ ହେବା ଉଚିତ୍ ବୋଲି କଟକର ବୁଦ୍ଧିଜୀବୀମାନେ ମତପ୍ରକାଶ କରିବା ଆରମ୍ଭ କରିଛନ୍ତି । ରାଜ୍ୟ ବଜେଟ୍‌ରେ ମହାନଦୀର ତଟ ସୁରକ୍ଷା ପାଇଁ ବ୍ୟୟ ବରାଦ କରାଯାଇଛି । ସମୁଦ୍ର ପାଖାପାଖି ଯେଉଁଠି ମହାନଦୀ ମିଶୁଛି ସେସବୁ ଜାଗାର ସୁରକ୍ଷା ପାଇଁ ବ୍ୟୟ ମଞ୍ଜୁର କରିବା ଖୁସିର କଥା ହୋଇଥାଇପାରେ, କିନ୍ତୁ ହୀରାକୁଦରୁ ପାରାଦୀପ ଯାଏ ପଡିଥିବା ଅବବାହିକାର ଉନ୍ନତି ପାଇଁ ବି ସରକାର ଉଦ୍ୟମ କରିବା ଆବଶ୍ୟକ । ନଦୀର ଉପରମୁଣ୍ଡରେ ଲୋ ବ୍ୟାରେଜ୍ ନିର୍ମାଣ କରିବା ଠାରୁ ଆରମ୍ଭ କରି ନଦୀ ପାର୍ଶ୍ୱକୁ ସୁରକ୍ଷା ଦେବା ପାଇଁ ପ୍ରୟନ୍ କରିବା ବି ଜରୁରୀ ହୋଇଥିବାରୁ ଏଦିଗ ପ୍ରତି ସରକାର ବିଶେଷ ଧ୍ୟାନ ଦେବାକୁ ପରିବେଶବିତ, ବୁଦ୍ଧିଜୀବୀ ଓ ଜଳ ମିଶନ ଦିଗରେ କାମ କରୁଥିବା ଚିନ୍ତାଶୀଳ ନାଗରିକ ମତପ୍ରକାଶ କରିଛନ୍ତି ।

||||||| ଭାରତରେ କାୟା ବିସ୍ତାର କରୁଛି ଅପପୁଷ୍ଟି |||||||

୫ ବର୍ଷରୁ କମ୍ ବୟସର ୫୦% ଶିଶୁ ଅପପୁଷ୍ଟିର ଶିକାର

ନୂଆଦିଲ୍ଲୀ, ନ୍ୟୁଜ୍ ବ୍ୟୁରୋ

ଭାରତରେ ଅପପୁଷ୍ଟି ରୋଗ କାୟା ବିସ୍ତାର କରିବାରେ ଲାଗିଛି । ଏବେ ଦେଶରେ ୫ ବର୍ଷରୁ କମ୍ ବୟସର ପ୍ରତି ୨ ଜଣରୁ ଜଣେ (୫୦ ପ୍ରତିଶତରୁ ଅଧିକ) ଶିଶୁ ଅପପୁଷ୍ଟି ରୋଗର ଶିକାର ହୋଇଛନ୍ତି । ଲୋକସଭାରେ ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏହି ସୂଚନା ଦେଇଛନ୍ତି । ସେ ଜୁନ୍‌ର ପୋଷଣ ଟ୍ରାକର ତଥ୍ୟ ଆଧାରରେ କହିଛନ୍ତି ଯେ ୬ ବର୍ଷରୁ କମ୍ ବୟସର ୮.୫୭ କୋଟି ପିଲାଙ୍କ ମାପ କରାଯାଇଥିଲା । ଏମାନଙ୍କ ମଧ୍ୟରୁ ୧୭ ପ୍ରତିଶତଙ୍କ ଓଜନ ସ୍ୱାଭାବିକ୍ ଠାରୁ କମ୍ ଥିଲା । ୩୬ ପ୍ରତିଶତ ଶିଶୁ ଦୁର୍ବଳ ଥିଲେ । ସେହିପରି ୬ ପ୍ରତିଶତ ଅତ୍ୟନ୍ତ ଦୁର୍ବଳ ଥିଲେ । ଦୁର୍ବଳ ଶିଶୁ ନିଜ ବୟସ ଠାରୁ ବହୁତ ସାନ ଦେଖାଯାଉଥିଲେ । ସେମାନଙ୍କ ଓଜନ ମଧ ବହୁତ କମ୍ ରହିଥିଲା । ଏ ସବୁ ଅପପୁଷ୍ଟିର ଲକ୍ଷଣ । ଉତ୍ତର ପ୍ରଦେଶର ସର୍ବାଧିକ ୪୬, ୩୬%, ଲାକ୍ଷାଦ୍ୱୀପର ୪୬.୩୧ %, ମହାରାଷ୍ଟ୍ରର ୪୪.୫୯%, ମଧ୍ୟପ୍ରଦେଶର ୪୧.୬୧ % ଶିଶୁ ଦୁର୍ବଳ ଅଛନ୍ତି । ଅପପୁଷ୍ଟିର ସ୍ଥିତି ଲାକ୍ଷାଦ୍ୱୀପରେ ସବୁଠୁ ଖରାପ ରହିଛି । ଏଠାକାର ୧୩. ୨୨%, ବିହାରର ୯.୮୧ %, ଗୁଜରାଟର ୯.୧୬ % ଶିଶୁ ଗୁରୁତର ଭାବେ ପ୍ରଭାବିତ ହୋଇଛନ୍ତି । ଏହି ଲକ୍ଷଣ ଦ୍ରୁତ ଓଜନ ହ୍ରାସକୁ ସୂଚାଉଛି । ସେହିପରି ମଧ୍ୟପ୍ରଦେଶର ୨୬.୨୧ %, ଦାଦ୍ରା ଏବଂ ନଗର ହାବେଲୀ ଓ ଦାମନ ଏବଂ ଡିଉର ୨୬.୪୧%, ଲାକ୍ଷାଦ୍ୱୀପ ୨୩.୨୫% ଶିଶୁଙ୍କ ଓଜନ କମ୍ ରହିଛି । ତେବେ ଗୋଆ, ସିକିମ ଏବଂ ଲଦାଖରେ ଅପପୁଷ୍ଟି ହାର ବହୁତ କମ୍ ରହିଛି ।

ଜାତୀୟ ସ୍ତରରେ ରେକର୍ଡ଼:ବ୍ରହ୍ମପୁର ଆଇଟିଆଇରେ ଅଧ୍ୟୟନ କରୁଛନ୍ତି ସର୍ବାଧିକ ଛାତ୍ରୀ

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ବିଭିନ୍ନ ସମୟରେ ବ୍ରହ୍ମପୁର ଆଇଟିଆଇ ଅନେକ ପ୍ରଶଂସା ସାଉଁଟିଛି । ଏବେ ଏଠାରେ ପଢ଼ୁଥିବା ଛାତ୍ରୀଙ୍କୁ ନେଇ ଚର୍ଚ୍ଚା ହୋଇଛି । ଜାତୀୟସ୍ତରରେ ବ୍ରହ୍ମପୁର ଆଇଟିଆଇରେ ୨୦୨୨-୨୩ ଶିକ୍ଷାବର୍ଷରେ ୧୧୦୦ରୁ ଊର୍ଦ୍ଧ୍ୱ ଛାତ୍ରୀ ବିଭିନ୍ନ ଟ୍ରେଡ୍‌ରେ ନାମ ଲେଖାଇଥିଲେ । ଫଳରେ ସର୍ବଭାରତୀୟ ସ୍ତରରେ ବ୍ରହ୍ମପୁର ଆଇଟିଆଇ ଏକ ନମ୍ବର ସ୍ଥାନ ଅଧିକାର କରିଛି । ଯାହାକୁ ନେଇ ଜିଲ୍ଲାପାଳ ପ୍ରଶଂସା କରିଥିବା ଜଣାପଡ଼ିଛି । ଏନେଇ ଗଞ୍ଜାମ ଜିଲ୍ଲା କଲେକ୍ଟର ଏଣ୍ଡ ଡିଷ୍ଟ୍ରିକ୍ଟ ମାଜିଷ୍ଟ୍ରେଟ୍ ସୋସିଆଲ୍ ମିଡ଼ିଆ ଆକାଉଣ୍ଟ ଏକ୍ସ ହ୍ୟାଣ୍ଡେରେ ଏକ ଭିଡ଼ିଓ ପୋଷ୍ଟ କରିଥିବା ଦେଖିବାକୁ ମିଳିଛି । ଏଥିରେ ଆଇଟିଆଇର ଜାତୀୟସ୍ତରୀୟ ରେକର୍ଡ଼କୁ ଜିଲ୍ଲା ପ୍ରଶାସନ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି । ଏହି ଗୌରବମୟ ଯାତ୍ରାକୁ ଆଗକୁ ନେବା ପାଇଁ ପ୍ରଶାସନ ପକ୍ଷରୁ କୁହାଯାଇଛି । ସ୍କିଲ୍ ଇଣ୍ଡିଆରେ ଶିକ୍ଷାଦାନ ପାଇଁ ବ୍ରହ୍ମପୁର ଆଇଟିଆଇ ଅଗ୍ରଣୀ ଭୂମିକା ଗ୍ରହଣ କରିଛି । ଯାହାକୁ ନେଇ ବ୍ରହ୍ମପୁର ଆଇଟିଆଇର ଅଧ୍ୟକ୍ଷ, ପ୍ରଶିକ୍ଷକ, ପ୍ରଶିକ୍ଷିକା ଏବଂ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଉତ୍ସାହ ବୃଦ୍ଧି ପାଇଛି । ଅନ୍ୟପକ୍ଷରେ ଅନୁଷ୍ଠାନର ଇଲେକ୍ଟ୍ରିସିଆନ୍, ଫିଟର୍, ପ୍ଲମ୍ବର, ଟନର, ୱାଇରମ୍ୟାନ୍, ଟ୍ରାକ୍ଟର ମେକାନିକ୍ ଭଳି ୨୭ଟି ଟ୍ରେଡ୍‌ରେ ୨୦୨୨-୨୩ ଶିକ୍ଷା ବର୍ଷରେ ୨୦୧୬ ଜଣ ବିଦ୍ୟାର୍ଥୀ ନାମ ଲେଖାଇଥିବା ସେଥିରୁ ୨୦୨୨ ଶିକ୍ଷା ବର୍ଷରେ ୩୫୩ ଜଣ ଛାତ୍ରୀ ଓ ୨୦୨୩ ମସିହାରେ ୭୪୭ ଛାତ୍ରୀ ନାମ ଲେଖାଇଛନ୍ତି । ସେହିଭଳି ଚଳିତ ଶିକ୍ଷାବର୍ଷ ନାମଲେଖା ଚାଲୁଥିବା ବେଳେ ଏହା ଆହୁରି ଅଧିକ ହେବ ଏବଂ ଅନୁଷ୍ଠାନର ଅଧିକରୁ ଅଧିକ ବିଦ୍ୟାର୍ଥୀ ନିଯୁକ୍ତି ପାଇବେ ବୋଲି ଅନୁଷ୍ଠାନର ଅଧକ୍ଷ ଡ଼. ରଜତ ପାଣିଗ୍ରାହୀ ଆଶା ରଖିଛନ୍ତି । ପାଠ ପଢ଼ା ସାଙ୍ଗକୁ ଚାକିରୀ କ୍ଷେତ୍ରରେ ବି ନିଯୁକ୍ତି ନେଇ ଆଗରେ ରହିଛି ଏହି ଅନୁଷ୍ଠାନ । ଲଭ୍ ଦା ଟ୍ୟାଲେଂଟ ମାଧ୍ୟମରେ ୧୫୬୦ ଜଣ ବିଦ୍ୟାର୍ଥୀଙ୍କୁ ଚାକିରୀ କ୍ଷେତ୍ରରେ ପ୍ରଥମ ଥର ନିଯୁକ୍ତି ଦିଆଯାଇଛି । ସେହିପରି ଅନେକ ସମୟରେ ନଷ୍ଟ ଦ୍ରବ୍ୟରୁ ଶ୍ରେଷ୍ଠ କଳାକୃତି ସୃଷ୍ଟିରେ ବିଭିନ୍ନ ଅବ୍ୟବହାର ସରଞ୍ଜାମକୁ ବ୍ୟବହାର କରି ପ୍ରକଳ୍ପ ତିଆରି ହେଉଛି । ଯାହା ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରରେ ରେକର୍ଡ଼ ସୃଷ୍ଟି କରି ସୁନାମ ଅର୍ଜନ କରୁଛି । ସ୍କିଲ୍ ଇଣ୍ଡିଆର ସୁରକ୍ଷା ଭଳି ଯୋଜନାରେ ଆର୍ଥିକ ଅନଗ୍ରସର ଛାତ୍ରୀଙ୍କୁ ଅଧ୍ୟୟନର ସୁଯୋଗ ପ୍ରଦାନ କରାଯାଇଛି ଅନୁଷ୍ଠାନ । ଫଳରେ ଆଇଟିଆଇରେ ନିଜକୁ ସ୍ୱାବଲମ୍ବୀ ଗଢ଼ି ତୋଳିବା ପାଇଁ ଅଧିକରୁ ଅଧିକ ଛାତ୍ରୀ ନାମ ଲେଖାଉଛନ୍ତି ବୋଲି ଡ଼. ପାଣିଗ୍ରାହୀ କହିଛନ୍ତି ।

ବାଲିପାଟଣା ବଜାରରେ କୁଢ଼ କୁଢ଼ ଆବର୍ଜନା:ମଶାବଂଶ ବଢ଼ୁଛି

ବାଲିପାଟଣା, ନ୍ୟୁଜ୍ ବ୍ୟୁରୋ

ରାଜ୍ୟରେ ଏବେ ଡେଙ୍ଗୁ, ମ୍ୟାଲେରିଆ ଆଦି କାୟା ବିସ୍ତାର କରିଚାଲିଛି । ବାଲିପାଟଣା ବଜାର ଅଞ୍ଚଳରେ ମଶାବଂଶ ବଢ଼ୁଛି । ବଜାରର କେନ୍ଦ୍ରସ୍ଥଳକୁ ଘେରି ରହିଛି ବାଲିପାଟଣା ପୋଷ୍ଟ ଅଫିସ, ବ୍ଲକ କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ସବ୍‌ରେଜେଷ୍ଟି କାର୍ଯ୍ୟାଳୟ ବିଏସ୍ଏନ୍ଏଲ୍ କାର୍ଯ୍ୟାଳୟ ବାଲିପାଟଣା ଥାନା, ପ୍ରାଣୀ ଚିକିତ୍ସାଳୟ ଜଳସେଚନ ବିଭାଗ ତଥା ଆହୁରି ଅନେକ ସରକାରୀ କାର୍ଯ୍ୟାଳୟ । ଦୁଇ ଶହରୁ ଅଧିକ ସ୍ଥାୟୀ ବ୍ୟବସାୟ ପ୍ରତିଷ୍ଠାନ ସହିତ ସପ୍ତାହକୁ ଦୁଇଥର ଏଠାରେ ହାଟ ବସେ । ହାଟରେ ୩ ଶହରୁ ଅଧିକ ବ୍ୟବସାୟୀ ସେମାନଙ୍କ ପସରା ଖୋଲି ପନିପରିବା ଠାରୁ ଆରମ୍ଭ କରି ବହୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ବିକ୍ରି କରିଥାନ୍ତି । ଆଖପାଖ ଅଞ୍ଚଳର ୩୦ରୁ ୪୦ ଗ୍ରାମର ଲୋକେ ଏହି ହାଟ ଉପରେ ନିର୍ଭର କରିଥାନ୍ତି । ଏହି ହାଟ କିନ୍ତୁ ଡମ୍ପିୟାର୍ଡ ପାଲଟିଛି । ଚାରିପଟେ ବିଭିନ୍ନ କାନ୍ଥବାଡ଼ରେ ସ୍ୱଚ୍ଛ ଭାରତର ପ୍ରଚାର ଏଠାରେ ପ୍ରହସନ ପାଲିଟିଛି । ପ୍ରତି ସାପ୍ତାହିକ ହାଟରେ ବହୁ ସଂଖ୍ୟାରେ

ଲୋକ ତଥା ଚାରିଶହରୁ ଅଧିକ ବ୍ୟବସାୟୀ ଆସୁଥିବା ଏହି ହାଟରେ ସର୍ବସାଧାରଣ ଶୌଚାଳୟ ବା ପରିସ୍ରାଗାରଟିଏ ସୁଧା ନାହିଁ । ବ୍ୟବସାୟୀ ତଥା ହାଟ କରିବାକୁ ଆସୁଥିବା ସାଧାରଣ ଲୋକମାନେ ବାଧ ହୋଇ ବାଲିପାଟଣା ତହସିଲ ପ୍ରାଚୀର, ସବରେଜେଷ୍ଟ୍ରି, ଥାନା ପ୍ରାଚୀର, ଜଳସେଚନ ବିଭାଗ କାନ୍ଥକୁ ପରିସ୍ରାଗାର ଭାବରେ ବ୍ୟବହାର କରୁଛନ୍ତି । ଏ ସମ୍ପର୍କରେ ଦୈନିକ ପ୍ରଗତିବାଦୀରେ ଖବର ପ୍ରସାରଣ ପରେ ଗାରେଡିପାଞ୍ଚଣ ପଞ୍ଚାୟତର ପୂର୍ବତନ ସରପଞ୍ଚ ସୌମ୍ୟ ରଞ୍ଜନ ମହାନ୍ତି ପଞ୍ଚାୟତ ପାଣ୍ଠିରୁ ଅର୍ଥ ମଞ୍ଜୁର କରି ବଜାର ଆରମ୍ଭରେ ତଥା ତହସିଲ କାର୍ଯ୍ୟାଳୟ ନିକଟରେ ଏକ ସର୍ବସାଧାରଣ ପରିସ୍ରାଗାର ନିର୍ମାଣ କାର୍ଯ୍ୟ ଆରମ୍ଭ କରିଥିଲେ । ହେଲେ ଏହାକୁ ପ୍ରୋତ୍ସାହନ ଦେବା ବଦଳରେ ଖୋଦ୍ ତହସିଲ କାର୍ଯ୍ୟାଳୟ ଏଥିରେ ପ୍ରତିବନ୍ଧକ ସାଜିଥିଲା । କିଛି ନସ୍ୱାର୍ଥ ବ୍ୟକ୍ତିଙ୍କ ପ୍ରରୋଚନାରେ ତତ୍କାଳୀନ ତହସିଲଦାର ଏହି ନିର୍ମାଣ କାର୍ଯ୍ୟ ଅଧାରୁ ବନ୍ଦ କରିବା ସହିତ ପରୋକ୍ଷରେ ନିଜ ପ୍ରାଚୀରକୁ ପରିସ୍ରାଗାର ଭାବେ ବ୍ୟବହାର କରିବା ଲାଗି ବଜାର ଲୋକଙ୍କୁ ଆମନ୍ତ୍ରଣ କରିଥିଲେ । ସେ ଅଧା ତିଆରି ପରିସ୍ରାଗାର ଏବେବି ସେଇଭଳି ପଡିରହିଛି । କେବଳ ସେତିକି ନୁହେଁ, ସପ୍ତାହରେ ଦୁଇଥର ବସୁଥିବା ହାଟରୁ ବାହାରୁଥିବା ଟନ୍ ଟନ୍ ବର୍ଜ୍ୟବସ୍ତୁକୁ ପଞ୍ଚାୟତ ବିଭାଗ ଥାନା ପ୍ରାଚୀର ନିକଟରେ ଏକ ଗଦାକରି ଏକ ପୁତିଗନ୍ଧମୟ ପରିବେଶ ସୃଷ୍ଟି କରୁଛି । ବିଶେଷ କରି ବର୍ଷା ଦିନେ ଏହି ବର୍ଜ୍ୟବସ୍ତୁ ପଚି ଆଖପାଖର ପରିବେଶକୁ ଦୂଷିତ କରିବା ସହିତ ପାନୀୟ ଜଳକୁ ଦୂଷିତ କରିବାରେ ପ୍ରମୁଖ କାରଣ ପାଲଟିଛି । ଅବଶ୍ୟ ଦୋଷ ଛଡ଼ାଇବାକୁ ପଞ୍ଚାୟତ ପକ୍ଷରୁ କୂଅ ନନ୍ଦ ଥୁଆ ହୋଇ ତିନିଟା ଡଷ୍ଟବିନ୍ ତିଆରି ହୋଇଥିଲା । ତଥା ନିକଟରେ ଶୁଖିଲା ବର୍ଜ୍ୟ ବସ୍ତୁ ଓ ଓଦା ବର୍ଜ୍ୟ ବସ୍ତୁ ପକାଇବା ଲାଗି ଏକ ଛୋଟ ଟାଙ୍କି ଘର ମଧ୍ୟ ତିଆରି ହୋଇଛି । ହେଲେ ଏହି ଘରେ ବର୍ଜ୍ୟବସ୍ତୁ ବଦଳରେ ଶୁଖିଲା ନଡ଼ିଆ ପତ୍ର ବିଡା ହୋଇ ସାଇତା ହୋଇଛି । ଦିନେ ହେଡ କ୍ୱାର୍ଟର ପଞ୍ଚାୟତ ଭାବରେ ନାଁ କରିଥିବା ଗାରେଡି ପାଞ୍ଚଣ ପଞ୍ଚାୟତ ନିଜର ଅସ୍ତିତ୍ୱ ହରାଇ ବସିଲାଣି । ଏହି ଅଳିଆ ଗଦାକୁ ଲାଗି ବାଲିପାଟଣା ଥାନା ପ୍ରାଚୀର ହେଲେ ସମସ୍ତେ ଚୁପ୍ । ପରିମଳ ଯୋଜନା ଏଠାରେ ଏକ ପ୍ରକାର ପ୍ରହସନ ପାଲଟିଛି । ସରପଞ୍ଚ କେବଳ ପଞ୍ଚାୟତ କର୍ମଚାରୀଙ୍କ ଜରିଆରେ ହାଟରୁ ଟିକସ ଆଦାୟ କରିବାରେ ବ୍ୟସ୍ତ ରହୁଥିବାବେଳେ ନିକଟରେ ରହୁଥିବା ଲୋକେ ଏହି ଅସ୍ୱାସ୍ଥ୍ୟକର ପରିବେଶରେ ରୋଗକୁ ଅପେକ୍ଷା କରିଛନ୍ତି ।

ସମସ୍ୟା ଘେରରେ ଯାତ୍ରୀ ବିଶ୍ରାମାଗାର

ରମ୍ଭା, ନ୍ୟୁଜ୍ ବ୍ୟୁରୋ

ଐତିହାସିକ ତଥା ଓଡ଼ିଶା ମାନଚିତ୍ରରେ ରମ୍ଭା ପ୍ରମୁଖ ସ୍ଥାନ ଅଧିକାର କରିଆସିଅଛି । ଦକ୍ଷିଣ ଓଡ଼ିଶାର ବ୍ୟବସାୟିକ ପେଣ୍ଠସ୍ଥଳୀ ଓ ଚିଲିକା ନୌବାଣିଜ୍ୟ, ପର୍ଯ୍ୟଟନ ପାଇଁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ସ୍ଥାନ ଉଲ୍ଲେଖ ରହିଛି । ହେଲେ ଯାତ୍ରୀଙ୍କ ସୁବିଧା ଓ ବିଶ୍ରାମଗାରର ଅବ୍ୟବସ୍ଥା ପ୍ରତ୍ୟକ୍ଷଦର୍ଶୀ ହିଁ କହିବ । ସହରର ଉଭୟ ପଟରୁ ଆସୁଥିବା ପର୍ଯ୍ୟଟକ, ବାଟୋଇ ଓ ଯାତ୍ରୀ ବସ୍‌ଷ୍ଟାଣ୍ଡ ବିଶ୍ରାମଗାରର ସନ୍ତୁଳିତ ଅବ୍ୟବସ୍ଥା ଅର୍ଥାତ୍ ଆଗ ପଟେ ଲଣ୍ଡ୍ରି ଦୋକାନ । ପଛପଟେ ମାଛ ବଜାରର ଦୁର୍ଗନ୍ଧ ତଥା ବିଶ୍ରାମଗାରର ପରିଷ୍କାର ପରିଚ୍ଛନ୍ନତା ଉପରେ ଅଙ୍ଗୁଳି ନିର୍ଦ୍ଦେଶ କରିଛି । ଅନ୍ୟପଟେ ସନ୍ଧ୍ୟା ନଇଁଲେ ମଦ୍ୟପ ଗଞ୍ଜୋଡ଼ ମାନଙ୍କ ଆଡ୍ଡାକୁ ଅସ୍ୱୀକାର କରାଯାଇନପାରେ । ତତ୍ ସହିତ ପ୍ରାକୃତିକ ଦୁର୍ବିପାକ । ବର୍ଷା ଝଡ଼ି ପବନରେ ବୁଲା ଗାଇ ଗୋରୁ ମାନଙ୍କ ଚଳପ୍ରଚଳକୁ ମନା କରାଯାଇନପାରେ । ବିଭିନ୍ନ ୱାର୍ଡରେ ଏବଂ ସହରର ମୁଖ୍ୟ ରାସ୍ତାରେ ଖୋଲାରେ ଗାଈ ଗୋରୁମାନେ ବୁଲୁଥିବା ହେତୁ ଯାତାୟାତରେ ବାଧା ଏବଂ ଆଂଶିକ ଦୁର୍ଘଟଣା ଘଟୁଥିବା ନଜିର ରହିଛି । ଏ ନେଇ ଏନ.ଏ.ସି ପକ୍ଷରୁ ନାମକୁ ମାତ୍ର ଗାଈ ଗୋରୁ ମାଲିକ ରାସ୍ତା ଉପରେ ନଛାଡ଼ିବା ଓ ଛାଡ଼ିଲେ ଜରିମାନା ଆଦାୟ ପାଇଁ ବେଳେ ବେଳେ ମାଇକ୍‌ରେ ପ୍ରଚାର କରି ନିଜ ମୁଣ୍ଡରୁ ଦୋଷ ହଟାଇବା ପାଇଁ ଅଭିଯୋଗ ହେଉଛି । ଏହାକୁ ରୋକିବାକୁ ସେପରି ଆଖିଦୃଶିଆ ପଦକ୍ଷେପ ନିଆଯାଉନାହିଁ । ସରକାରୀ ସ୍ତରରେ ଗାଈ ଗୋରୁଙ୍କ ରକ୍ଷଣା ବେକ୍ଷଣ ସକାଶେ ରମ୍ଭାରେ ଯୋଡି ଘର ହଜିଯାଇଛି । କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ବିକାଶ ନାମରେ ଡେଙ୍ଗୁରା ପିଟୁଥିଲେ ମଧ ଗୋ ସମ୍ପଦର ସୁରକ୍ଷା ପାଇଁ କାଞ୍ଜିଆହୁଦା ଓ ଅନ୍ୟାନ୍ୟ ବ୍ୟବସ୍ଥା ପାଇଁ ଆସୁଥିବା ଅର୍ଥ ହରିଲୁଟ୍ କରାଯାଉଛି ବୋଲି ସାଧାରଣରେ ଆଲୋଚନା ହେଉଛି । ଏପରି ସ୍ଥଳେ ସହରର ୩ ଗୋଟି ଯାତ୍ରୀ ବିଶ୍ରାମଗାର ଥିବାବେଳେ ଏହା ଉନ୍ନତମାନର ନୁହେଁ କିମ୍ବା ଯାତ୍ରୀ ଉପରୋକ୍ତ ଜାଗାକୁ ଦେଖି ନାକ ଟେକିବା ସହ ପାର୍ଶ୍ୱବର୍ତ୍ତୀ ଘର ଓ ଦୋକାନ ଦୁଆରେ ନିଜର ଛୁଆପିଲା ଧରି ବସ୍‌ର ଅପେକ୍ଷାରେ ରହିଥିବା ଲକ୍ଷ୍ୟ କରାଯାଇଛି ।

ଜିଲ୍ଲା ମିଶନଶକ୍ତି ପ୍ରକଳ୍ପ ସଂଯୋଜକଙ୍କ ଠାରୁ ଦାୟିତ୍ୱ ପ୍ରତ୍ୟାହାରକୁ ବିରୋଧ

କେନ୍ଦ୍ରାପଡ଼ା, ନ୍ୟୁଜ୍ ବ୍ୟୁରୋ

କେନ୍ଦ୍ରାପଡା ଜିଲ୍ଲା ମିଶନଶକ୍ତି ପ୍ରକଳ୍ପ ସଂଯୋଜକ ଦୀର୍ଘଦିନ ହେଲା ଓଡ଼ିଶା ଜୀବିକା ମିଶନଶକ୍ତି ଦାୟିତ୍ୱର ସହ କାମ କରି ଆସୁଥିଲେ । କିନ୍ତୁ ଗୁରୁବାର ମାର୍ଶାଘାଇ ବ୍ଲକର ମିଶନଶକ୍ତିର କିଛି ମହିଳାମାନେ ତାଙ୍କୁ ଦୁର୍ବ୍ୟବହାର କରିଥିବା ଅଭିଯୋଗ କଳାପରେ ଜିଲ୍ଲାପାଳ ତାଙ୍କ ଠାରୁ ପଦବୀ ପ୍ରତ୍ୟାହାର କରି ଏପିଡିଙ୍କୁ ଦାୟିତ୍ୱ ହସ୍ତାନ୍ତର କରିଛନ୍ତି । ଏହାକୁ ପ୍ରତିବାଦ କରି ଜିଲ୍ଲାର ୯ ଗୋଟି ବ୍ଲକର ମହାସଂଘ ଓ ପଞ୍ଚାୟତ ମିଶନଶକ୍ତି ମହାସଂଘର ସଦସ୍ୟ ବୃନ୍ଦ ଏହାର ପ୍ରତିବାଦ କରି ଜିଲ୍ଲାପାଳଙ୍କୁ ଭେଟି ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଏହି ଦାବିପତ୍ରରେ ମାର୍ଶାଘାଇ ବ୍ଲକର ଜୀବିକା ମିଶନଶକ୍ତିର ମହିଳାମାନେ ତାଙ୍କ ବିରୋଧରେ ମିଥ୍ୟା ଅଭିଯୋଗ କରିଥିବାର ତଦନ୍ତ କରିବା ସହିତ ତାଙ୍କ ପଦବୀକୁ ଫେରସ୍ତ କରିବାକୁ ଦାବି କରିଛନ୍ତି । ଏଥିସହିତ ତାଙ୍କ ଦାବିପତ୍ରରେ କମ୍ୟୁନିଟି ସପୋର୍ଟ ଷ୍ଟାଫ ପଞ୍ଚାୟତ ସଂଘ ପାଖରେ କାମ କରିବାକୁ ଆଗ୍ରହୀ ନୁହଁନ୍ତି ତାହେଲେ ପଞ୍ଚାୟତ ସଂଘ ସେମାନଙ୍କୁ କାମ କରାଇବାକୁ ଚାହୁଁନଥିବା ପ୍ରକାଶ କରିଛନ୍ତି । ପଞ୍ଚାୟତ ସଂଘ ପାଖରୁ ଯଦି ସେମାନେ ପାରିଶ୍ରମିକ ନେବାକୁ ଇଚ୍ଛୁକ ନୁହଁନ୍ତି ତେବେ ସଂଘ ମଧ ସେମାନଙ୍କୁ ପାରିଶ୍ରମିକ ଦେବାକୁ ଚାହୁଁନାହିଁ ବୋଲି ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି । ଏହି ଦାବିପତ୍ରରେ ମିଶନଶକ୍ତି ମହାସଂଘର ସଭାପତି ପ୍ରତିଭା ସାହୁ, ସମ୍ପାଦକ ସ୍ୱପ୍ନା ସିଂହଙ୍କ ସମେତ କବିତା ବିଶ୍ୱାଳ, ଚମ୍ପାବତୀ ଲେଙ୍କା, ନିର୍ମଳା ଦେଓ, ମମତା ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

ବେଆଇନ୍ ପାର୍କିଂ ଯୋଗୁ ଘଟୁଛି ଦୁର୍ଘଟଣା:ବଢ଼ୁଛି ଧନଜୀବନ ହାନି

କଳିଙ୍ଗନଗର, ନ୍ୟୁଜ୍ ବ୍ୟୁରୋ

ରାଜ୍ୟ ଓ କେନ୍ଦ୍ର ସରକାର ଗମନାଗମନର ସୁବିଧା ସୁଗମ ପାଇଁ ସ୍ୱତନ୍ତ୍ର ବଜେଟ୍‌ରେ କୋଟି କୋଟି ଟଙ୍କା ବ୍ୟୟବରାଦ କରୁଛନ୍ତି । ଗାଁଠୁ ସହର ପ୍ରତ୍ୟେକ ରାସ୍ତାର ଉନ୍ନତିକରଣ କରିବା ପାଇଁ ସରକର ପାଣି ଭଳିଆ ପଇସା ଖର୍ଚ୍ଚ କରୁଛନ୍ତି । ଅନେକ ସମୟରେ ଦେଖିବାକୁ ମିଳେ କିଛି ଅସାଧୁ ବିଭାଗୀୟ ଅଧିକାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ପାଇଁ ସରକାର ଯୋଜନା ହାତକୁ ନେଇଥିବା ରାସ୍ତାର ଉନ୍ନତିକରଣ ସ୍ୱପ୍ନ ପୂରାଣ ହେବାରେ ବାଟବଣା ହୁଏ । କଳିଙ୍ଗନଗର ଏସିଆ ମହାଦେଶର ଧାତବ ଶିଳ୍ପ ରାଜଧାନୀର ଦୈନିକ ରଜ୍ୟ ତଥା ରାଜ୍ୟ ବାହାରୁ ଏଠାକୁ ହଜାର ହଜାର ସଂଖ୍ୟାରେ ଭାରିଯାନ ଯାତାୟାତରୁ ଘଟୁଛି ଦୁର୍ଘଟଣା । ବଢୁଛି ଧନ ଜୀବନ । କଳିଙ୍ଗନଗର ଯେହେତୁ ଏକ ଖଣିଜ ପ୍ରବଣ ଅଞ୍ଚଳ ତେଣୁ ଭାରିଯାନ ସଂଖ୍ୟା ବହୁ ଗୁଣିତ ହୋଇଯାଏ । ଏଠି ଖଣିଜ ପଦାର୍ଥ ଓ କାରଖାନାରେ ବ୍ୟବହୃତ କଞ୍ଚାମାଲ୍ ରେଳପଥ ସହିତ ଯାତାୟାତ ନିମନ୍ତେ ସଡ଼କ ପରିବହନ ଉପରେ ନିର୍ଭରଶୀଳ । କଳିଙ୍ଗନଗରରେ ଶିଳ୍ପାଞ୍ଚଳରେ ଆଶାଧିକ ଠାରୁ ବହୁ ଅଧିକ ସଂଖ୍ୟକ ଭାରିଯାନ ଯାତାୟାତ ହେଉଥିଲେ ମଧ ସେ ଅନୁଯାୟୀ ରାସ୍ତା ପ୍ରଶସ୍ତ ନିର୍ମାଣ କରିବାରେ ପ୍ରଶାସନ ଓ ସରକାର ସକ୍ଷମ ହୋଇପାରିନାହାଁନ୍ତି । ଏହି କାରଣରୁ ଏଠାରେ ପ୍ରତିଦିନ ଦୁର୍ଘଟଣାର କାରଣ ପାଲଟିଛି । ଅନ୍ୟପକ୍ଷରେ ରାସ୍ତା କଡ଼ରେ ବେଆଇନ୍ ପାର୍କିଂ ଯୋଗୁଁ ଦୁର୍ଘଟଣାର ଅନ୍ୟ ଏକ କାରଣ ପାଲଟିଛି । ଏବେ ପ୍ରାୟ ପ୍ରତିଦିନ ଦେଖିବାକୁ ମିଳୁଛି ଯେ ବିଜୁ ପଟ୍ଟନାୟକ ମାର୍ଗ ଓ ଗୋପବନ୍ଧୁ ମାର୍ଗରେ ଯାତାୟାତ କାର୍ଯ୍ୟରତ ଶ୍ରମିକ ଓ ପଥଚାରୀମାନେ ଦୁର୍ଘଟଣାଗ୍ରସ୍ତ ହେଉଥିବା ଦେଖିବାକୁ ମିଳେ । ଯାହାଫଳରେ ଏ ଅଞ୍ଚଳର ଲୋକମାନେ ଯାତାୟାତ ପାଇଁ ଅସୁରକ୍ଷିତ ମଣୁଛନ୍ତି । ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ଦାବି ହେଉଛି । ଦାନଗଦି ମିଲିଟାରି ଛକରୁ ପଙ୍କପାଳ ବଙ୍ଗଳା ଛକ, ବିଜୁ ପଟ୍ଟନାୟକ ମାର୍ଗ ରାସ୍ତା, ମିଲିଟାରି ଛକରୁ ଡୁବୁରୀ ଛକ, ଏନ୍ଏଚ୍ଆଇ ରାସ୍ତା ମାଇଥାନ ଗୋଲେଇ ଛକରୁ ବିଆରପିଲ୍ ଛକ ରାସ୍ତା ଗୋପବନ୍ଧୁ ମାର୍ଗ, ଡୁବୁରୀ ଛକରୁ ପଙ୍କପାଳ ବଙ୍ଗଳା ଛକ ରାସ୍ତା ଉପରେ ପ୍ରତିଦିନ ଭାରୀଯାନ ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଛି । ଏହି ରାସ୍ତା ଉପରେ ପ୍ରତିଦିନ କଳିଙ୍ଗନଗରର ସମସ୍ତ କାରଖାନାକୁ ଯିବାଆସିବା ସହିତ ଖଣି ଅଞ୍ଚଳରୁ କଞ୍ଚା ମାଲ୍ ପରିବହନ ଏବଂ ଖଣି କାରଖାନା ପାଇଁ ଏହି ରାସ୍ତା ଗୁଡ଼ିକ ମୁଖ୍ୟ ସଡ଼କ ପଥ ଅଟେ । ଏହି କରଣରୁ ସଡ଼କରେ ହଜାର ହଜାର ସଂଖ୍ୟାରେ ଭାରିଯାନ ଯାତାୟାତ କରୁଛି । ଏହି ରାସ୍ତା ୩୦ ଫୁଟ୍ ରହିଥିଲେ ମଧ ଏହି ରାସ୍ତାର ସମ୍ପ୍ରସାରଣ କରାନଯିବାରୁ ଦୈନ୍ୟଦିନ ଦୁର୍ଘଟଣାର ମୁଖ୍ୟ କାରଣ ହେଉଛି କଳିଙ୍ଗନଗର ଶିଳ୍ପାଞ୍ଚଳକୁ ଅନ୍ୟ ରାଜ୍ୟରୁ ବହୁ ସଂଖ୍ୟକ ଭାରିଯାନ ଯିବା ଆସିବା କରୁଥିବାରୁ ଏଥିନିମନ୍ତେ ବିଜୁ ପଟ୍ଟନାୟକ ମାର୍ଗରେ ହୋଟେଲ୍, ଢାବା ପେଟ୍ରୋଲ୍ ପମ୍ପ ଗଢିଉଠିଛି । ଏଣୁ ରାସ୍ତାର ଦୁଇପାର୍ଶ୍ୱରେ ବେଆଇନ୍ ପାର୍କିଂ ବୃଦ୍ଧି ପାଇବା ସହିତ ଅନ୍ୟପଟେ ଦୁର୍ଘଟଣା ମଧ ବୃଦ୍ଧି ପାଇବାରେ ଲାଗି ଅକାରଣେ ନୀରିହ ଲୋକମାନଙ୍କ ଧନ ଜୀବନ ହାନି ଘଟୁଛି । କିଛି ପାର୍କିଂ ବ୍ୟବସ୍ଥା ଥିଲେ ମଧ ଯେହେତୁ ବହୁ ସଂଖ୍ୟା ଭାରି ଯାନ ଯିବା ଆସିବା ଆସାଧିତ ଭାବରେ ବୃଦ୍ଧି ପାଇବାରେ ଲାଗିଛି ଆଉ ଅଧିକ ପାର୍କିଂ ପାଇଁ ବ୍ୟବସ୍ଥା କରାଯିବା ଆବଶ୍ୟକ ହୋଇପଡିଛି ସେଥିପାଇଁ ରାସ୍ତା କଡ଼ରେ ଭାରିଯାନ ପାର୍କିଂ କରୁଛନ୍ତି । ଦିନର ଦୁଇଟି ସମୟରେ ଏହି ବେଆଇନ୍ ପାର୍ଟି ହେଉଛି । ଗୋଟିଏ ସମୟ ଦିନ ୧୨ରୁ ୩ଟା ଓ ଅନ୍ୟ ସମୟଟି ରାତି ୮ରୁ ୧୦ଟା । କାରଣ ଡ୍ରାଇଭରମାନେ ଏହି ସମୟରେ ରାସ୍ତା କଡ଼ରେ ଗାଡ଼ିରଖି ଖାଇବାକୁ ଯାଇଥା’ନ୍ତି । ବିଜୁ ପଟ୍ଟନାୟକ ମାର୍ଗ ଅବସ୍ଥା ଅତି ଖରାପ ଥିବାବେଳେ ବେଆଇନ୍ ଭାବେ ରାସ୍ତା କଡ଼ରେ ଗାଡ଼ି ପାର୍କିଂ କାରଣରୁ ଅନେକ ସମୟରେ ଦୁର୍ଘଟଣା ଘଟିଥାଏ । ଏବେ ସାଧାରଣ ଲୋକ ଏହି ରାସ୍ତା ଦେଇ ଯିବାଆସିବା କରିବାକୁ ଭୟ କରୁଛନ୍ତି । ପଙ୍କପାଳ ପଞ୍ଚାୟତର ମନୋହରପୁର ଛକରେ ଅଧିକ ସଂଖ୍ୟକ ଭାରିଯାନ ରାସ୍ତାର ଦୁଇ ପାର୍ଶ୍ୱରେ ଛିଡ଼ା ହେଉଥିବା ଦେଖିବାକୁ ମିଳୁଛି । ଯଦି ପ୍ରଶାସନ ଉଚିତ୍ ପଦକ୍ଷେପ ନେଇ ବେଆଇନ୍ ପାର୍କିଂ ହଟାଇବା ସହ ସମସ୍ତ ହୋଟେଲ ଓ ଢାବା ମାଲିକଙ୍କୁ ପାର୍କିଂ ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଅନ୍ତେ, ତେବେ ଦୁର୍ଘଟଣା ହ୍ରାସ ପାଆନ୍ତା । ଏଥିପ୍ରତି ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯିବାକୁ ଦାବି ହେଉଛି ।

ଅସୁରକ୍ଷିତ ଘୋଷଣା ସତ୍ତ୍ୱେ ଏମ୍‌କେସିଜି କୋଠା ଭଙ୍ଗାଯାଉନି

ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ

ଏମ୍‌କେସିଜି ବଡ଼ ଡ଼ାକ୍ତରଖାନା ପରିସରରେ ଥିବା ପୁରୁଣା ଇନ୍‌ଡ଼ୋର୍ କୋଠାକୁ ଅସୁରକ୍ଷିତ ଘୋଷଣା କରାଯାଇ ୧୦ ବର୍ଷ ବିତିଯାଇଥିଲେ ବି ଏହାକୁ ଭଙ୍ଗାଯାଇପାରୁନାହିଁ । ଏହି କୋଠାର ସମ୍ମୁଖ ଭାଗରେ କେବଳ ଅସୁରକ୍ଷିତ କୋଠା ଉଲ୍ଲେଖ କରି ସୂଚନା ଫଳକ ମାରି ପ୍ରଶାସନ ଛାଡ଼ି ଦେଇଛି । ଅସୁରକ୍ଷିତ କୋଠାକୁ ଭାଙ୍ଗିବା ପାଇଁ ଏମ୍‌କେସିଜି ବଡ଼ଡ଼ାକ୍ତରଖାନା କର୍ତ୍ତୃପକ୍ଷ ପୂର୍ତ୍ତ ବିଭାଗକୁ ଅବଗତ କରିଥିବା ବେଳେ ସରକାରୀ ଅନୁମୋଦନ ମିଳିପାରିନଥିବା ଯୋଗୁଁ ଆଜି ପର୍ଯ୍ୟନ୍ତ ଏହି କୋଠାକୁ ଭଙ୍ଗାଯାଇପାରୁ ନଥିବା ସୂଚନା ମିଳିଛି । ବଡ଼ ଡ଼ାକ୍ତରଖାନାକୁ ପ୍ରତିଦିନ ହଜାର ହଜାର ସଂଖ୍ୟାରେ ରୋଗୀ ଆସୁଥିବା ଏବଂ ରୋଗୀ ସମ୍ପର୍କୀୟମାନେ ଯାତାୟାତ କରୁଥିବା ବେଳେ ଅସୁରକ୍ଷିତ କୋଠାଟି

ପାଇଁ ପ୍ରମାଦ ଆଣିବା ସମ୍ଭାବନା ରହିଛି । ରାଜ୍ୟ ସରକାର ଉନ୍ନତ ସ୍ୱାସ୍ଥ୍ୟସେବା ପାଇଁ ବିଭିନ୍ନ ଯୋଜନା ପ୍ରଣୟନ କରୁଛନ୍ତି । ଏଥିପାଇଁ କୋଟି କୋଟି ଟଙ୍କା ଖର୍ଚ୍ଚ କରାଯାଉଛି । ଉନ୍ନତମାନର ସ୍ୱାସ୍ଥ୍ୟସେବା ଯୋଗାଇ ଦେବାପାଇଁ ସୁଉଚ୍ଚ କୋଠା ନିର୍ମାଣ କରାଯାଉଛି । ଏମ୍‌କେସିଜି ବଡ଼ ଡ଼ାକ୍ତରଖାନା ପରିସରରେ ବି ନୂଆ କୋଠା ନିର୍ମାଣ କରାଯାଇଛି । ତେବେ, ସରକାରଙ୍କ ପକ୍ଷରୁ ଘୋଷିତ ଅସୁରକ୍ଷିତ କୋଠାକୁ ବିପଦସଙ୍କୁଳ ଅବସ୍ଥାରେ ଛାଡ଼ି ଦିଆଯାଇଛି । ରାଜ୍ୟ ପୂର୍ତ୍ତ ବିଭାଗ ପକ୍ଷରୁ ବ୍ରହ୍ମପୁର ବଡ଼ ଡ଼ାକ୍ତରଖାନା ପରିସରରେ ଥିବା ଏକ ପରିତ୍ୟକ୍ତ କୋଠାକୁ ବିପଦ ଓ ଅସୁରକ୍ଷିତ ବୋଲି ଘୋଷଣା କରାଯାଇଛି । ଘୋଷଣାକୁ ୧୦ ବର୍ଷ ବିତିଯାଇଥିଲେ ବି ଏହାକୁ ଭଙ୍ଗାଯାଉନାହିଁ । ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ବି ଉଦ୍‌ବେଗ ପ୍ରକାଶ ପାଇଛି । ଏହି ଅସୁରକ୍ଷିତ କୋଠାକୁ ତୁରନ୍ତ ଭାଙ୍ଗିବା ପାଇଁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଉଥିଲେ ମଧ୍ୟ କୌଣସି ସୁଫଳ ମିଳିପାରୁନାହିଁ । ଦକ୍ଷିଣ ଓଡ଼ିଶାର ପ୍ରାୟ ୧୦ଟି ଜିଲ୍ଲାର ବାସିନ୍ଦା ଉନ୍ନତମାନର ସ୍ୱାସ୍ଥ୍ୟସେବା ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନା ଉପରେ ନିର୍ଭର କରିଥାନ୍ତି । ହେଲେ ଏଠାରେ ବିଭିନ୍ନ ବିଭାଗରେ ଡାକ୍ତର ପଦବୀ ଖାଲି ପଡ଼ିବା ସହ ସ୍ୱାସ୍ଥ୍ୟସେବା ଦେବାରେ ବିଫଳ ହୋଇ ଏହି ଡାକ୍ତରଖାନା ବହୁ ଦୁର୍ନାମ ମୁଣ୍ଡାଇ ଆସିଛି । ଗତ ୧୦ ବର୍ଷ ହେଲା ଡାକ୍ତରଖାନା ପରିସରରେ ଥିବା ଉକ୍ତ ବିପଦପୂର୍ଣ୍ଣ କୋଠାର ଉଚ୍ଛେଦ ନହେବା ଏହାର ଏକ ବିଫଳତା କହିଲେ ଭୁଲ୍ ହେବନାହିଁ । ପରିସର ମଧ୍ୟ ଭାଗରେ ଏହି କୋଠାଟି ରହିଥିବାରୁ ଚାରି ପାଖରେ ଥିବା ବିଭିନ୍ନ ରୋଗୀ, ତାଙ୍କ ପରିଜନ, କର୍ମଚାରୀଙ୍କ ଜୀବନ ପ୍ରତି ବିପଦ ରହୁଛି । ଲୋକଙ୍କ ଅବଗତ ପାଇଁ ପୂର୍ତ୍ତ ବିଭାଗ କେବଳ ସତର୍କ ଫଳକ ମାରିଦେଇ ବସିଯାଇଛି । ସୂଚନା ଅନୁଯାୟୀ ପୂର୍ବରୁ ଏଠାରେ ପ୍ରସୂତି, ଭେଷଜ ସମେତ ବିଭିନ୍ନ ବିଭାଗର ଇନ୍‌ଡ଼ୋର୍ ରହିଥିଲା । କୋଠାର ଦୁର୍ବଳ ସ୍ଥିତି ଯୋଗୁଁ କର୍ତ୍ତୃପକ୍ଷ ରାଜ୍ୟ ସରକାରଙ୍କୁ ଅବଗତ କରାଇ ଏହି କୋଠାରେ ଥିବା ସମସ୍ତ ବିଭାଗକୁ ନୂତନ କୋଠାକୁ ସ୍ଥାନାନ୍ତର କରିସାରିଛନ୍ତି । ଏନେଇ ଏମ୍‌କେସିଜି ମେଡ଼ିକାଲ୍ କଲେଜ୍‌ର ରେଜିଷ୍ଟ୍ରାର ସଂଗ୍ରାମ ପଣ୍ଡାଙ୍କୁ ପଚାରିବାରୁ ସ୍ଥିତି ସମ୍ପର୍କରେ ଆମେ ପୂର୍ତ୍ତ ବିଭାଗଙ୍କୁ ଜଣାଇଛୁ, ସେ ବାବଦରେ ପୂର୍ତ୍ତ ବିଭାଗ ହିଁ ନିଷ୍ପତ୍ତି ନେବେ ବୋଲି କହିଛନ୍ତି । ସେଭଳି ପୂର୍ତ୍ତ ବିଭାଗର ଅଧିକାରୀଙ୍କ କହିବା ପ୍ରକାରେ ୨ ବର୍ଷ ହେଲା ସରକାରୀ ଅନୁମୋଦନକୁ ଅପେକ୍ଷା କରାଯାଇଛି । ଅଫ୍‌ସେଟ୍ ଭେଲ୍ୟୁ ସମ୍ପର୍କରେ ସରକାରଙ୍କୁ ସୂଚନା ଦିଆଯାଇଛି । ସରକାରୀ ଅନୁମୋଦନ ମିଳିବା ପରେ ପରବର୍ତ୍ତୀ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି ।

30 YEARS
ସମ୍ବାଦ କଳିକା
ଖେଳ
ଭୁବନେଶ୍ୱର, ୨୯ ଜୁଲାଇ, ସୋମବାର, ୨୦୨୪

ପୁରୁଷ ପିସ୍ତଲ ଇଭେଣ୍ଟରେ ପଦକ ଆଣିପାରନ୍ତି ଅର୍ଜୁନ ବାବୁତା!

ପ୍ୟାରିସ

ଭାରତୀୟ ସୁଟର ଅର୍ଜୁନ ବାବୁତା ନିଜର ଚମତ୍କାର ପ୍ରଦର୍ଶନ ଜାରି ରଖି ପୁରୁଷ ୧୦ ମିଟର ଏୟାର ରାଇଫଲ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଛନ୍ତି। ଯୋଗ୍ୟତା ପର୍ଯ୍ୟାୟରେ ଅର୍ଜୁନ ସପ୍ତମ ସ୍ଥାନରେ ରହିଥିଲେ। ସନ୍ଦୀପ ସିଂହ ମଧ୍ୟ ଏହି ଇଭେଣ୍ଟରେ ଅଂଶଗ୍ରହଣ କରିଥିଲେ ମଧ୍ୟ ୬୨୯.୩ ପଏଣ୍ଟ ସହ ର୍ୟାଙ୍କିଙ୍ଗରେ ଦ୍ୱାଦଶ ସ୍ଥାନରେ ରହିଥିଲେ। ଅର୍ଜୁନଙ୍କ ମୋଟ୍ ୬୩୦.୧ ପଏଣ୍ଟ ଥିଲା। ଅର୍ଜୁନ ବାବୁତା ଚମତ୍କାର ଆରମ୍ଭ କରି ୧୦.୮ର ଶ୍ରେଷ୍ଠ ସ୍କୋର ସହ ୧୦୫.୭ ପଏଣ୍ଟ ହାସଲ କରିବାରେ ସଫଳ ହୋଇଥିଲେ। ଦ୍ୱିତୀୟ ଶୃଙ୍ଖଳାରେ ମୋଟ୍ ପଏଣ୍ଟରେ ସାମାନ୍ୟ ହ୍ରାସ ଘଟିଥିଲା ଏବଂ ସେ ମାତ୍ର ୧୦୪.୯ ପଏଣ୍ଟ ପାଇଥିଲେ ମଧ୍ୟ ଅର୍ଜୁନ ଶ୍ରେଷ୍ଠ ୮ରେ ରହିବାରେ ସଫଳ ହୋଇଥିଲେ। ୨୯ତମ ସଟ୍‌ରେ ସେ ୧୦୫.୫ ପଏଣ୍ଟ ଓ ୧୦.୯ର ଶ୍ରେଷ୍ଠ ସ୍କୋର ସହ ତୃତୀୟ ଶୃଙ୍ଖଳାରେ ଅଗ୍ରଣୀ ହାସଲ କରିଥିଲେ। ତେବେ ଶୃଙ୍ଖଳାର ବାକି ସଟ ତାଙ୍କ ଉଚ୍ଚ ମାନଦଣ୍ଡ ପୂରଣ କରିପାରିନଥିଲା ଏବଂ ମାନ୍ୟତାରେ ଷଷ୍ଠ ସ୍ଥାନକୁ ଖସି ଆସିଥିଲା।

ପ୍ୟାରିସ୍ ଅଲିମ୍ପିକ୍ସରେ ପ୍ରଥମ ପଦକ ଜିତିଲେ ମନୁ ଭାକର

ପ୍ୟାରିସ୍

ପ୍ୟାରିସ ଅଲିମ୍ପିକ୍ସରେ ଇତିହାସ ରଚିଛନ୍ତି ଭାରତର ଯୁବ ସୁଟର ମନୁ ଭାକର। ସେ ୨୦୨୪ ପ୍ୟାରିସ୍ ଅଲିମ୍ପିକ୍ସରେ ଭାରତ ପାଇଁ ପ୍ରଥମ ପଦକ ଜିତିଛନ୍ତି। ସେ ୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ଭାରତ ପାଇଁ ବ୍ରୋଞ୍ଜ ପଦକ ହାତେଇଛନ୍ତି। ସେ ୨୨୧.୭ ପଏଣ୍ଟ ସ୍କୋର କରି ଏପରି ସଫଳତା ହାସଲ କରିଛନ୍ତି। ଏହି ଐତିହାସିକ ସଫଳତା ପାଇଁ ମନୁ ଭାକରଙ୍କୁ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୁଭେଚ୍ଛା ଜଣାଇଛନ୍ତି।

ହରିୟାଣାରେ ଜନ୍ମିତ ମନୁ ଭାକର ପ୍ରଥମ ଭାରତୀୟ ମହିଳା ସୁଟର ଭାବେ ଅଲିମ୍ପିକ୍ସରେ ପଦକ ଜିତିବାକୁ ସକ୍ଷମ ହୋଇଛନ୍ତି। ତାଙ୍କ ପୂର୍ବରୁ ୨୦୦୪ ଆଥେନ୍ସ ଅଲିମ୍ପିକ୍ସରେ ସୁମା ଶିରୁର ୧୦ ମିଟର ଏୟାର ରାଇଫଲ ଇଭେଣ୍ଟର ଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ସେ ପଦକ ଜିତି ପାରି ନଥିଲେ। ମନୁ ଭାକର ଭାରତ ପାଇଁ ବ୍ରୋଞ୍ଜ ପଦକ ଜିତିବାରେ ସକ୍ଷମ ହୋଇଛନ୍ତି।

୩ ବର୍ଷ ତଳେ ଟୋକିଓ ଅଲିମ୍ପିକ୍ସରେ ମନୁ ଭାକର ଦମ୍‌ଦାର ପ୍ରଦର୍ଶନ କରିଥିଲେ ହେଁ ଫାଇନାଲ ରାଉଣ୍ଡରେ ପ୍ରବେଶ କରି ପାରି ନଥିଲେ। ତାଙ୍କୁ ଗ୍ରୁପ୍ ପର୍ଯ୍ୟାୟରୁ ଦୁଃଖଦ ବିଦାୟ ନେବାକୁ ପଡ଼ିଥିଲା। ହେଲେ ପ୍ୟାରିସ୍‌ରେ ସେ ନିଜର ଅଧୂରା ସ୍ୱପ୍ନକୁ ପୂରା କରିପାରିଛନ୍ତି।

ପ୍ରଥମ ସିରିଜ୍‌ର ୫ ସୁଟରେ ମନୁ ଭାକର ୩ ଥରରୁ ୧୦ରୁ ଅଧିକ ପଏଣ୍ଟ ସ୍କୋର କରିଥିଲେ। ଦ୍ୱିତୀୟ ସେଟ୍ ପରେ ତାଙ୍କୁ ପଏଣ୍ଟ ୧୦୦.୩ ହୋଇଯାଇଥିଲା। ସେ ପୂରା ରାଉଣ୍ଡରେ ୩ ନଂରୁ ତଳକୁ ଖସି ନାହାନ୍ତି। ଏକଦା ସେ ଦୁଇ ନମ୍ବର ସ୍ଥାନକୁ ମଧ୍ୟ ଚାଲି ଯାଇଥିଲେ। ହେଲେ ଶେଷ ରାଉଣ୍ଡରେ ତାଙ୍କ ଠାରୁ ଦକ୍ଷିଣ କୋରିଆର କିମ୍ ଭଲ ପ୍ରଦର୍ଶନ କରିଥିଲେ।

୧୦ ମିଟର ଏୟାର ପିସ୍ତଲ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଓ ରୌପ୍ୟ ପଦକ ଦକ୍ଷିଣ କୋରିଆ ପାଖକୁ ଯାଇଛି। ସ୍ୱର୍ଣ୍ଣ ପଦକ ଓ୍ୱାଇ ଜେ ଓହ ଜିତିଥିବା ବେଳେ କିମ୍ ରୌପ୍ୟ ପଦକ ପାଇଛନ୍ତି। ଉଭୟଙ୍କ ସ୍କୋର ଯଥାକ୍ରମେ ୨୪୩.୨ ଓ ୨୪୧.୩ ରହିଥିଲା।

ମନୁ ଭାକରଙ୍କୁ ପ୍ରଧାନମନ୍ତ୍ରୀଙ୍କ ସ୍ୱତନ୍ତ୍ର ବାର୍ତ୍ତା

ସୁଟିଂରେ ପଦକ ଜିତିବାରେ ମନୁ ହେଉଛନ୍ତି ପ୍ରଥମ ଭାରତୀୟ ମହିଳା। ତେଣୁ ପ୍ରଧାନମନ୍ତ୍ରୀ ତାଙ୍କ ପାଇଁ ଏକ ସ୍ୱତନ୍ତ୍ର ବାର୍ତ୍ତା ଦେଇ ଏହା ଏକ ଐତିହାସିକ ପଦକ ବୋଲି କହିଛନ୍ତି।

ପ୍ରଧାନମନ୍ତ୍ରୀ ନିଜ ଏକ୍ସ ଆକାଉଣ୍ଟରେ ଲେଖିଛନ୍ତି, ପ୍ୟାରିସ୍ ଅଲିମ୍ପିକ୍ସରେ କାଂସ୍ୟ ପଦକ ଜିତିଥିବାରୁ ଶୁଭେଚ୍ଛା। ଏହା ଏକ ଐତିହାସିକ ପଦକ। ବହୁ ଭଲ କରିଛ। ପ୍ରଥମ ଭାରତୀୟ ମହିଳା ଭାବେ ସୁଟିଂରେ ପଦକ ଜିତିଥିବାରୁ ଏହି ସଫଳତା ଅତ୍ୟନ୍ତ ସ୍ୱତନ୍ତ୍ର ଏହା ଏକ ଅତୁଳନୀୟ ସଫଳତା। ହରିୟାଣା ସରକାର ମଧ୍ୟ ମନୁଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଅଲିମ୍ପିକ୍ସ : ସହଜ ବିଜୟ ସହ ଆଗେଇଲେ ପିଭି ସିନ୍ଧୁ

ପ୍ୟାରିସ୍

ଭାରତର ଷ୍ଟାର ମହିଳା ସଟଲର ପି.ଭି. ସିନ୍ଧୁ ସହଜ ବିଜୟ ସହ ପ୍ୟାରିସ୍ ଅଲିମ୍ପିକ୍ସ ଅଭିଯାନ ଆରମ୍ଭ କରିଛନ୍ତି। ଗ୍ରୁପ ପର୍ଯ୍ୟାୟର ପ୍ରଥମ ମ୍ୟାଚ୍‌ରେ ସିନ୍ଧୁ ମାଳଦ୍ୱୀପର ଫାତିମା ଅବଦୁଲ ରଜାକ୍‌ଙ୍କୁ ଏକତରଫା ଭାବେ ପରାସ୍ତ କରିଛନ୍ତି। ଏହି ମ୍ୟାଚ୍‌କୁ ୨-୦ରେ ଜିତି ସେ ପରବର୍ତ୍ତୀ ରାଉଣ୍ଡରେ ପ୍ରବେଶ କରିଛନ୍ତି।

ଏହି ମ୍ୟାଚ୍‌ରେ ସିନ୍ଧୁ ନିଜର ଜଲୱା ଦେଖାଇଥିଲେ। ତାଙ୍କ ଶାମ୍ସ ଓ ନେଟ୍ ପ୍ଲେର ଜବାବ ରଜାକ୍‌ଙ୍କ ପାଖରେ ଆଦୌ ନଥିଲା। ପ୍ରଥମ ସେଟ୍‌କୁ ସିନ୍ଧୁ ୨୧-୯ରେ ଜିତି ନେଇଥିଲେ। ଦ୍ୱିତୀୟ ସେଟ୍‌କୁ ସିନ୍ଧୁ ଆହୁରି ସହଜ କରି ନେଇଥିଲେ ଏହି ସେଟ୍‌କୁ ସେ ୨୧-୬ରେ ଜିତି ମ୍ୟାଚ୍‌କୁ କବ୍‌ଜା କରିଥିଲେ। ମାତ୍ର ୨୯ ମିନିଟ ମଧ୍ୟରେ ସିନ୍ଧୁ ମ୍ୟାଚ୍‌କୁ ଶେଷ କରି ଦେଇଛନ୍ତି। ସିନ୍ଧୁ ପ୍ରଥମ ଭାରତୀୟ ମହିଳା ସଟଲର ଭାବେ ୨୦୧୬ ରିଓ ଅଲିମ୍ପିକ୍ସରେ ରୌପ୍ୟ ପଦକ ଜିତିଥିଲେ। ୨୦୨୧ରେ ଅନୁଷ୍ଠିତ ଟୋକିଓ ଅଲିମ୍ପିକ୍ସରେ ମଧ୍ୟ ସେ ଭାରତ ପାଇଁ ବ୍ରୋଞ୍ଜ ପଦକ ହାସଲ କରିଥିଲେ। ଏଥର ତାଙ୍କ ନଜର ସ୍ୱର୍ଣ୍ଣ ପଦକ ଉପରେ ରହିଛି।

ଭାରତକୁ ହରାଇ ପ୍ରଥମଥର ଏସିଆ କପ୍ ଜିତିଲା ଶ୍ରୀଲଙ୍କା ମହିଳା ଟିମ୍

ଡମ୍ବୁଲା

ଦମ୍ବୁଲାରେ ଇତିହାସ ରଚିଛି ଶ୍ରୀଲଙ୍କାର ମହିଳା ଟିମ୍। ପ୍ରଥମଥର ପାଇଁ ଏସିଆ କପ୍ ଜିତିଛି ସିଂହଳୀ ଟିମ୍। ରବିବାର ଫାଇନାଲରେ ଦଳ ଶକ୍ତିଶାଳୀ ଭାରତୀୟ ମହିଳା ଦଳକୁ ଅପ୍ରତ୍ୟାଶିତ ଢଙ୍ଗରେ ୮ ୱିକେଟରେ ହରାଇ ଦେଇଛି।

ପୂର୍ବରୁ ୫ଥର ରନର୍ସଅପ୍‌ରେ ସନ୍ତୁଷ୍ଟ ହୋଇଥିବା ଶ୍ରୀଲଙ୍କାର ମହିଳା ଟିମ୍ ବିଜୟ ସହ ଭାରତ ଠାରୁ ମଧୁର ପ୍ରତିଶୋଧ ନେବାକୁ ମଧ୍ୟ ସକ୍ଷମ ହୋଇଛି। ୨୦୨୨, ୨୦୦୮, ୨୦୦୬, ୨୦୦୫, ଓ ୨୦୦୪ରେ ଭାରତ ଠାରୁ ଏସିଆ କପ୍ ଫାଇନାଲରେ ଶ୍ରୀଲଙ୍କା ହାରିଥିଲା। ସେହିପରି ଭାରତ ମଧ୍ୟ ଏସିଆ କପ୍‌ର ୮ଟି ସଂସ୍କରଣ ମଧ୍ୟରୁ କେବଳ ୨୦୧୮କୁ ଛାଡ଼ି ଦେଲେ ସବୁଥର ଜିତିଥିଲା। ଏଥର ଦଳ ୮ମ ଥର ପାଇଁ ଚମ୍ପିୟନ ହେବ ବୋଲି ଆଶା କରିଥିଲା। କିନ୍ତୁ ଚମିରା ଆଟାପଟୁଙ୍କ ଟିମ୍ ଭାରତୀୟ ଟିମ୍‌ର ସବୁ ଆଶାରେ ପାଣି ପକାଇ ଦେଇଥିଲା।

ଟସ୍ ଜିତି ପ୍ରଥମେ ବ୍ୟାଟିଂ କରୁଥିବା ଭାରତୀୟ ଟିମ୍ ସ୍ମୃତି ମନ୍ଧାନାଙ୍କ ୬୦ ଓ ରିଚା ଘୋଷଙ୍କ ବିସ୍ଫୋରକ ୩୦ ରନ ବଳରେ ନିର୍ଦ୍ଧାରିତ ୨୦ ଓଭରରେ ୬ ୱିକେଟ ହରାଇ ୧୬୫ ରନ କରିଥିଲା। ଲାଗୁଥିଲା ଶ୍ରୀଲଙ୍କା ଏହି ସ୍କୋରକୁ ଚେଜ୍ କରିପାରିବ ନାହିଁ। ଏପରିକି ଦଳ ୭ ରନରେ ମଧ୍ୟ ବିଶମି ଗୁଣରତ୍ନେ (୧)ଙ୍କୁ ହରାଇଥିଲା। ହେଲେ ଅଧିନାୟକ ଆଟାପଟୁ ଓ ହର୍ଷିତା ସମରାବିକ୍ରମା ସବୁ କିଛି ଓଲଟ ପାଲଟ କରି ଦେଇଥିଲେ।

ଉଭୟ ଦ୍ୱିତୀୟ ୱିକେଟ ପାଇଁ ୮୭ ରନ ଯୋଡ଼ିଥିଲେ। ବିଶେଷ କରି ଆଟାପଟୁଙ୍କ ବ୍ୟାଟରୁ ବଡ଼ ସଟ୍ ଦେଖିବାକୁ ମିଳିଥିଲା।

ସେ ଆଉଟ ହେବା ବେଳକୁ ଦଳୀୟ ସ୍କୋର ୯୪ ରହିଥିଲା। ବ୍ୟକ୍ତିଗତ ଭାବେ ଆଟାପଟୁ ୪୩ ବଲରେ ୬୧ ରନ କରି ଆଉଟ୍ ହୋଇଥିଲେ।

ଶ୍ରୀଲଙ୍କାକୁ ବ୍ୟାକ୍‌ଫୁଟ୍‌କୁ ଠେଲିବା ପାଇଁ ଭାରତ ପାଖରେ ସୁଯୋଗ ସୃଷ୍ଟି ହୋଇଥିଲେ ହେଁ ଏହାକୁ ହର୍ଷିତା ଭଣ୍ଡୁର କରି ଦେଇଥିଲେ। ତାଙ୍କୁ କାବିଶା ଦିଲହରି ଭରପୂର ସାଥ୍ ଦେଇଥିଲେ। ଉଭୟ ଦମ୍‌ଦାର ବ୍ୟାଟିଂ କରି ଦଳକୁ ବିଜୟ ଆଡ଼କୁ ନେଇ ଯାଇଥିଲେ। ହର୍ଷିତା ମଧ୍ୟ ନିଜର ଅର୍ଦ୍ଧଶତକ ହାସଲ କରିଥିଲେ।

ଏହି ଯୋଡ଼ିକୁ ଭାଙ୍ଗିବା ପାଇଁ ଭାରତୀୟ ଟିମ୍‌ର ଅଧିନାୟକ ହରମନପ୍ରୀତ କୌର ବାରମ୍ବାର ବୋଲିଂ ଏଣ୍ଡରେ ପରିବର୍ତ୍ତନ କରିଥିଲେ ହେଁ କିଛି ବି ଲାଭ ମିଳି ନଥିଲା। ଶେଷରେ ଜିତିବା ପାଇଁ ୯ ବଲରେ ୫ ରନ ଦରକାର ଥିବା ବେଳେ ଦିଲହରି ଦମ୍‌ଦାର ଛକା ମାରି ମ୍ୟାଚ୍ ଶେଷ କରିଥିଲେ।

ହର୍ଷିତା ଶେଷ ଯାଏ ୫୧ ବଲରେ ୬୯ ଓ ଦିଲହରି ୧୬ ବଲରେ ୩୦ ରନ କରି ଅପରାଜିତ ରହିଥିଲେ। ଏଥିସହ ୮ ବଲ ପୂର୍ବରୁ ଶ୍ରୀଲଙ୍କା ଟିମ୍‌କୁ ପ୍ରଥମଥର ପାଇଁ ଏସିଆ କପ୍ ଭେଟି ଦେଇଥିଲେ। ଭାରତ ପକ୍ଷରୁ କେବଳ ଦୀପ୍ତି ଶର୍ମା ଗୋଟିଏ ୱିକେଟ ପାଇଛନ୍ତି। ଆଉ ଗୋଟିଏ ୱିକେଟ ରନ୍‌ଆଉଟ୍‌ରୁ ମିଳିଛି।

ପ୍ରି-କ୍ୱାର୍ଟରରେ ପ୍ରୀତି ପାୱାର; ବକ୍ସିଂରେ ପଦକ ଆଶା ଉଦ୍‌ଜୀବୀତ

ନୂଆଦିଲ୍ଲୀ

ଭାରତୀୟ ବକ୍ସର ପ୍ରୀତି ପାୱାର ଚମତ୍କାର ପ୍ରଦର୍ଶନ କରି ବିଜୟରୁ ପ୍ୟାରିସ ଅଲିମ୍ପିକ୍ସ ୨୦୨୪ ଅଭିଯାନ ଆରମ୍ଭ କରିଛନ୍ତି। ମହିଳା ୫୪ କିଲୋଗ୍ରାମ ବର୍ଗରେ ଭିଏତନାମର ଭୋ ଥି କିମ୍ ଆନ୍‌ଙ୍କ ବିପକ୍ଷରେ ଦମ୍‌ଦାର ବିଜୟ ହାସଲ କରିଛନ୍ତି ପ୍ରୀତି। ଏହା ସହିତ ସେ ପ୍ରି-କ୍ୱାର୍ଟର ଫାଇନାଲରେ ମଧ୍ୟ ପ୍ରବେଶ କରିଛନ୍ତି। ଶନିବାର ବିଳମ୍ବିତ ରାତିରେ ଖେଳାଯାଇଥିବା ମ୍ୟାଚ୍‌ରେ ପ୍ରୀତି ପ୍ରଥମ ଥର ପାଇଁ ଅଲିମ୍ପିକ୍ ମୈଦାନକୁ ଓହ୍ଲାଇଥିଲେ। ଯେଉଁଠାରେ ସେ ଓପନିଂ ମ୍ୟାଚ୍‌ରେ ଭାରତକୁ ପ୍ରତିନିଧିତ୍ୱ କରି ନିଜ ପ୍ରତିଦ୍ୱନ୍ଦ୍ୱୀଙ୍କୁ ୫-୦ ପଏଣ୍ଟରେ ମାତ୍ ଦେଇଥିଲେ।

ସଂଘର୍ଷପୂର୍ଣ୍ଣ ବିଜୟରୁ ଅଭିଯାନ ଆରମ୍ଭ କଲା ଭାରତୀୟ ହକି ଟିମ୍

ପ୍ୟାରିସ୍

ଅଲିମ୍ପିକ୍ସରେ ସଂଘର୍ଷପୂର୍ଣ୍ଣ ବିଜୟରୁ ଅଭିଯାନ ଆରମ୍ଭ କରି ଭାରତୀୟ ହକି ଟିମ୍ ପ୍ରଥମ ମ୍ୟାଚ୍‌ରେ ଦଳ ନ୍ୟୁଜିଲାଣ୍ଡକୁ ୩-୨ରେ ହରାଇ ଖାତା ଖୋଲିଛି। ଭାରତ ପାଇଁ ମନଦୀପ ସିଂହ, ବିବେକ ସାଗର ଓ ଅଧିନାୟକ ହରମନପ୍ରୀତ ସିଂହ ଗୋଲ ସ୍କୋର କରିଛନ୍ତି। ସେହିପରି ନ୍ୟୁଜିଲ୍ୟାଣ୍ଡ ପକ୍ଷରୁ ସାମ ଲେନ ଓ ସିମୋନ ଚିଲ୍ଡ ଗୋଲ ଦେଇଛନ୍ତି।

ମ୍ୟାଚ୍ ଆରମ୍ଭରୁ ଭାରତୀୟ ଟିମ୍ ପାଖରେ ଅଧିକାଂଶ ସମୟ ବଲ ରହିଥିଲେ ହେଁ ନ୍ୟୁଜିଲାଣ୍ଡ ପ୍ରଥମ କ୍ୱାର୍ଟରରେ ପ୍ରଥମେ ଗୋଲ କରିଥିଲା। ଦଳ ପକ୍ଷରୁ ୮ମ ମିନିଟରେ ସାମ ଲେନ ସ୍କୋର କରି ନ୍ୟୁଜିଲାଣ୍ଡକୁ ୧-୦ରେ ଆଗୁଆ କରି ଦେଇଥିଲେ। ଦ୍ୱିତୀୟ କ୍ୱାର୍ଟରରେ ଭାରତ ଆଟାକ୍ କରିଥିଲା। ୨୩ତମ ମିନିଟ୍‌ରେ ହରମନପ୍ରୀତ ସିଂହ ମିଳିଥିବା ପେନାଲ୍ଟି କର୍ଣ୍ଣରକୁ ସିଧା ଗୋଲରେ ପରିଣତ କରିପାରି ନଥିଲେ। କିନ୍ତୁ ରିବାଉଣ୍ଡରେ ମନଦୀପ ସିଂହ ଗୋଲ ସ୍କୋର କରି ସ୍ଥିତି ୧-୧ରେ ବରାବର କରିଥିଲେ। ଏହା ଅନ୍ତର୍ଜାତୀୟ ହକିରେ ମନଦୀପଙ୍କ ୧୧୭ତମ ଗୋଲ ଥିଲା।

ତୃତୀୟ କ୍ୱାର୍ଟରରେ ଆଟାକ ଓ କାଉଣ୍ଟର ଆଟାକ୍ ଦେଖିବାକୁ ମିଳିଥିଲା। ଏହି କ୍ୱାର୍ଟରରେ ଭାରତ ପାଇଁ ବିବେକ ସାଗର ଗୋଲ କରି ଭାରତକୁ ୨-୧ରେ ଆଗୁଆ କରି ଦେଇଥିଲେ। କିନ୍ତୁ ମ୍ୟାଚ୍ ସରିବାକୁ ୧୦ ମିନିଟ୍ ସମୟ ଥିବା ବେଳେ ସିମୋନ ପେନାଲ୍ଟି କର୍ଣ୍ଣରକୁ ଗୋଲରେ ପରିଣତ କରି ସ୍ଥିତି ବରାବର କରି ଦେଇଥିଲେ।

ଲାଗୁଥିଲା ମ୍ୟାଚ୍ ଡ୍ର' ରହିବ। କିନ୍ତୁ ହାର ମାନିବା ମୁଡ୍‌ରେ ନଥିଲା ଭାରତ। ବାରମ୍ବାର ଆଟାକ୍ କରି ଦଳ ଲଗାତର ୨ଟି ପିସି ପାଇଥିଲା। କିନ୍ତୁ ଏହା ଗୋଲରେ ପରିଣତ ହୋଇ ନଥିଲା। ମ୍ୟାଚ୍ ସରିବାକୁ ୨ ମିନିଟରୁ କମ୍ ସମୟ ବାକିଥିବା ବେଳେ ଭାରତକୁ ମିଳିଥିବା ପିସିକୁ ହରମନପ୍ରୀତ ସିଂହ ପେନାଲ୍ଟି ଷ୍ଟ୍ରୋକ୍‌ରେ ପରିଣତ କରି ଦେଇଥିଲେ। ଏହାକୁ ସେ ନିଜେ ଗୋଲରେ ପରିଣତ କରି ସ୍ଥିତି ୩-୨ କରିଥିଲେ। ଏଥିସହ ଭାରତର ବିଜୟ ମଧ୍ୟ ଏକପ୍ରକାରର ସୁନିଶ୍ଚିତ ହୋଇଯାଇଥିଲା।

ନ୍ୟୁଜିଲାଣ୍ଡ ଶେଷ ଦେଢ଼ ମିନିଟ ବିନା ଗୋଲକିପରରେ ଖେଳି ନିଜର ଆଟାକ୍‌କୁ ଜୋରଦାର କରିଥିଲା। କିନ୍ତୁ ଭାରତର ରକ୍ଷଣ ବିଭାଗ ସବୁ କିଛିକୁ ଭଣ୍ଡୁର କରି ଦେଇଥିଲା। ଶେଷରେ ଭାରତ ୩-୨ରେ ମ୍ୟାଚ୍ ଜିତି ନିଜର ଅଲିମ୍ପିକ୍ସ ଅଭିଯାନ ଆରମ୍ଭ କରିବାକୁ ସକ୍ଷମ ହୋଇଥିଲା।

ନାଇଜେରିଆନ ମହିଳା ବକ୍ସର ପ୍ୟାରିସ୍ ଅଲିମ୍ପିକ୍ସରୁ ସସ୍‌ପେଣ୍ଡ

ପ୍ୟାରିସ୍

ଡୋପ୍ ଟେଷ୍ଟରେ ଧରାପଡ଼ି ନାଇଜେରିଆର ସିନ୍ଥିଆ ଓଗୁନ୍ ସେମିଲୋର ଅଲିମ୍ପିକ ମହିଳା ବକ୍ସିଂ ପ୍ରତିଯୋଗିତାରୁ ସସ୍‌ପେଣ୍ଡ ହୋଇଛନ୍ତି। ଏହି ୨୨ବର୍ଷୀୟା ଆଫ୍ରିକାନ୍ ଗେମ୍ସ ଲାଇଟ୍‌ୱେଟ୍ ଚମ୍ପିୟନଙ୍କଠାରୁ ଗତ ଗୁରୁବାର ସାମ୍ପଲ ସଂଗ୍ରହ କରାଯାଇଥିବା ଇଣ୍ଟରନ୍ୟାସନାଲ ଟେଷ୍ଟିଂ ଏଜେନ୍ସି (ଆଇଟିଏ) କହିଛି ସିନ୍ଥିଆଙ୍କଠାରୁ ସଂଗୃହୀତ ସାମ୍ପଲରେ ଡ୍ୟୁରେଟିକ୍ ଫ୍ୟୁରୋସେମିଡ୍ ନାମକ ଏକ ନିଷିଦ୍ଧ ଦ୍ରବ୍ୟ ଠାବ କରାଯାଇଥିଲା, ଯାହାକି ଶରୀରରେ ଅନ୍ୟ ଡ୍ରଗ୍‌ସଙ୍କ ଉପସ୍ଥିତିକୁ ଘୋଡ଼ାଇ ରଖିଥାଏ। ସିନ୍ଥିଆଙ୍କୁ ତୁରନ୍ତ ସାମୟିକ ସସ୍‌ପେଣ୍ଡ କରାଯାଇଛି। ସେ ଅଲିମ୍ପିକ୍ସରେ ଅଂଶଗ୍ରହଣ କରିପାରିବେ ନାହିଁ। ସୋମବାର ରାଉଣ୍ଡ ଅଫ୍ ୧୬ରେ ଏହି ଚତୁର୍ଥ ସିଡ୍ ବକ୍ସର ମହିଳା ୬୦ କିଲୋଗ୍ରାମ (୧୩୨ ପାଉଣ୍ଡ) ଶ୍ରେଣୀ ପ୍ରତିଯୋଗିତାରେ ଭାଗ ନେଇଥାନ୍ତେ। ସିନ୍ଥିଆ ତାଙ୍କ ଓଜନ ଶ୍ରେଣୀରେ ଗତବର୍ଷ ଆଫ୍ରିକାନ୍ ଗେମ୍ସରେ ସ୍ୱର୍ଣ୍ଣ ଜିତିଥିଲେ। ୨୦୨୨ ରାଜ୍ୟଗୋଷ୍ଠୀ କ୍ରୀଡ଼ାରେ ସେ ଏକ ବ୍ରୋଞ୍ଜ ପଦକ ଲାଭ କରିଥିଲେ। ଚଳିତ ପ୍ୟାରିସ୍ ଅଲିମ୍ପିକ୍ସରେ ଏହା ହେଉଛି ଦ୍ୱିତୀୟ ଡୋପ୍ ପଜିଟିଭ୍ ମାମଲା। ପୂର୍ବରୁ ଇରାକର ଜଣେ ଜୁଡ଼ୋକା ସାଜାଦ ସେହେନ୍ ଡୋପ୍ ଟେଷ୍ଟରେ ବିଫଳ ହୋଇଥିଲେ।

ନିରାଶ କଲେ ଭାରତର ମହିଳା ତୀରନ୍ଦାଜି ଟିମ୍

ପ୍ୟାରିସ୍

ପ୍ୟାରିସ ଅଲିମ୍ପିକ୍ସରେ ନିରାଶ କରିଛନ୍ତି ଭାରତୀୟ ମହିଳା ତୀରନ୍ଦାଜି ଟିମ୍। ଦଳ କ୍ୱାର୍ଟର ଫାଇନାଲରେ ଅପେକ୍ଷାକୃତ ଦୁର୍ବଳ ନେଦରଲ୍ୟାଣ୍ଡ ଠାରୁ ୬-୦ରେ ପରାସ୍ତ ହୋଇଛି। ଏଥିସହ ସେମି ଫାଇନାଲ ଦୌଡ଼ରୁ ଦଳ ବାଦ୍ ପଡ଼ିଛି।

ଦୀପିକା କୁମାରୀ, ଭଜନ କୌର ଓ ଅଙ୍କିତା ଭକତ ଯୋଗ୍ୟତା ପର୍ଯ୍ୟାୟରେ ଦମ୍‌ଦାର ପ୍ରଦର୍ଶନ କରି ସିଧାସଳଖ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଥିଲେ। କିନ୍ତୁ ୮ମ ସିଡ୍ ଭାରତୀୟ ଦଳ ୧୦ମ ସିଡ୍ ନେଦରଲ୍ୟାଣ୍ଡ ଠାରୁ ଅପ୍ରତ୍ୟାଶିତ ଭାବେ ହାରି ସମସ୍ତଙ୍କୁ ନିରାଶ କରିଛନ୍ତି। କ୍ୱାର୍ଟର ଫାଇନାଲରେ ଦଳ ଆରମ୍ଭରୁ ହିଁ ନୈରାଶ୍ୟଜନକ ପ୍ରଦର୍ଶନ କରିଥିଲା। ଦୀପିକା କୁମାର ଓ ଅଙ୍କିତା ଗୋଟିଏ ଥର ଲେଖାଏଁ ପୂରା ଟାର୍ଗେଟରୁ ଦୂରେଇ ଯାଇଥିଲେ। ଏହାର ଫାଇଦା ଉଠାଇ ନେଦରଲ୍ୟାଣ୍ଡ ବାଜି ମାରି ନେଇଥିଲା।

ଉପଯୁକ୍ତ ସଚେତନତା ମାଧ୍ୟମରେ ବଜ୍ରପାତ ପ୍ରଭାବକୁ ହ୍ରାସ କରାଯାଇପାରିବ

କେନ୍ଦୁଝର, ନ୍ୟୁଜ୍

ଜିଲ୍ଲା ସମାଜ କଲ୍ୟାଣ କାର୍ଯ୍ୟାଳୟ ସହଯୋଗରେ ଜିଲ୍ଲା ଜରୁରୀକାଳୀନ ବିଭାଗ ଦ୍ୱାରା ସଦର ବ୍ଲକ ଏବଂ କେନ୍ଦୁଝରଗଡ଼ ପୌରପାଳିକା ଅଞ୍ଚଳରେ ଥିବା ମହିଳା ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟାମାନଙ୍କ ପାଇଁ ବଜ୍ରପାତ ସଚେତନତା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି। ଏହି କାର୍ଯ୍ୟକ୍ରମ ମହିଳାମାନଙ୍କୁ ବଜ୍ରପାତରୁ ସୁରକ୍ଷା ବ୍ୟବସ୍ଥା, ସମ୍ଭାବ୍ୟ ବିପଦ ହ୍ରାସ କୌଶଳ ଏବଂ ଜରୁରୀକାଳୀନ ପରିସ୍ଥିତି ମୁକାବିଲା ନିମନ୍ତେ ଆବଶ୍ୟକୀୟ ପ୍ରସ୍ତୁତି ବିଷୟରେ ତାଲିମ ଦିଆଯାଇଥିଲା। ଅଂଶଗ୍ରହଣକାରୀମାନେ ବଜ୍ରପାତ ସମୟରେ ନିଜକୁ ଏବଂ ସେମାନଙ୍କ ପରିବାରକୁ ସୁରକ୍ଷା ଦେବା ପାଇଁ ମୂଲ୍ୟବାନ ଜ୍ଞାନ ଆହରଣ କରିଥିଲେ।

ସମାଜର ଅସୁରକ୍ଷିତ ବର୍ଗଙ୍କ ମଧ୍ୟରେ ବିପର୍ଯ୍ୟୟ ନେଇ ସଚେତନତା ମାଧ୍ୟମରେ ଧନଜୀବନ ହାନିକୁ ବହୁମାତ୍ରାରେ ହ୍ରାସ କରିବା ଲାଗି ପ୍ରୋତ୍ସାହିତ କରିବା ଦିଗରେ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଅଟେ। ସମୟୋପଯୋଗୀ ସତର୍କ ସୂଚନା ସହିତ ମହିଳାମାନଙ୍କୁ ସଶକ୍ତ କରି ଆମେ ଜୀବନ ରକ୍ଷା କରିପାରିବା ଏବଂ ବଜ୍ରପାତର ପ୍ରଭାବକୁ ହ୍ରାସ କରିପାରିବା ବୋଲି ଉପସ୍ଥିତ ତାଲିମଦାତାମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ କଲ୍ୟାଣ ଅଧିକାରୀ ମିତା ନାଏକ, ଜିଲ୍ଲା ପ୍ରକଳ୍ପ ଅଧିକାରୀ ଶେଖ ଇଜାଜ ଇକବଲ, ଶିଶିର କୁମାର ଷଡ଼ଙ୍ଗୀ, ଦିବ୍ୟଦର୍ଶୀନୀ ବେହେରା, ବିକ୍ରମ କେଶରୀ ଦାଶ ଓ ଭାଗ୍ୟଶ୍ରୀ ବାରିକ ଉପସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀର ମା'ମାନଙ୍କୁ ତାଲିମ ପ୍ରଦାନ କରିଥିଲେ।

ବିଡ଼ିଓ ସାଧାରଣ ଲୋକଙ୍କ ହୃଦୟ ଜିତିଲେ

କେନ୍ଦ୍ରାପଡ଼ା, ନ୍ୟୁଜ୍‌ବ୍ୟୁରୋ

ବିଡ଼ିଓ ଚର୍ଚ୍ଚାରେ ସର୍ବାଗ୍ରେ ରହିଛନ୍ତି। ବିଗତ ଦିନମାନଙ୍କରେ ପଞ୍ଚାୟତବାସୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। କାରଣ ଜିଲ୍ଲାର ସଦର ମହକୁମାରେ ହୋଇ ମଧ୍ୟ ସାଧାରଣ ଲୋକ ସେମାନଙ୍କ ନାର୍ଯ୍ୟ ପାଇବାରୁ ବଞ୍ଚିତ ହେଉଥିଲେ। ନୂତନ ଭାବେ ନିଯୁକ୍ତି ପାଇବାଥିବା ବିଡ଼ିଓ ବନ୍ଦନା ଖଟୁଆ ଯୋଗଦେବା ପରଠାରୁ ବ୍ଲକ୍‌ରେ ଉନ୍ନତି ଆସିଥିବାର ପରିଲକ୍ଷିତ ହୋଇଛି। ବିଡ଼ିଓ ତାଙ୍କ କାର୍ଯ୍ୟକ୍ରମ ଦକ୍ଷତା ବଳରେ କବଳିତ ଥିବା କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ସାଧାରଣ ଲୋକଙ୍କ ସମସ୍ୟାର ତୁରନ୍ତ ସମାଧାନ କରିବାରେ ସଫଳତା ହାସଲ କରିପାରିଛନ୍ତି। ଏଣୁ ସାଧାରଣ ଲୋକଙ୍କ ସମସ୍ୟା ସମାଧାନ କରିପାରୁଥିବା ଦକ୍ଷ ପ୍ରଶାସକ ହୋଇଥିବାରୁ କେନ୍ଦ୍ରାପଡ଼ା ବ୍ଲକ୍‌ର ସାଧାରଣ ଲୋକଙ୍କ ହୃଦୟ ଜିତିବାରେ ସକ୍ଷମ ହୋଇଛନ୍ତି। ତେଣୁ ବିଡ଼ିଓ ତାଙ୍କ ସଙ୍କୋଚ ପଣିଆ ଏବଂ ଦକ୍ଷତା ଭିତ୍ତିକ କାର୍ଯ୍ୟକ୍ରମ ଜରିଆରେ ସାଧାରଣରେ ପ୍ରଶଂସାର ପାତ୍ର ହୋଇ ପାରିଛନ୍ତି।

ସମବାୟ ମନ୍ତ୍ରୀ ଅସୁସ୍ଥ : ହସ୍ପିଟାଲରେ ଭର୍ତ୍ତି

ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ

ପ୍ରଦୀପ ବଳସାମନ୍ତ ଅସୁସ୍ଥ ଥିବା ଜଣାପଡ଼ିଛି। ସେ ଭୁବନେଶ୍ୱରସ୍ଥିତ ଏକ ଘରୋଇ ହସ୍ପିଟାଲ ଆପୋଲୋରେ ଚିକିତ୍ସାଧୀନ ଅଛନ୍ତି। ତାଙ୍କୁ ହୃଦ୍‌ଘାତ ହୋଇଥିବା ଜଣାପଡ଼ିଛି। ଡ. ବଳସାମନ୍ତ ଶୁକ୍ରବାର ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦର ନିକଟରେ ବୟନିକା ସୋରୁମ୍ ଉଦ୍‌ଘାଟନ ଉତ୍ସବରେ ମୁଖ୍ୟମନ୍ତ୍ରୀଙ୍କ ସହ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମ ଚାଲିଥିବା ବେଳେ ହଠାତ୍ ସେ ଛାତିରେ ଯନ୍ତ୍ରଣା ଅନୁଭବ କରିଥିଲେ। ତାଙ୍କୁ ସଙ୍ଗେସଙ୍ଗେ ଏକ ଘରୋଇ ହସ୍ପିଟାଲ୍‌କୁ ଅଣାଯାଇଥିଲା। ସେଠାରେ ତାଙ୍କୁ ହୃଦ୍‌ଘାତ ହୋଇଥିବା ଜଣାପଡ଼ିଥିଲା। ଡା. ପିକେ ସାହୁଙ୍କ ତତ୍ତ୍ୱାବଧାନରେ ଏକ ସ୍ୱତ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କର ଚିକିତ୍ସା କରୁଛନ୍ତି। ଡ. ବଳସାମନ୍ତ ଏବେ ଆଇସିୟୁରେ ଥିବା ବେଳେ ସୁସ୍ଥ ଥିବା ସୂଚନା ମିଳିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ, ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ପ୍ରମୁଖ ତାଙ୍କ ସ୍ୱାସ୍ଥ୍ୟବସ୍ଥାର ତଦାରଖ କରୁଛନ୍ତି। ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ସ୍ୱାସ୍ଥ୍ୟ ସଚିବ ଶାଳିନୀ ପଣ୍ଡିତ ପ୍ରମୁଖ ଶନିବାର ସଂପୃକ୍ତ ହସ୍ପିଟାଲ ଗସ୍ତ କରି ଡ. ବଳସାମନ୍ତଙ୍କ ସ୍ୱାସ୍ଥ୍ୟାବସ୍ଥା ସଂପର୍କରେ ବୁଝି ଫେରିଛନ୍ତି।

ଘରୋଇ ବସ୍‌ରେ ମାତ୍ରାଧିକ ଭଡ଼ା ଆଦାୟ : ଯାତ୍ରୀ ନିରାଶ

କେନ୍ଦୁଝର, ନ୍ୟୁଜ୍

କେନ୍ଦୁଝର ଜିଲ୍ଲା ପରିବହନ ବିଭାଗର ଦୀର୍ଘଦିନରୁ ହେଉନଥିବା କାର୍ଯ୍ୟାନୁଷ୍ଠାନ କାରଣରୁ, ଆଦିବାସୀବହୁଳ କେନ୍ଦୁଝର ଜିଲ୍ଲାରେ ଘରୋଇ ବସ୍ ପକ୍ଷରୁ ବସ୍‌ଯାତ୍ରୀଙ୍କ ଉପରେ ଜୁଲୁମ୍ କରାଯାଇ ଦୁଇଗୁଣାରୁ ଅଧିକ ଭଡ଼ା ଆଦାୟ କରାଯାଉଥିବା ଯାତ୍ରୀଙ୍କୁ ବହୁ ମାତ୍ରାରେ ନିରାଶ କରିଛି । ମାତ୍ରାଧିକ ଭଡ଼ା ଆଦାୟକୁ ବିରୋଧ କରି ବାରମ୍ବାର ଅଭିଯୋଗ ପରେ ମଧ୍ୟ ପରିବହନ ବିଭାଗ ନୀରବଦ୍ରଷ୍ଟା ସାଜି ଚୁପ୍ ରହିବା ପରୋକ୍ଷରେ ଘରୋଇ ବସ୍ ମାଲିକମାନଙ୍କୁ ବେଶ୍ ସୁହାଉଥିଲା। ଏହାର ସୁଯୋଗ ନେଇ ମାତ୍ରାଧିକ ଭଡ଼ା ଯାତ୍ରୀଙ୍କ ପାଖରୁ ଅସୁଲ କରାଯାଉଥିଲା। ଏ ନେଇ ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ ପରେ ଚଳିତମାସ ୨୫ ଓ ୨୬ ତାରିଖ ଦୁଇଦିନ ଧରି ରାଜ୍ୟବ୍ୟାପୀ ବିଭିନ୍ନ ସ୍ଥାନରେ ଘରୋଇ ବସରେ ଚଢ଼ଉ କରିବା ପରେ ସତ ସାମ୍ନାକୁ ଆସିଛି। କେନ୍ଦୁଝର ଆଞ୍ଚଳିକ ପରିବହନ ଅଧିକାରୀ ଗୋପାଳକୃଷ୍ଣ ଦାସଙ୍କ ନେତୃତ୍ୱରେ ଆନନ୍ଦପୁର ରାସ୍ତାରେ ଯାଉଥିବା କେତେକ ଘରୋଇ ବସ୍‌କୁ ଅଟକ ରଖି ଯାଞ୍ଚ ପରେ ୮ଟି ବସ୍ ଯାତ୍ରୀଙ୍କ ଠାରୁ ମାତ୍ରାଧିକ ଭଡା ଆଦାୟ, ବିନା ଲାଇସନ୍‌ସରେ ଗାଡ଼ି ଚାଳନା, କଣ୍ଡକ୍ଟରଙ୍କ ଲାଇସେନ୍ସ ନଥିବା ଆଦି କାରଣ ଦର୍ଶାଇ ଦେଢ଼ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଆରଟିଓ ଶ୍ରୀ ଦାସ ପ୍ରକାଶ କରିଛନ୍ତି । ସେହିଭଳି ବଡ଼ବିଲ ଆଞ୍ଚଳିକ ପରିବହନ ଅଧିକାରୀ ଦୁର୍ଗାପ୍ରସାଦ ରାଓ ଓ ଅତିରିକ୍ତ ମୋଟର ଯାନ ନିରୀକ୍ଷକ ଅରୁଣ କୁମାର ସାହୁଙ୍କ ନେତୃତ୍ୱରେ ସେହି ରାସ୍ତା ଦେଇ ଚଳାଚଳ କରୁଥିବା ଘରୋଇ ଯାତ୍ରୀବାହୀ ବସ୍ ମାନଙ୍କରେ ଚଢ଼ଉ କରାଯାଇ ୫ଟି ବସ୍‌ରେ ଅନୁରୂପ ଭାବେ ଯାତ୍ରୀଙ୍କ ଠାରୁ ମାତ୍ରାଧିକ ଭଡ଼ା ଆଦାୟ, ବିନା ଲାଇସେନ୍ସରେ ଗାଡ଼ି ଚାଳନା, କଣ୍ଡକ୍ଟରଙ୍କ ଲାଇସେନ୍ସ ନଥିବା ଆଦି କାରଣ ଦର୍ଶାଇ ୧.୨୮ଲକ୍ଷ ଟଙ୍କା ଜରିମାନା ଆଦାୟ କରାଯାଇଥିବା ଆରଟିଓ ଶ୍ରୀ ଦାସ କହିଛନ୍ତି । କେନ୍ଦୁଝରରୁ ଯୋଡ଼ା, ବଡ଼ବିଲ ଓ ଚମ୍ପୁଆ ଏବଂ କେନ୍ଦୁଝରରୁ ଢେଙ୍କିକୋଟ, ଘଟଗାଁ, ଆନନ୍ଦପୁର, ଯାଜପୁର, ଭଦ୍ରକ ଆଦି ସ୍ଥାନକୁ ଚଳାଚଳ କରୁଥିବା ଅନେକ ଘରୋଇ ବସ୍ ଯାତ୍ରୀମାନଙ୍କ ଠାରୁ ଦୁଇଗୁଣାରୁ ଅଧିକ ଭଡ଼ା ଆଦାୟ କରୁଥିବା ବେଳେ କୌଣସି ବସ୍‌ରେ ଭଡ଼ା ତାଲିକା ଉଲ୍ଲେଖ ନରହିବା ବସ୍ ?ମାଲିକ ଓ କଣ୍ଡକ୍ଟରଙ୍କ ପାଇଁ ବେଶ୍ ସୁହାଇଛି । ସେହିଭଳି କଟକ, ଭୁବନେଶ୍ୱର, ସମ୍ବଲପୁର, ବଲାଙ୍ଗିର, କୋଲକତା, ଟାଟାନଗର, ଅନଗୁଳ, ବାରପଦା, ରାଉରକେଲା ଆଦି ସ୍ଥାନକୁ ଯାତାୟାତ କରୁଥିବା ଘରୋଇ ଏକ୍ସପ୍ରେସ୍ ବସ୍‌ମାନଙ୍କରେ ଅଗ୍ରୀମ ଟିକେଟ୍ ପାଇଁ ଯାତ୍ରୀଙ୍କ ଠାରୁ ୫୦ରୁ ୬୦ଟଙ୍କା ଅଧିକ ଭଡ଼ା ଆଦାୟ କରିବା ଅଭିଯୋଗର ତଦନ୍ତ କରାଯାଇ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ବାରମ୍ବାର ଦାବି ହୋଇଆସୁଛି।

ଖିଣ୍ଡାରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ସାହିତ୍ୟ ଆସର

ସମ୍ବଲପୁର, ନ୍ୟୁଜ୍‌ବ୍ୟୁରୋ

ଖିଣ୍ଡା ଉଚ୍ଚ ବିଦ୍ୟାଳୟରେ ରେଙ୍ଗାଲି ଅଞ୍ଚଳର କବି ପ୍ରତିଭା ଲେଖକମାନଙ୍କୁ ଡକାଯାଇ କେନ୍ଦ୍ର ସରକାରଙ୍କ ସାହିତ୍ୟ ଆସର କାର୍ଯ୍ୟକ୍ରମ କରାଯାଇଥିଲା। ଏହା ପୂର୍ବରୁ ମାତା ସରସ୍ୱତୀଙ୍କର ଫଟୋଚିତ୍ରରେ ମାଲ୍ୟାର୍ପଣ ଓ ଦୀପ ପ୍ରଜ୍ୱଳନ କରି ସ୍କୁଲର ଛାତ୍ରଛାତ୍ରୀମାନଙ୍କୁ ନେଇ ସଙ୍ଗୀତ ପରିବେଷଣ କରିବା ପରେ ସାହିତ୍ୟ ଆସର କାର୍ଯ୍ୟକ୍ରମ କରାଯାଇଥିଲା। ଏଥିରେ ଖିଣ୍ଡା ସ୍କୁଲର ଛାତ୍ରଛାତ୍ରୀମାନେ



କିପରି ସୁନାଗରିକ ହେବେ ଉତ୍କୃଷ୍ଟ ଭାବରେ ଲେଖା, କବିତା, ଗଳ୍ପ ଲେଖିବେ ସେନେଇ ପିଲାମାନଙ୍କୁ ଉତ୍ସାହିତ କରାଯାଇଥିଲା। ପରେ ଓଡ଼ିଆ ସାହିତ୍ୟ ଅକାଦେମିକୁ ଛାତ୍ରଛାତ୍ରୀମାନେ କିପରି ଜାଣିଛନ୍ତି ସେନେଇ ସାହିତ୍ୟ କୁଇଜ୍ ପ୍ରତିଯୋଗିତା ହୋଇଥିଲା । ପ୍ରତିଯୋଗିତା ରେ ଭାଗ ନେଇଥିବା ରେଶ୍ମା ବସରା, ରିମଝିମ ଦୀପ, ସ୍ୱାଗତିକା ସାଉଁତ, ପୁନମ ପ୍ରଧାନ, ମନୀଷା ପ୍ରଧାନ, ନିହାରିକା ମେହେର, ରୀମା ବାଗ ଙ୍କ ପାଇଁ ଗୋଟିଏ ଲେଖାଁଏ ପର୍ଶୁରାମ ନାଥ ଙ୍କ ପୁସ୍ତକ ପୁରସ୍କୃତ କରାଯାଇଥିଲା। ଏହି କାର୍ଯ୍ୟକ୍ରମ କେନ୍ଦ୍ର ସାହିତ୍ୟ ଅକାଦେମିର ଓଡ଼ିଆ ଭାଷା ପରାମର୍ଶଦାତା କମିଟିର ସଦସ୍ୟ ତଥା ରେଙ୍ଗାଲି ମହାବିଦ୍ୟାଳୟର ଅଧ୍ୟକ୍ଷ (କବି) ଡକ୍ଟର ମନୋଜ କୁମାର ପଣ୍ଡା, ଖିଣ୍ଡା ୟୁପି ସ୍କୁଲର ପୂର୍ବତନ ଶିକ୍ଷକ ବୈକୁଣ୍ଠ ସୁନାନୀ, ଉଚ୍ଚ ବିଦ୍ୟାଳୟର ପୂର୍ବତନ ପ୍ରଧାନ ଶିକ୍ଷକ ଦୁର୍ଗା ପ୍ରସାଦ ସାହୁ, ପର୍ଶୁରାମ ନାଥ ଉପସ୍ଥିତ ଥିଲେ। ଅବସର ପ୍ରାପ୍ତ ଶିକ୍ଷକ ସନ୍ତୋଷ ବିଶ୍ୱାଳ ଓ ସନ୍ତୋଷ ପ୍ରଧାନ (ତବଲା ବାଦକ)ଙ୍କ ସହାୟତାରେ ସଙ୍ଗୀତ ପରିବେଷଣ ହୋଇଥିଲା।

ରାଜ୍ୟରେ ୬୦୦ ଜେଲ୍ ୱାର୍ଡର ପଦବୀ ଖାଲି: ୨ ବର୍ଷ ହେଲା ନିଯୁକ୍ତି ବନ୍ଦ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଜେଲ୍‌ରେ ତୃଣମୂଳସ୍ତରର ସୁରକ୍ଷା ଦାୟିତ୍ୱ ୱାର୍ଡରଙ୍କ ହାତରେ। କିନ୍ତୁ ରାଜ୍ୟର ସମସ୍ତ ଜେଲ୍‌ରେ ଆବଶ୍ୟକ ସଂଖ୍ୟକ ୱାର୍ଡର ଅଭାବ। ରାଜ୍ୟରେ ୬୦୦ରୁ ଅଧିକ ୱାର୍ଡର ପଦବି ଖାଲି ପଡ଼ିଛି। ୨ ବର୍ଷ ହେଲା ନିଯୁକ୍ତି ବନ୍ଦ ଥିବାରୁ ଜେଲ୍ ସୁରକ୍ଷା ବାଧାପ୍ରାପ୍ତ ହେଉଥିବା ପରିଲକ୍ଷିତ ହେଉଛି। ଚୌଦ୍ୱାର, ଝାରପଡ଼ା, ବାରିପଦା ଓ ବ୍ରହ୍ମପୁର ଭଳି ସ୍ୱତନ୍ତ୍ର ଜେଲ୍‌ରେ ମଧ୍ୟ ଅନୁରୂପ ଅବସ୍ଥା। ସମ୍ପ୍ରତି ଅପରାଧ ବଢ଼ିବଢ଼ି ଚାଲିଛି ଏବଂ ଜେଲ୍‌ରେ କଏଦୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ମାତ୍ର ଜେଲ୍ ଜଗିବାକୁ ୱାର୍ଡର ନିଯୁକ୍ତି ହେଉନାହିଁ।

ଓଡ଼ିଶାରେ ରହିଛି ୮୭ ଜେଲ୍। ନିୟମାନୁସାରେ ରାଜ୍ୟର ସମସ୍ତ ଜେଲ୍ ପାଇଁ ଆବଶ୍ୟକ ୨୧୦୦ ୱାର୍ଡର। କିନ୍ତୁ ଅଛନ୍ତି ୧୫୦୦। ତେଣୁ ୩୦ ପ୍ରତିଶତ ୱାର୍ଡର ପଦବୀ ପୂରଣ ହୋଇପାରିନାହିଁ। ଦୁଇ ବର୍ଷ ତଳେ ୨୧୯ଟି ୱାର୍ଡର ପଦବୀ ପୂରଣ ପାଇଁ ରାଜ୍ୟ ସରକାର ଅନୁମତି ପ୍ରଦାନ କରିଥିଲେ। କିନ୍ତୁ ଆଜି ପର୍ଯ୍ୟନ୍ତ ସେତିକି ମଧ୍ୟ ପୂରଣ ହୋଇପାରିନାହିଁ। ଚୌଦ୍ୱାର ଜେଲ୍ ପାଇଁ ଆବଶ୍ୟକ ୱାର୍ଡର ପଦବି ସଂଖ୍ୟା ୧୨୬। କିନ୍ତୁ ଏଠାରେ ଅଛନ୍ତି ମାତ୍ର ୧୦୦। ବହୁ ବର୍ଷ ହେଲା ୨୬ ପଦବୀ ପୂରଣ କରାଯାଉନାହିଁ। ବ୍ରହ୍ମପୁର ପାଇଁ ୮୫ ପଦବି ଦରକାର, ୧୫ ଖାଲି ପଡ଼ିଛି। ବାରିପଦା ପାଇଁ ଆବଶ୍ୟକ ୬୫ ୱାର୍ଡର, ୧୫ ପଦବୀ ଫାଙ୍କା। ଭୁବନେଶ୍ୱର ଝାରପଡ଼ା ଜେଲ୍ ପାଇଁ ଅନୁମୋଦିତ ପଦବି ସଂଖ୍ୟା ୬୫, ମାତ୍ର ଅଛନ୍ତି ୫୦। ଏହି ସବୁ ଜେଲ୍‌ରେ କଏଦୀଙ୍କ ସଂଖ୍ୟା କିନ୍ତୁ ନିୟମଠାରୁ ବଳେଇଗଲାଣି। ତେଣୁ ୱାର୍ଡର ପଦବୀ ଖାଲି ପଡ଼ିବା କାରଣରୁ କର୍ତ୍ତବ୍ୟରତ କର୍ମଚାରୀଙ୍କ ଉପରେ ଚାପ ବଢୁଛି। ତେଣୁ ସେମାନଙ୍କଠାରୁ ଆଶାନୁରୂପ କର୍ତ୍ତବ୍ୟ ମିଳିପାରୁନାହିଁ। ଜେଲ୍ ଭିତରେ ବିଚାରାଧୀନ କଏଦୀ ଓ ଆସାମୀମାନଙ୍କ ସୁରକ୍ଷା, ଶୃଙ୍ଖଳା, ମେଡିକାଲ୍ ଟ୍ରିଟ୍‌ମେଣ୍ଟ ସମ୍ବନ୍ଧୀୟ ସୂଚନା ସଂଗ୍ରହ ଭଳି କାମ ସବୁକୁ ଗ୍ରାଉଣ୍ଡ୍ ଜିରୋରୁ କରନ୍ତି ୱାର୍ଡରମାନେ। ମାତ୍ର ପଦବି ପୂରଣ ହେଉ ନଥିବାରୁ ଏସବୁ ମୌଳିକ କାମ ସୁଚାରୁରୂପେ ସମ୍ପାଦିତ ହୋଇପାରୁନାହିଁ। ତେଣୁ ବିଭିନ୍ନ ସମୟରେ ଜେଲ୍ ଭିତରେ ବିଶୃଙ୍ଖଳା ସୃଷ୍ଟି ହେଉଛି ଏବଂ କଏଦି ଚମ୍ପଟ ମାରିବା ଭଳି ଘଟଣା ଘଟୁଛି। ଏବେ ସମସ୍ତ ସ୍ୱତନ୍ତ୍ର କାରାଗାରରେ କଏଦି ସଂଖ୍ୟା ମାତ୍ରାଧିକ ହେଲାଣି। ସେମାନଙ୍କ ଦେଖାଶୁଣା କରିବାକୁ ୱାର୍ଡର ପଦବି ବଢ଼ିବା ଜରୁରି ହୋଇପଡ଼ିଛି। ମାତ୍ର ବଢ଼ିବ କ'ଣ ପୂର୍ବରୁ ଅନୁମୋଦିତ ପଦବି ପୂରଣ ହୋଇପାରୁନାହିଁ ବୋଲି ବହୁ ଜେଲ୍ କର୍ତ୍ତୃପକ୍ଷଙ୍କ ମୁଣ୍ଡବିନ୍ଧା ବଢୁଛି। ଏନେଇ ହାଇକୋର୍ଟ ମଧ୍ୟ ଉଦ୍‌ବେଗ ପ୍ରକାଶ କରିଛନ୍ତି। ଏନେଇ ଜେଲ୍ ଡିଜି ଅମିତ୍ ମୋହନ ପ୍ରସାଦ କହିଛନ୍ତି ଯେ ଏହି ପଦବି ପୂରଣ ପାଇଁ ପ୍ରସ୍ତୁତି ଚାଲିଛି। ଖୁବ୍ ଶୀଘ୍ର ପଦବି ପୂରଣ କରାଯିବ।

'ଟେକ୍‌ନୋସ୍କ୍ରାଇବ୍'ର ସୁବର୍ଣ୍ଣ ଜୟନ୍ତୀ ଉତ୍ସବ

ବିକଶିତ ଦେଶ ଗଠନରେ ଇଂଜିନିୟରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଇଂଜିନିୟରମାନେ ହେଉଛନ୍ତି ବର୍ତ୍ତମାନ ଯୁଗର ବିଶ୍ୱକର୍ମା। ଆଧୁନିକ ଜ୍ଞାନକୌଶଳକୁ ବ୍ୟବହାର କରି କୋଠାବାଡ଼ି, ରାସ୍ତା ଏବଂ ସେତୁ ନିର୍ମାଣ କ୍ଷେତ୍ରରେ ଆମ ଇଂଜିନିୟମମାନେ ଅନେକ କାର୍ଯ୍ୟ କରୁଛନ୍ତି। ଆମେ ବିକଶିତ ଓଡ଼ିଶା ଓ ବିକଶିତ ଭାରତର ସ୍ୱପ୍ନ ଦେଖୁଥିବାବେଳେ ଇଂଜିନିୟମମାନଙ୍କ ଦକ୍ଷତାକୁ ଉପଯୋଗ କରି ଆମେ ଏହାକୁ ପୂରାକରି ପାରିବା ବୋଲି ଆଇନ, ପୂର୍ତ୍ତ, ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପ୍ରକାଶ କରିଛନ୍ତି। ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବାସଂଘର ମୁଖପତ୍ର 'ଟେକ୍‌ନୋସ୍କ୍ରାଇବ୍'ର ପଚାଶ ବର୍ଷ ପୂର୍ତ୍ତି ଅବସରରେ ଆଜି ସଂଘ ପକ୍ଷରୁ ମୁଖପତ୍ରର ସୁବର୍ଣ୍ଣ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ମୁଖପତ୍ର 'ଟେକ୍‌ନୋସ୍କ୍ରାଇବ୍'ର ସ୍ୱତନ୍ତ୍ର ସଂଖ୍ୟାକୁ ଉନ୍ମୋଚନ କରିବା

ସହ ଡିପ୍ଲୋମା ଇଂଜିନିୟରମାନଙ୍କର ଓଡ଼ିଆ ଭାଷା ସାହିତ୍ୟ ପ୍ରତି ମମତା ଓ ଆନ୍ତରିକତା ଅନ୍ୟମାନଙ୍କ ପାଇଁ ପ୍ରେରଣାପ୍ରଦ ହେବ ବୋଲି ମତବ୍ୟକ୍ତ କରିଥିଲେ। ମନ୍ତ୍ରୀ ଶ୍ରୀ ହରିଚନ୍ଦନ ପତ୍ରିକାର ପୂର୍ବତନ ସୁଯୋଗ୍ୟ ସଂପାଦକମାନଙ୍କୁ ସମ୍ମାନିତ କରି ଭାଷା ସାହିତ୍ୟ ପ୍ରତି ସେମାନଙ୍କ ଅବଦାନକୁ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ ଏକ ବୈଷୟିକ କର୍ମଚାରୀ ସେବାସଂଘର ମୁଖପତ୍ର ବୈଷୟିକ ପ୍ରବନ୍ଧ ସହ ସଦସ୍ୟସଦସ୍ୟାମାନଙ୍କ ସାରସ୍ୱତ ସୃଷ୍ଟି, ଓଡ଼ିଆ ଭାଷାରେ ଗଳ୍ପ-କବିତା ପ୍ରଭୃତି ପ୍ରକାଶ କରି ଦୀର୍ଘ ଅର୍ଦ୍ଧଶତାବ୍ଦୀ ଧରି ଓଡ଼ିଆ ସାହିତ୍ୟ ପ୍ରତି ତା'ର ଅବଦାନ ଜାରି ରଖିଛି। ଏହି ପତ୍ରିକାରେ ଲେଖା ଆରମ୍ଭ କରିଥିବା ଅନେକ ଲେଖକଲେଖିକାଙ୍କ ସୃଷ୍ଟି ଅନେକ ପ୍ରତିଷ୍ଠିତ ସମ୍ବାଦପତ୍ର ଓ ପତ୍ରିକାରେ ପ୍ରକାଶ ପାଇଁ ସେମାନଙ୍କୁ ଲେଖକୀୟ ସ୍ୱୀକୃତି ପ୍ରଦାନ କରିଛି। ନିର୍ମାଣ ହେଉଥିବା ପ୍ରକଳ୍ପର ସ୍ଥାୟିତ୍ୱ ଏବଂ ଉପଯୋଗିତା ଆଜିର ଦିନରେ ମୁଖ୍ୟ ପ୍ରସଙ୍ଗ ପାଲଟିଛି। ତେଣୁ ଏହାକୁ ଧ୍ୟାନରେ ରଖି ଇଂଜିନିୟରମାନଙ୍କୁ ଆଧୁନିକ ଜ୍ଞାନକୌଶଳ ଉପରେ ଏକ ତାଲିମ କାର୍ଯ୍ୟକ୍ରମ ଆୟୋଜନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥି ସହିତ ଖାଲିଥିବା ପଦବୀଗୁଡ଼ିକ ଶୀଘ୍ର ପୂରଣ ନେଇ କାର୍ଯ୍ୟପନ୍ଥା ଗ୍ରହଣ କରାଯିବ ବୋଲି ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଥିଲେ। ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀସଂପଦ, ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଶ୍ରୀ ଗୋକୁଳାନନ୍ଦ ମଲ୍ଲିକ, ଏକାମ୍ର ଭୁବନେଶ୍ୱର ବିଧାୟକ ଶ୍ରୀ ବାବୁ ସିଂ, ବଡ଼ଚଣା ବିଧାୟକ ଶ୍ରୀ ଅମର ନାୟକ, ପିପିଲି ବିଧାୟକ ଶ୍ରୀ ଆଶ୍ରିତ ପଟ୍ଟନାୟକ, ସତ୍ୟବାଦୀ ବିଧାୟକ ଶ୍ରୀ ଓମ୍‌ପ୍ରକାଶ ମିଶ୍ର, ଖୋର୍ଦ୍ଧା ବିଧାୟକ ଶ୍ରୀ ପ୍ରଶାନ୍ତ ଜଗଦେବ, ବ୍ରହ୍ମଗିରି ବିଧାୟିକା ଶ୍ରୀମତୀ ଉପାସନା ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଇଂ ଶ୍ରୀକାନ୍ତ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ସମସ୍ତ ନବନିର୍ବାଚିତ ମନ୍ତ୍ରୀ ଓ ବିଧାୟକମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପଦେଷ୍ଟା ଇଂ ସଚିତ୍ର ମୋହନ ରାଉଳ ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିବାବେଳେ ସାଧାରଣ ସଂପାଦକ ଇଂ ଶ୍ରୀଧର ବାରିକ ବିବରଣୀ ପାଠ କରିଥିଲେ। ଉପସଭାପତି ଇଂ ସୁଦର୍ଶନ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। ପ୍ରକାଶ ଯୋଗ୍ୟ ଯେ ଓଡ଼ିଶା ଡିପ୍ଲୋମା ଇଂଜିନିୟର ସେବାସଂଘ ୧୯୪୪ ମସିହାରେ ପ୍ରତିଷ୍ଠିତ ହୋଇ ଚଳିତ ବର୍ଷ ଅଶୀବର୍ଷ ପୂରଣ କରିଥିବାବେଳେ ଏହାର ମୁଖପତ୍ର ୧୯୭୪ ମସିହାରୁ ପ୍ରକାଶ ପାଇଆସୁଛି।

ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

ବିଶ୍ୱରେ ତ୍ରିରଙ୍ଗା ...

ମୁଁ ଆପଣଙ୍କୁ ଖୁସି ଖବର ଦେଉଛି ଯେ ଖଦୀ ଗ୍ରାମ ଉଦ୍ୟୋଗର କାରବାର ପ୍ରଥମ ଥର ପାଇଁ ୧.୫ ଲକ୍ଷ କୋଟି ଅତିକ୍ରମ କରିଛି। କଳ୍ପନା କରନ୍ତୁ, ୧.୫ ଲକ୍ଷ କୋଟି ଟଙ୍କା ଏବଂ ଆପଣ ଜାଣନ୍ତି କି ଖଦୀର ବିକ୍ରି କେତେ ବୃଦ୍ଧି ପାଇଛି? ଏହା ୪୦୦ ଶତକଡା ବଢ଼ିଛି। ଓଡ଼ିଶାର ସମ୍ବଲପୁର ଶାଢ଼ି ସମ୍ପର୍କରେ ପ୍ରଧାନମନ୍ତ୍ରୀ କହିଛନ୍ତି ସମ୍ବଲପୁରୀ ଶାଢ଼ିର ଚାହିଦା ବଢ଼ିଛି। ଲୋକଙ୍କ ମଧ୍ୟରେ ହସ୍ତତନ୍ତର ସ୍ଥାନ ବଜାୟ ରହିଛି। ଲୋକେ ଖଦୀକୁ ଅଧିକ ପସନ୍ଦ କରୁଛନ୍ତି। ଅଗଷ୍ଟ ୭ରେ ଜାତୀୟ ହସ୍ତତନ୍ତ ଦିବସ ପାଳନ କରାଯିବା ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ପ୍ରତ୍ୟେକ ପରିବାର ଚିନ୍ତାରେ ଅଛନ୍ତି ଯେ ସେମାନଙ୍କ ପିଲା ଡ୍ରଗ୍ସର ଶିକାର ହୋଇପାରନ୍ତି। ବର୍ତ୍ତମାନ ଏହିପରି ଲୋକଙ୍କୁ ସାହାଯ୍ୟ କରିବା ପାଇଁ ସରକାର ମାନସ ନାମକ ଏକ ସ୍ୱତନ୍ତ୍ର କେନ୍ଦ୍ର ଖୋଲିଛନ୍ତି। ଡ୍ରଗ୍ସ ବିରୋଧରେ ଲଢ଼େଇରେ ଏହା ଏକ ବଡ ପଦକ୍ଷେପ। ମୁଁ ସମସ୍ତ ଲୋକଙ୍କୁ, ସମସ୍ତ ପରିବାରକୁ, ଭାରତକୁ ଡ୍ରଗ୍ସ ଫ୍ରି କରିବାରେ ଜଡ଼ିତ ସମସ୍ତ ସଂଗଠନ ମାନସ ହେଲ୍ପଲାଇନର ସମ୍ପୂର୍ଣ୍ଣ ଉପଯୋଗ କରିବାକୁ ଅନୁରୋଧ କରୁଛି। ପ୍ରଧାନମନ୍ତ୍ରୀ ମୋଦି କହିଛନ୍ତି, ପୂର୍ବ ପରି, ଚଳିତ ବର୍ଷ ମଧ୍ୟ ଆପଣ ନିଶ୍ଚିତ ଭାବରେ http://harghartiranga.com ରେ ତ୍ରିରଙ୍ଗା ସହିତ ସେଲଫି ଅପଲୋଡ କରିବେ ଏବଂ ମୁଁ ଆପଣଙ୍କୁ ଆଉ ଗୋଟିଏ କଥା ମନେ ପକାଇବାକୁ ଚାହୁଁଛି ପ୍ରତିବର୍ଷ ୧୫ ଅଗଷ୍ଟ ପୂର୍ବରୁ ଆପଣମାନେ ମୋତେ ଅନେକ ପରାମର୍ଶ ପଠାଉଛନ୍ତି। ମୋତେ ଏହି ବର୍ଷ ମଧ୍ୟ ପରାମର୍ଶ ପଠାଇବେ।

ପୁଣି ଆସୁଛି ଆଉ...

୬ ଜିଲ୍ଲାକୁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ପାଣିପାଗ କେନ୍ଦ୍ର। ବାଲେଶ୍ୱର, ଭଦ୍ରକ, ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼ ଏବଂ ଯାଜପୁରକୁ ସତର୍କତା ଜାରି କରାଯାଇଛି। ଏହି ସବୁ ଜିଲ୍ଲାରେ ୭୦ ରୁ ୧୧୦ ମିଲିମିଟର ପର୍ଯ୍ୟନ୍ତ ବର୍ଷିବ। ୩୧ ତାରିଖରେ ୧୬ ଜିଲ୍ଲାରେ ପ୍ରବଳ ବର୍ଷା ନେଇ ଆକଳନ କରିଛି ପାଣିପାଗ ବିଭାଗ। ସେପଟେ ଏବେ ବି ରାଜ୍ୟରେ ୮ ପ୍ରତିଶତ ବର୍ଷା ନିଅଣ୍ଟ ରହିଛି। ୧୧ ଜିଲ୍ଲାରେ ୨୦ ରୁ ୫୯ ପ୍ରତିଶତ ବର୍ଷା ନିଅଣ୍ଟିଆ ରହିଥିବା ବେଳେ ସମ୍ଭାବ୍ୟ ଘୂର୍ଣ୍ଣିବଳୟ ଯୋଗୁଁ ଯେଉଁ ବର୍ଷା ହେବ-ସେଥିରେ ତାହା ଭରଣା ହେବ ବୋଲି ଆଶା କରାଯାଉଛି।

ଓଡ଼ିଆ ଅସ୍ମିତା ...

ମୁଖ୍ୟ ସଚିବ ନିକୁଞ୍ଜ ବିହାରୀ ଧଳ ଗତ ୨୫ତାରିଖରେ ସମସ୍ତ ବିଭାଗର ସଚିବଙ୍କୁ ଚିଠି ଲେଖି କହିଛନ୍ତି ଯେ, ଓଡ଼ିଆ ଭାଷାରେ ବିଭାଗର ନଥିପତ୍ର କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଥିଲେ। ସରକାରୀସ୍ତରରେ ଓଡ଼ିଆ ଭାଷାର ବ୍ୟାପକ ବ୍ୟବହାରକୁ ସହଜ, ସରଳ ଓ ସୁଗମ କରିବା ପାଇଁ ଉପଯୁକ୍ତ ଜ୍ଞାନକୌଶଳ ପ୍ରୟୋଗ ନିମନ୍ତେ ବ୍ୟବସ୍ଥା କରିବାକୁ ମଧ୍ୟ ମୁଖ୍ୟମନ୍ତ୍ରୀ କହିଥିଲେ। ତେଣୁ ବିଭାଗ କେଉଁ ପଦକ୍ଷେପ ନେଇଛି ତାହା ୨୯ତାରିଖ ସୁଦ୍ଧା ଜଣାଇବାକୁ ସଚିବମାନଙ୍କୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ନିର୍ଦ୍ଦେଶ ଦେଇଛି।

ଦକ୍ଷିଣ ଚୀନ ସାଗରରେ...

ସଚିବ ଆଣ୍ଟୋନି ବ୍ଲିଙ୍କେନ ଦୁଇ ଦେଶ ମଧ୍ୟରେ ଆଲୋଚନାକୁ ଖୋଲା ରଖିବାକୁ କହିଛନ୍ତି। ଆମେରିକାରେ ଚାଲିଥିବା ରାଷ୍ଟ୍ରପତି ନିର୍ବାଚନ ମଧ୍ୟରେ ବ୍ଲିଙ୍କେନଙ୍କ ଗସ୍ତ ନୂତନ ହ୍ୱାଇଟ ପ୍ରଶାସନ ସହିତ ବିଶ୍ୱ କିପରି ମୁକାବିଲା କରିବ ସେ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ବୋଲି ବିବେଚନା କରାଯାଉଛି। ଆମେରିକାର ବୈଦେଶିକ ବିଭାଗ ମୁଖପାତ୍ର ମାଥ୍ୟୁ ମିଲର କହିଛନ୍ତି ଦୁଇ ନେତାଙ୍କ ମଧ୍ୟରେ ଦ୍ୱିପାକ୍ଷିକ, ଆଞ୍ଚଳିକ ଏବଂ ବିଶ୍ୱସ୍ତରୀୟ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି। ସମସ୍ତ ସହଯୋଗୀ ଦେଶ ସହ ଆମେରିକା ଏକ ନିରପେକ୍ଷ ଆଭିମୁଖ୍ୟ ଗ୍ରହଣ କରିବ ବୋଲି ସଚିବ କହିଛନ୍ତି। ବୈଠକରେ ବ୍ଲିଙ୍କେନ ଚୀନର ପ୍ରତିରକ୍ଷା ଶିଳ୍ପ ଭିତ୍ତିଭୂମି ପାଇଁ ରୁଷିଆକୁ ପ୍ରଦାନ କରୁଥିବା ସହାୟତା ଉପରେ ଆଲୋଚନା କରିଥିଲେ। ସେ କହିଛନ୍ତି ଯେ ଯଦି ଚୀନ ସମର୍ଥନ ଶେଷ ନକରେ ତେବେ ଆମେରିକାକୁ କଡ଼ା ପଦକ୍ଷେପ ନେବାକୁ ପଡ଼ିବ। ଏହି ସମୟରେ ଚୀନ ବୈଦେଶିକ ମନ୍ତ୍ରୀ ୱାଙ୍ଗ କହିଛନ୍ତି ଚୀନ ବିଷୟରେ ଆମେରିକାର ଧାରଣା ଭୁଲ। ସେ ଏକ ଯୁକ୍ତିଯୁକ୍ତ ଏବଂ ବ୍ୟବହାରିକ। ଚୀନ୍ ନୀତି ଉପରେ ଦୃଷ୍ଟି ଦେବାକୁ କହିଛନ୍ତି। ଏହି ସମୟରେ ଦୁଇ ଦେଶ ମଧ୍ୟରେ ଆଲୋଚନା ଜାରି ରଖିବାକୁ ନିଷ୍ପତ୍ତି ନିଆଯାଇଛି। ଆମେରିକା ଏବଂ ଚୀନ ମଧ୍ୟରେ କ୍ରମାଗତ ଭାବେ ଉତ୍ତେଜନା ବୃଦ୍ଧି ପାଉଛି। ତେବେ ଏହି ଉତ୍ତେଜନାକୁ ହ୍ରାସ କରିବାକୁ ରାଷ୍ଟ୍ରପତି ଜୋ ବାଇଡେନ ପ୍ରଶାସନ ଗୁରୁତ୍ୱାରୋପ କରୁଛନ୍ତି। ନିକଟରେ, ୟୁକ୍ରେନ-ରୁଷିଆ ଯୁଦ୍ଧରେ ରୁଷିଆକୁ ଚୀନର ସମର୍ଥନ ଏବଂ ଦକ୍ଷିଣ ଚୀନ ସାଗରରେ କାର୍ଯ୍ୟାନୁଷ୍ଠାନ ସମୟରେ ତାଇୱାନକୁ ଦିଆଯାଉଥିବା ଧମକ ଚୀନ ଏବଂ ଆମେରିକା ମଧ୍ୟରେ ସମ୍ପର୍କକୁ ନଷ୍ଟ କରିଦେଇଛି। ଚଳିତ ସପ୍ତାହରେ, ଉତ୍ତର ଆମେରିକାର ଏରୋସ୍ପେସ ଡିଫେନ୍ସ କମାଣ୍ଡ ଆଲାସ୍କା ନିକଟରେ ଉଡ଼ୁଥିବା ଦୁଇ ରୁଷୀୟ ଏବଂ ଦୁଇ ଚୀନିଜ ଫାଇଟର ଯୁଦ୍ଧ ବିମାନକୁ ଅଟକାଇଥିଲା ଆମେରିକା ଏବଂ ୟୁଏଇ ଏହାର ପ୍ରତିରକ୍ଷା କ୍ଷେତ୍ରକୁ ମଜବୁତ କରିବା ପାଇଁ ମଞ୍ଜୁରୀ ମଧ୍ୟରେ ଚୀନ ରୁଷିଆକୁ ଅସ୍ତ୍ରଶସ୍ତ୍ର ଯୋଗାଉଥିବା ଅଭିଯୋଗ କରିଛନ୍ତି। ଯଦିଓ ଚୀନ ଏହାକୁ ଅସ୍ୱୀକାର କରିଛି ଚୀନ ନିଜକୁ ଶାନ୍ତି ମଧ୍ୟସ୍ଥି ଭାବରେ ପ୍ରତିଷ୍ଠିତ କରିବାକୁ ଚେଷ୍ଟା କରୁଥିବା କହିଛି।

ଖୋଲିଲା ହୀରାକୁଦ ...

ନେବେ। ସୋମବାର ଜଳସ୍ତରକୁ ଦେଖି ଅଧିକ ଗେଟ ଖୋଲା ଯିବ କି ନାହିଁ ନିଷ୍ପତ୍ତି ନିଆଯିବ ବୋଲି କହିଛନ୍ତି ଡ୍ୟାମ କର୍ତ୍ତୃପକ୍ଷ। ୨୦ଟି ଗେଟ ଖୋଲିଥିବାରୁ ତଳିଆ ଅଞ୍ଚଳରେ ଲୋକଙ୍କୁ ସତର୍କ କରାଯାଇଛି। ପାଣି ବଢୁଥିବାରୁ ତଳିଆ ଅଞ୍ଚଳବାସୀଙ୍କୁ ଉଚ୍ଚ ସ୍ଥାନକୁ ଚାଲିଯିବାକୁ ସମ୍ପୃକ୍ତ ଜିଲ୍ଲାପାଳମାନେ ସତର୍କ କରାଇଛନ୍ତି। ତେବେ ବନ୍ୟା ଜଳର ନିଷ୍କାସନ ଯାହା ରହିଛି, ତାହା ତଳିଆ ଅଞ୍ଚଳରେ ବନ୍ୟା ପରିସ୍ଥିତି ସୃଷ୍ଟି କରିନପାରେ ବୋଲି କହିଛନ୍ତି ଡ୍ୟାମ କର୍ତ୍ତୃପକ୍ଷ।

ଲ୍ୟାଣ୍ଡମାଇନ...

ପରେ ତାଙ୍କୁ ଭଲ ଚିକିତ୍ସା ପାଇଁ ଜିଲ୍ଲା ହସ୍ପିଟାଲ ବିଜାପୁରକୁ ଅଣାଯାଇଥିଲା। ବିଜାପୁର ଏସପି ଜିତେନ୍ଦ୍ର ଯାଦବ ସୂଚନା ଦେଇଛନ୍ତି ସୁରକ୍ଷା କର୍ମୀଙ୍କୁ ଟାର୍ଗେଟ କରି ନକ୍ସଲ ଲ୍ୟାଣ୍ଡମାଇନ ଖଞ୍ଜିଥିଲେ। କିନ୍ତୁ ଏହି ଲ୍ୟାଣ୍ଡମାଇନର ଶିକାର କେବଳ ନିରୀହ ଜନତା ହେଉଛନ୍ତି ବୋଲି ପୁଲିସ କହିଛି। ସହିଦ ସପ୍ତାହର ପ୍ରଥମ ଦିନରେ ଏଭଳି ଘଟିଥିବାରୁ ନକ୍ସଲଙ୍କ ଏହି ଘୃଣ୍ୟ କାମକୁ ସବୁ ମହଲରେ ନିନ୍ଦା କରାଯାଇଛି। ଏହି ଅଞ୍ଚଳରେ ସର୍ଚ୍ଚ ଅପରେସନକୁ ଜୋରଦାର କରାଯାଉଥିବା ପୁଲିସ କହିଛି। ତେବେ ଏହାକୁ ନେଇ ନକ୍ସଲ କି ପ୍ରକାର ମନ୍ତବ୍ୟ ଦେଉଛନ୍ତି ଦେଖିବାକୁ ବାକି ରହିଲା।

୧୦ ରାଜ୍ୟରେ...

ତ୍ରିପୁରାର ପୂର୍ବତନ ଉପ-ମୁଖ୍ୟମନ୍ତ୍ରୀ ବିଷ୍ଣୁ ଦେବ ବର୍ମାଙ୍କୁ ତେଲେଙ୍ଗାନାର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି। ମହାରାଷ୍ଟ୍ରର ବରିଷ୍ଠ ବିଜେପି ନେତା ହରିଭାଉ କିସନରାଓ ବାଗଡେଙ୍କୁ ରାଜସ୍ଥାନର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି। କଲରାଜ ମିଶ୍ରଙ୍କ ସ୍ଥାନରେ ତାଙ୍କୁ ଏହି ନିଯୁକ୍ତି ମିଳିଛି। ଆସାମର ପୂର୍ବତନ ଲୋକସଭା ସାଂସଦ ରାମେନ ଡେକାଙ୍କୁ ଛତିଶଗଡ଼ର ରାଜ୍ୟପାଳ କରାଯାଇଛି। ବିଶ୍ୱଭୂଷଣ ହରିଚନ୍ଦନଙ୍କ ସ୍ଥାନରେ ତାଙ୍କୁ ମିଳିଛି ଏହି ନିଯୁକ୍ତି। ସେହିପରି କର୍ଣ୍ଣାଟକ ମହୀଶୂରର ପୂର୍ବତନ ଲୋକସଭା ସାଂସଦ ସି. ଏଚ ବିଜୟଶଙ୍କରଙ୍କୁ ମେଘାଳୟର ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି। ପୂର୍ବତନ ଆଇଏଏସ ଅଫିସର କେ କୈଳାଶନାଥଙ୍କୁ ପୁଡୁଚେରିର ଉପ-ରାଜ୍ୟପାଳ ଭାବେ ନିଯୁକ୍ତି ଦିଆଯାଇଛି। ସେ ଗୁଜରାଟ ମୁଖ୍ୟମନ୍ତ୍ରୀ ଭୂପେନ୍ଦ୍ର ପଟେଲଙ୍କ ମୁଖ୍ୟ ପ୍ରଧାନ ସଚିବ ଭାବେ କାର୍ଯ୍ୟ କରୁଥିଲେ। ସେଠିକିରୁ ଅବସର ନେବା ପରେ ସେ ବହୁ ବର୍ଷ ଧରି ଏହି ପଦବୀରେ ଥିଲେ। ଗତ ଜୁନ ୩୦ ତାରିଖରେ ସେ ଏହି ପଦରୁ ଇସ୍ତଫା ଦେଇଥିଲେ।

ବିକଶିତ ଓଡ଼ିଶା ଗଠନର...

ବିକାଶ ପାଇଁ ସହଯୋଗ, ଜଙ୍ଗଲ ସମ୍ପଦର ସୁରକ୍ଷା କ୍ଷେତ୍ରରେ ଓଡ଼ିଶା ପରି ରାଜ୍ୟକୁ ଅଧିକ ପ୍ରୋତ୍ସାହନ ଓ ଆହୁରି ଅନେକ ପ୍ରସ୍ତାବ। ଏକ ବିକଶିତ ଓଡ଼ିଶାର ଲକ୍ଷ୍ୟ ପୂରଣ ପାଇଁ ଏହି ସବୁ କ୍ଷେତ୍ରରେ କେନ୍ଦ୍ର ସରକାରଙ୍କ ବଳିଷ୍ଠ ଅବଦାନ ଆଶା କରୁଛି ବୋଲି ପ୍ରକାଶ କରି ସେ କହିଥିଲେ ଯେ ଏଥିପାଇଁ କେବଳ ସରକାରୀ ପ୍ରୟାସ ଯଥେଷ୍ଟ ନୁହେଁ। ଏଥିପାଇଁ ସମାଜର ସବୁ ସ୍ତରରେ ସହଯୋଗ ଆବଶ୍ୟକ। ସେ କହିଥିଲେ ଯେ ନବଗଠିତ ଓଡ଼ିଶା ସରକାର ଜୁଲାଇ ୨୫ ତାରିଖରେ ପ୍ରଥମ ବଜେଟ୍ ଉପସ୍ଥାପନ କରିଛନ୍ତି। ଅର୍ଥମନ୍ତ୍ରୀ ଭାବରେ ସେ ଏହି ବଜେଟ୍ ଉପସ୍ଥାପନ କରିଥିଲେ। ଏହି ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାରେ ସମାଜର ବିଭିନ୍ନ ବର୍ଗ ଯଥା ଅର୍ଥନୈତିକ ବିଶେଷଜ୍ଞ, ବୁଦ୍ଧିଜୀବୀ, ବିଭିନ୍ନ ବର୍ଗର ପ୍ରତିନିଧି ସାମିଲ ରହି ସେମାନଙ୍କର ବହୁମୂଲ୍ୟ ମତାମତ ପ୍ରଦାନ କରିଥିଲେ। ଏହା ସହିତ ଅନଲାଇନ ଜରିଆରେ ମଧ୍ୟ ପ୍ରାୟ ୧୨ ହଜାରରୁ ଊର୍ଦ୍ଧ୍ୱ ମତାମତ ଆସିଥିଲା। ଏହା ପୂର୍ବ ବର୍ଷ ଅପେକ୍ଷା ୬ ଗୁଣ ଅଧିକ। ତେଣୁ ଆମର ଏହି ବଜେଟରେ ଲୋକଙ୍କ ମତାମତ ପ୍ରତିଫଳିତ ହୋଇଛି। ଆମ ବଜେଟ୍ ବାସ୍ତବରେ ଲୋକଙ୍କ ବଜେଟ୍ ଭାବରେ ଜନ ସାଧାରଣଙ୍କ ସ୍ୱୀକୃତି ପାଇଛି। ଏହା ଏକ ଲୋକାଭିମୁଖୀ ବଜେଟ୍ ଉପସ୍ଥାପନା ହୋଇଛି। ସମାଜର ସବୁ ବର୍ଗର ଲୋକଙ୍କ ଦ୍ୱାରା ଏହା ଆଦୃତ ହୋଇ ପାରିଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ଆମ ସରକାର 'ଲୋକଙ୍କ ସରକାର' ବୋଲି ପ୍ରକାଶ କରି ସେ କହିଥିଲେ ଯେ ବିକଶିତ ଓଡ଼ିଶାର ପରିକଳ୍ପନା ଓ ରୂପରେଖ ନିର୍ଦ୍ଧାରଣ ପାଇଁ ସମାଜର ସବୁ ବର୍ଗର ସୁଚିନ୍ତିତ ମତାମତ ସବୁବେଳେ ସ୍ୱାଗତ ଯୋଗ୍ୟ। କେନ୍ଦ୍ର ସରକାରଙ୍କ ଗୁରୁତ୍ୱପୂର୍ଣ୍ଣ ପଦବୀରେ ଅଧିଷ୍ଠିତ ଓଡ଼ିଶାର ଅଧିକାରୀମାନଙ୍କର ସହଯୋଗ ଆମ ଉଦ୍ୟମକୁ ବାସ୍ତବ ରୂପ ଦେବାରେ ସହାୟକ ହେବ ବୋଲି ତାଙ୍କର ଦୃଢ଼ ଆଶା ଓ ବିଶ୍ୱାସ ରହିଛି ବୋଲି ସେ କହିଥିଲେ। ଏହି ବୈଠକରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, କେନ୍ଦ୍ର ସରକାରଙ୍କ ବିଭିନ୍ନ ମନ୍ତ୍ରଣାଳୟ ଓ ବିଭାଗରେ କାର୍ଯ୍ୟ କରୁଥିବା ଓଡ଼ିଶା କ୍ୟାଡ଼ର୍ ଅଧିକାରୀମାନେ ଏବଂ ଓଡ଼ିଆ ଅଧିକାରୀମାନେ ଯୋଗ ଦେଇ ଓଡ଼ିଶାର ବିକାଶ ପାଇଁ ସେମାନଙ୍କ ସୁଚିନ୍ତିତ ମତାମତ ଦେଇଥିଲେ।

ଜିନ୍ଦଲ ପକ୍ଷରୁ କାର୍ଗିଲ ବିଜୟ ଦିବସ ପାଳିତ

ଅନୁଗୁଳ, ନ୍ୟୁଜ ବ୍ୟୁରୋ

ଜିନ୍ଦଲ ଷ୍ଟିଲ ଏବଂ ପାୱାର(ଜେଏସପି) ଅନୁଗୁଳରେ ୨୫ ତମ କାର୍ଗିଲ ବିଜୟ ଦିବସ ଅବସରରେ ଅନେକ କାର୍ଯ୍ୟକ୍ରମ ସହିତ କାର୍ଗିଲ ଯୁଦ୍ଧର ହିରୋ ମାନଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଶ୍ରୀ ଦାମୋଦର ମିତ୍ତଲଙ୍କ ନେତୃତ୍ୱରେ ପତାକା ଉତ୍ତୋଳନ ସମାରୋହରୁ ଏହି ଦିନ ଆରମ୍ଭ ହୋଇଥିଲା। ଏହି ଅବସରରେ କମ୍ପାନୀର ଅଧିକାରୀ ଏବଂ କର୍ମଚାରୀମାନେ କାର୍ଗିଲ ଯୁଦ୍ଧ ସମୟରେ ଅସାଧାରଣ ସାହସ ଏବଂ ଦେଶପ୍ରେମ ପ୍ରଦର୍ଶନ କରିଥିବା ଶହୀଦମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏକ ବିଶେଷ ଉପସ୍ଥାପନାରେ କାର୍ଗିଲ ଯୁଦ୍ଧର ପ୍ରମୁଖ ଦିଗ ଏବଂ ସଶସ୍ତ୍ର ବାହିନୀର ବୀରତ୍ୱ ଆଲୋକପାତ କରାଯାଇଥିଲା। ଏହି ଅବସରରେ ଜେଏସପି ଅଧ୍ୟକ୍ଷ ତଥା କୁରୁକ୍ଷେତ୍ର ସାଂସଦ ନବୀନ ଜିନ୍ଦଲ ଦେଶ ପାଇଁ ନିଜ ଜୀବନକୁ ଉତ୍ସର୍ଗ କରିଥିବା ସାହସୀ ବୀରମାନଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିବା ସହ ତାଙ୍କ ବାର୍ତ୍ତାରେ କହିଛନ୍ତି, "ମୁଁ ଅମର ସୈନିକମାନଙ୍କୁ ପ୍ରଣାମ କରୁଛି, ଯେଉଁମାନେ ମାତୃଭୂମିର ସୁରକ୍ଷା ପାଇଁ ବଳିଦାନ ଦେଇଛନ୍ତି। ଜାତୀୟ ଗର୍ବ ଏବଂ ସମ୍ମାନ ଭାବରେ କାର୍ଗିଲ ବିଜୟ ଦିବସ ସର୍ବଦା ଆମ ପାଇଁ ପ୍ରେରଣା ଉତ୍ସ ହୋଇ ରହିବ। ଆସନ୍ତୁ ସମସ୍ତେ ଜାତିର ସେବାରେ ଭାରତୀୟ ସେନା ଦ୍ୱାରା ସ୍ଥାପିତ ଉଚ୍ଚ ଆଦର୍ଶକୁ ଅନୁସରଣ କରିବା ଏବଂ ଆମ ଦେଶର ସୁରକ୍ଷା ଏବଂ ସମ୍ମାନ ପାଇଁ ଉତ୍ସର୍ଗୀକୃତ ହେବା। ଦେଶ ସୁରକ୍ଷା ପାଇଁ କାର୍ଗିଲ ବିଜୟ ଦିବସ ସବୁବେଳେ ଆମ ସମସ୍ତଙ୍କୁ ପ୍ରେରଣା ଯୋଗାଇବ"। ଏହା ବ୍ୟତୀତ ଯୁବପୀଢ଼ିଙ୍କ ମଧ୍ୟରେ

ଦେଶଭକ୍ତି ଭାବନା ଜାଗ୍ରତ କରିବା ପାଇଁ ଓପି ଜିନ୍ଦଲ ସ୍କୁଲରେ ଏକ ଚିତ୍ରାଙ୍କନ ପ୍ରତିଯୋଗିତା ମଧ୍ୟ କରାଯାଇଥିଲ। ଏହି ପଦକ୍ଷେପ ଜରିଆରେ ବିଦ୍ୟାଳୟର ପିଲାମାନଙ୍କୁ କଳା ମାଧ୍ୟମରେ କାର୍ଗିଲ ହିରୋମାନଙ୍କ ପ୍ରତି ସେମାନଙ୍କର ଜ୍ଞାନ ଓ ଧାରଣା ବଢାଇବାର ଉଦ୍ୟମ କାରାଯାଇଥିଲା। ଏହିପରି କାର୍ଯ୍ୟକ୍ରମ ମାଧ୍ୟମରେ କର୍ମଚାରୀ ଏବଂ ଆଖପାଖରେ ବସବାସ କରୁଥିବା ଲୋକଙ୍କ ମନରେ ଦେଶପ୍ରେମର ଭାବନା ସୃଷ୍ଟି କରିବା ସହ ପରବର୍ତ୍ତୀ ପୀଢ଼ିଙ୍କୁ ତାଙ୍କ ଜୀବନର ପ୍ରତ୍ୟେକ ଦିନ ମାତୃଭୂମି ପାଇଁ ଉତ୍ସର୍ଗ କରିବାକୁ ପ୍ରେରଣା ଯୋଗାଇବ ବୋଲି ଆଶା ବ୍ୟକ୍ତ କରା ଯାଉଛି।

ଉବଲ୍ ତରଫରୁ କ୍ୟାରିୟର୍ ସମିଟ ୨୦୨୪

ଉବଲ୍ ସହ ଯୋଡି ହେଲେଣି ୮୦ ହଜାର ଛାତ୍ରଛାତ୍ରୀ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଛାତ୍ରଛାତ୍ରୀ ଏବଂ ବୃତ୍ତିଧାରିଙ୍କ ପାଇଁ ଡିଜିଟାଲ୍ ପୋର୍ଟଫୋଲିଓ ପ୍ରସ୍ତୁତ କରୁଥିବା ଅଗ୍ରଣୀ ଷ୍ଟାର୍ଟଅପ୍ ଅନୁଷ୍ଠାନ 'ଉବଲ୍' ତରଫରୁ 'ଓ ହବ୍' ଠାରେ ଦିନିକିଆ କ୍ୟାରିୟର୍ ସମିଟ୍ ୨୦୨୪ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଉବଲର ପ୍ରତିଷ୍ଠାତା ତଥା ସିଇଓ ଆକାଶ ଜୟସ୍ୱାଲ କହିଛନ୍ତି ଯୁକ୍ତ ଦୁଇ କିମ୍ବା ଗ୍ରାଜୁଏସନ ପରେ କିପରି ନିଜର କ୍ୟାରିୟର ଗଢିବେ ଏବଂ ଏଦିଗରେ କିପରି ସୁ ପରାମର୍ଶ ନେବେ ଏହାକୁ ନେଇ ଉବଲ ପକ୍ଷରୁ ଏହି ଦିନିକିଆ କ୍ୟାରିୟର ସମିଟ କାର୍ଯ୍ୟକ୍ରମ ଆୟୋଜିତ ହୋଇଚି। ବିଶେଷ କରି ଉବଲ ହେଉଛି ଏକ ପ୍ଲାଟଫର୍ମ ଏହାର ଆପକୁ ବ୍ୟବହାର

କରି ନିଜ କ୍ୟାରିୟର ସମ୍ବନ୍ଧୀୟ ବିବରଣୀ ପାଇବା ସହ ଏକ୍ସପର୍ଟଙ୍କ ପରାମର୍ଶ ନେଇ ପାରିବେ ବୋଲି ଶ୍ରୀ ଜୟସ୍ୱାଲ୍ କହିଥିଲେ। ବର୍ତ୍ତମାନ ଅନଲାଇନ ଜରିଆରେ ରାଜ୍ୟ ବାହାରୁ ୨୭୩କଲେଜ ଓଡିଶାରୁ ୫୬ଟି କଲେଜରୁ ମୋଟ ୮୦ହଜାର ଛାତ୍ରଛାତ୍ରୀ ଉବଲ୍ ସହ ଯୋଡି ହୋଇଥିବା ବେଳେ ୩ ହଜାର ମେଣ୍ଟର ଦୈନିକ ନିଯୁକ୍ତି ଆଶାୟିଙ୍କୁ ପରାମର୍ଶ ଦେଉଛନ୍ତି ବୋଲି ଶ୍ରୀ ଜୟସ୍ୱାଲ କହିଛନ୍ତି। କାର୍ଯ୍ୟକ୍ରମରେ ଟାଟା କନସଲଟାନସି ସର୍ଭିସର ମୁଖ୍ୟ ଏଚଆର ଅବିନାଶ ସାମଲ ଯୋଗଦେଇ ବିଶେଷ କରି ପ୍ଲସ୍ ଟୁ ଓ ଗ୍ରାଜୁଏସନ ପରେ ଛାତ୍ର ଛାତ୍ରୀ ମାନେ କେଉଁ କ୍ଷେତ୍ରରେ ନିଜର କ୍ୟାରିଅର ଗଠନ କରିବେ ଏସବୁ ପ୍ରଶ୍ନ ସମସ୍ତଙ୍କ ମନରେ ଆସିଥାଏ. ଅଭିଭାବକ ମାନେ ପିଲାମାନଙ୍କ ପାଇଁ ଚିନ୍ତା ପ୍ରକଟ କରି ସମୟ ସମୟରେ କ୍ୟାରିୟର ପାଇଁ ଭୁଲ ରାସ୍ତାରେ ଯାଇଥାନ୍ତି ଫଳରେ ପିଲାମାନେ ସଠିକ କ୍ୟାରିୟର ଗଠନ ରେ ସଫଳତା ହାସଲ କରି ପାରିନଥାନ୍ତି। ଏହି ପ୍ଲାଟଫର୍ମରେ ଏକ୍ସପର୍ଟମାନେମ ଅନଲାଇନ୍ ମାଧ୍ୟମରେ ଛାତ୍ରଛାତ୍ରୀଙ୍କୁ ସଠିକ ପରାମର୍ଶ ଦେବା ସହ ନିଯୁକ୍ତି ସମ୍ବନ୍ଧିୟ ଜ୍ଞାନ ପ୍ରଦାନ କରାଯାଏ ବୋଲି ଶ୍ରୀ ସାମଲ କହିଛନ୍ତି। କାର୍ଯ୍ୟକ୍ରମରେ ଇନଷ୍ଟିଚ୍ୟୁଟ୍ ଅଫ ଟେକନୋଲୋଜି ର ସିଇଓ ଦୁର୍ଗା ପ୍ରସାଦ ଗୌଡ଼, ବିବିଏ ପୋଗ୍ରାମ ର ଅଧକ୍ଷା ଡ଼. ଇଶା ମିଶ୍ର ଯୋଗ ଦେଇ ବିଭିନ୍ନ ବିଶ୍ୱ ବିଦ୍ୟାଳୟ ଓ ଇନଷ୍ଟିଚ୍ୟୁଟ୍ ରୁ ଆସିଥିବା ଛାତ୍ର ଛାତ୍ରୀ ଙ୍କୁ କ୍ୟାରିୟର ଗଠନ ପାଇଁ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ.।

ଧାନ ଉପରେ ବୋନସ୍ ଦେଲେ ବିଗୁଡୁଛି ବଜାର

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ଧାନର ଏମ୍‌ଏସ୍‌ପି ବଢୁ ବୋନସ୍ ନୁହେଁ। ଖୋଦ କେନ୍ଦ୍ର ସରକାରଙ୍କ କୃଷି ମନ୍ତ୍ରାଳୟ ବୋନସ ବ୍ୟବସ୍ଥାକୁ ନାପସନ୍ଦ କରୁଛି। ରାଜ୍ୟ ସରକାରଙ୍କ ବୋନସ୍ ବ୍ୟବସ୍ଥା ବଜାରରେ ଅସ୍ଥିରତା ସୃଷ୍ଟି କରୁଛି। ହେଲେ ରାଜ୍ୟରେ ଥିବା ଡବଲ୍ ଇଞ୍ଜିନ ସରକାର ଧାନ କିଣା ଉପରେ ୮୦୦ଟଙ୍କା ବୋନସ୍ ଭଳି ଦେବାକୁ ବଜେଟ୍ ବ୍ୟୟ ବରାଦ କରିଛନ୍ତି। ଚାଷୀ ଅଧିକ ଅର୍ଥ ପାଉ ସମସ୍ତେ ଚାହାଁନ୍ତି। ହେଲେ ବୋନସ୍‌କୁ ନେଇ କେନ୍ଦ୍ର ଗୋଟିଏ ନୀତି ଆପଣାଇଥିବାବେଳେ ରାଜ୍ୟ ସରକାରଙ୍କ ବୋନସ୍ ବ୍ୟବସ୍ଥା ଚାଷୀଙ୍କୁ ସ୍ଥାୟୀ ଉପକାର କରିବ କି ବୋଲି ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଧାନ ଉପରେ ବୋନସ୍ ଦେଲେ ବିଗୁଡୁଛି ବଜାର। ସ୍ଥାୟୀ ଭାବେ ଏଇ ଅର୍ଥ ଚାଷୀର ଅଭାବ ପୂରଣ କରୁନି। ଯେଉଁ ରାଜ୍ୟ ଏମ୍‌ଏସ୍‌ପି ଉପରେ ବୋନସ୍ ଦେଉଛନ୍ତି ଧୀରେ ଧୀରେ ସେମାନେ ଏବେ ଅର୍ଥ ହ୍ରାସ କରିବାରେ ଲାଗିଲେଣି। ଆର୍ଥିକ ଦୃଷ୍ଟିରୁ ଏପରି ବ୍ୟବସ୍ଥା ଠିକ୍ ନୁହଁ। ଖୋଦ କେନ୍ଦ୍ର କୃଷି ମନ୍ତ୍ରାଳୟର କମିସନ ଫର ଏଗ୍ରିକଲ୍‌ଚରାଲ କଷ୍ଟ ଆଣ୍ଡ ପ୍ରାଇସ ବା ଉଇଉଚ ଏଭଳି ରିପୋର୍ଟ ଦେଇଛି। ହେଲେ ରାଜ୍ୟରେ ଥିବା ବିଜେପି ସରକାର ଚାଷୀଙ୍କୁ କ୍ୱିଣ୍ଟାଲ ପିଛା ୮୦୦ ଟଙ୍କା ବୋନସ୍ ଦେବାକୁ ବଜେଟ୍‌ରେ ବ୍ୟୟବରାଦ କରିଛନ୍ତି। ୨୦୨୪-୨୫ ଆର୍ଥିକ ବର୍ଷ ପାଇଁ ସମୃଦ୍ଧ କୃଷକ ଯୋଜନା ବାବଦରେ ରାଜ୍ୟ ସରକାର ଖର୍ଚ୍ଚ କରିବେ ୫ ହଜାର କୋଟି। ବୋନସ୍‌କୁ ନେଇ କିଏ ଠିକ୍ କେନ୍ଦ୍ର ନା ରାଜ୍ୟ ସରକାର ଚାଷୀ ପରିଶ୍ରମ କରୁଛି। ଅଥଚ ତାର ଉଚିତ ମୂଲ ପାଉନି। ଧାନର ଏମ୍‌ଏସ୍‌ପି ବଢୁଛି। ହେଲେ ସେ ଅର୍ଥ ତାର ଅଭାବ ପୂରଣ କରୁନି। ଅତୀତରେ ଓଡ଼ିଶା ସରକାର ଚାଷୀଙ୍କୁ ବୋନସ୍ ଦେବାକୁ ଘୋଷଣା କରିବା ପରେ କେନ୍ଦ୍ର ସରକାର ରାଜ୍ୟକୁ ଚିଠି ଲେଖି ମନାକଲେ। ସିଧାସଳଖ ଏଫ୍‌ସିଆଇ ଧାନ ସଂଗ୍ରହ କରିବନି ବୋଲି ରୋକ୍‌ଠୋକ୍ ମନାକରିଦେଇଥିଲା। ଛତିଶଗଡ଼ରେ ଥିବା ବିଜେପି ସରକାର ଧାନ ଉପରେ ବୋନସ୍ ନିର୍ଦ୍ଦିଷ୍ଟ ପରିମାଣ ଉପରେ ଦେଉଛନ୍ତି। ନିକଟରେ ଅର୍ଥବିଭାଗ ଦାୟିତ୍ୱରେ ଥିବା ମୁଖ୍ୟମନ୍ତ୍ରୀ ବଜେଟ୍ ଆଗତ କରିଛନ୍ତି। ବୋନସ୍‌ର ସ୍ଥାୟିତ୍ୱ ଓ କେନ୍ଦ୍ର ଆଭିମୁଖ୍ୟ ନେଇ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରନ୍ତୁ ବୋଲି ବିଜେଡି ଦାବି କରିଛି। କଂଗ୍ରେସ ଅଭିଯୋଗ କରିଛି, ରାଜ୍ୟ ସରକାରଙ୍କ ବୋନସ୍ ଦେବା ବ୍ୟବସ୍ଥା ଚାଷୀଙ୍କୁ ତୁଷ୍ଟିକରଣ କରିବାକୁ ଉଦ୍ଦିଷ୍ଟ। ଏଥିରେ ଚାଷୀର ଅଭାବ ଦୂର ହେବନି। କଂଗ୍ରେସ ପ୍ରଥମରୁ ଦାବି କରିଆସିଛି ଏମ୍‌ଏସ୍‌ପି ବୃଦ୍ଧି କରିବା ପାଇଁ। ହେଲେ କେନ୍ଦ୍ର ସରକାର ଅଣଦେଖା କରିଚାଲିଛନ୍ତି। ଅତୀତରେ ଓଡ଼ିଶା ବିଧାନସଭାରେ ସର୍ବସମ୍ମତିକ୍ରମେ ଧାନର ଏମ୍‌ଏସ୍‌ପି ତତ୍କାଳୀନ ଉତ୍ପାଦନ ଖର୍ଚ୍ଚକୁ ବିଚାର କରି ୨୯୩୦ ଟଙ୍କା କରିବାକୁ ସଂକଳ୍ପ ପାରିତ ହୋଇଥିଲା। ଏବର ରାଜ୍ୟ କୃଷି ମନ୍ତ୍ରୀ ସେତେବେଳେ ବି ଗୃହର ସଦସ୍ୟ ଥାଇ ସଂକଳ୍ପ କରିଥିଲେ। ହେଲେ ପରବର୍ତ୍ତୀ ଅବସ୍ଥାରେ ସେ ଦାବିର ଭାଗ୍ୟ କଣ ହେଲା ସମସ୍ତେ ଜାଣନ୍ତି। ବାସ୍ତବରେ ସ୍ୱାମୀନାଥନ୍ କମିଟି ସୁପାରିଶ ଆଧାରରେ ଏମ୍‌ଏସ୍‌ପି ବୃଦ୍ଧି ହେଉନି। କେନ୍ଦ୍ର ସରକାରଙ୍କ ଉଇଉଚଙ୍କ ସୁପାରିଶ ଆଧାରରେ ଏମ୍‌ଏସ୍‌ପି ଧାର୍ଯ୍ୟ ହୋଇଥାଏ। ଏବେ ଯେତେବେଳେ ବୋନସ୍‌କୁ ନେଇ ଉଇଉଚ ମନା କରୁଛନ୍ତି ସେତେବେଳେ ବୋନସ୍ ଦେଇ ଚାଷୀଙ୍କୁ ସରକାରଙ୍କ ଦୟା ଉପରେ ନିର୍ଭର କରିବାକୁ ଦିଆ ନଯାଉ। ଏମ୍‌ଏସ୍‌ପି ବୃଦ୍ଧି କରିବା ସହିତ ଆଇନଗତ ମାନ୍ୟତା ଦିଆଯାଉ।

କ୍ଷୀର ପ୍ଲାଣ୍ଟ ପରିଦର୍ଶନ କଲେ ଖାଦ୍ୟଯୋଗାଣ ମନ୍ତ୍ରୀ



ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

ରାଜ୍ୟ ଖାଦ୍ୟଯୋଗାଣ ଏବଂ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ନିମାପଡା ଗସ୍ତ କରିଛନ୍ତି। ଏହି ଗସ୍ତ ସମୟରେ ଗୋପସ୍ଥିତ 'ମିଲ୍‌କି ମୁ' କ୍ଷୀର ପ୍ଲାଣ୍ଟରେ ଅଚାନକ ପରିଦର୍ଶନ କରିବା ସହ ମନ୍ତ୍ରୀ ଶ୍ରୀ ପାତ୍ର ଏଠାରେ ବ୍ୟବହୃତ କ୍ଷୀରର ମାନ ଯାଞ୍ଚ କରିଛନ୍ତି। କ୍ଷୀର ଓ ଏଥିରୁ ପ୍ରସ୍ତୁତ ଉତ୍ପାଦର ଗୁଣବତ୍ତା ଓ ନିର୍ଦ୍ଧାରିତ ମୂଲ୍ୟ ଦେବାରେ ଅନିୟମିତତା ସମ୍ପର୍କରେ କୃଷକ ସମାଜର ପ୍ରତିନିଧି, କ୍ଷୀର ବ୍ୟବସାୟୀ ଏବଂ ସ୍ଥାନୀୟ ଜନସାଧାରଣଙ୍କ ଅଭିଯୋଗକୁ ଭିତ୍ତିକରି ମନ୍ତ୍ରୀ ଶ୍ରୀ ପାତ୍ର ଏହି ପ୍ଲାଣ୍ଟକୁ ଅଚାନକ ପରିଦର୍ଶନ କରିଛନ୍ତି। ଏଥିସହ ପ୍ଲାଣ୍ଟ ପରିସରରେ ସ୍ୱଚ୍ଛତା ଓ ଗୁଣବତ୍ତା ଭଳି ଆବଶ୍ୟକୀୟ ମାନଦଣ୍ଡ ଅନୁସରଣରେ ବିଭିନ୍ନ କ୍ଷୀର ଉତ୍ପାଦ ପ୍ରସ୍ତୁତି ହେଉଛି ନା ନାହିଁ ଏସମ୍ପର୍କରେ ମଧ୍ୟ ସେ ଯାଞ୍ଚ କରିଥିଲେ। ନିଜ ସହ ଥିବା ବିଭାଗୀୟ ଅଧିକାରୀ ପ୍ରମୁଖ ମନ୍ତ୍ରୀଙ୍କୁ ସହଯୋଗ କରିବା ସହିତ ପ୍ଲାଣ୍ଟ ପରିସରସ୍ଥିତ କାର୍ଯ୍ୟାଳୟରେ ବିଭିନ୍ନ ରେକର୍ଡ ପତ୍ର ମଧ୍ୟ ଦେଖିଥିଲେ।

ପୂର୍ବ ତଟ ରେଳପଥ

ଟେଣ୍ଡର ସଂ. 21-KUR-TRD-OT-2024-25

କାର୍ଯ୍ୟର ନାମ : ବାରଙ୍ଗ-କଟକ ସେକ୍‌ସନରେ ବ୍ରିଜ ସଂଖ୍ୟା 553 DN (କାଠଯୋଡ଼ି ବ୍ରିଜ) ଓ 550 DN ଏବଂ କେନ୍ଦ୍ରାପଡ଼ା ରୋଡ-ନିର୍ଗୁଣ୍ଡି ସେକ୍‌ସନରେ 539 DN (ବିରୂପା ବ୍ରିଜ) ଓ ବ୍ରିଜ ସଂଖ୍ୟା 535A UP ଏବଂ DNରେ H-ବିମ୍ ସ୍ଲିପରର ପ୍ରସ୍ତାବିତ ନବୀକରଣ ସମ୍ବନ୍ଧରେ OHE ପରିବର୍ତ୍ତନ।

ବିଜ୍ଞାପିତ ମୂଲ୍ୟ (ଟଙ୍କାରେ): 32,12,022.40, EMD (ଟଙ୍କାରେ) : 64,300.00, ଶେଷ ହେବା ଅବଧି : 180 ଦିନ।

ବିଡ୍ ଆରମ୍ଭ ହେବା ତାରିଖ : ତା.30.07.2024ରିଖ,

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.13.08.2024 ରିଖ 1300 ଘଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ। ଟେଣ୍ଡର ନଥିପତ୍ର ସହିତ ସଂପୂର୍ଣ୍ଣ ବିବରଣୀ ୱେବ୍‌ସାଇଟ୍ http://www.ireps.gov.inରେ ଉପଲବ୍ଧ ହେବ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ୍

PR-353/P/24-25

କମିଶନରେଟ ପୋଲିସ ହାତରେ ବାଓ୍ୱରିୟା ଗ୍ୟାଙ୍ଗ

ଭୁବନେଶ୍ୱର, ନ୍ୟୁଜ ବ୍ୟୁରୋ

କମିଶନରେଟ ପୋଲିସ ହାତରେ ବାଓ୍ୱରିୟା ଗ୍ୟାଙ୍ଗ। ବାଇକରେ ଆସି ରାସ୍ତାରୁ ଚେନ ଝାମ୍ପି ଫେରାର ହୋଇଯାଉଥିଲେ ଏହି ଗ୍ୟାଙ୍ଗ। ସାରା ଦେଶରେ ବୁଲି ବୁଲି ଏମାନେ ଲୁଟ କରୁଛନ୍ତି ଆଉ ଟ୍ରେନରେ ଫେରାର ହୋଇଯାଉଛନ୍ତି। ଯେଉଁ ସହରକୁ ଯାଉଥିଲେ ସେଠି ଆଗ ଏକ ବାଇକ୍ ଚୋରି କରୁଥିଲେ। ପରେ ଚୋରି ବାଇକରେ ଚେନ ଲୁଟୁଥିଲେ। କିଛି ଦିନ ଲୁଟପାଟ ପରେ ସେହି ସହରରୁ ଫେରାର ହୋଇ ଯାଉଥିଲେ ଏହି ଗ୍ୟାଙ୍ଗ। ଏହି ଗ୍ୟାଙ୍ଗର ମୁଖ୍ୟ କୁଖ୍ୟାତ ଲୁଟେରା ଉତ୍ତର ପ୍ରଦେଶ କାନପୁରର ରାମ କୁମାର। ଏହି କୁଖ୍ୟାତ ଲୁଟେରାକୁ ଗିରଫ କରିଛି କମିଶନରେଟ ପୋଲିସର ସ୍ପେଶାଲ ସ୍କ୍ୱାଡ୍। ତା' ନିକଟରୁ ୨ଟି ସୁନା ଚେନ ସହ ଗୋଟିଏ ଚୋରା ବାଇକ ଜବତ ହୋଇଛି। ସେହିଭଳି ଆଉ ଦୁଇଜଣ କୁଖ୍ୟାତ ଲୁଟେରା କଟକ ସଦର ଅଞ୍ଚଳର ଆକାଶ ସାମଲ ଓ ବିଡାନାସୀ ଅଞ୍ଚଳର ସିତଲ ବେହେରାକୁ ସ୍ପେସାଲ ସ୍କ୍ୱାର୍ଡ ଗିରଫ କରିଛି। ଏମାନଙ୍କ ନିକଟରୁ ୨ଟି ସୁନା ଚେନ ଜବତ କରାଯାଇଛି।

ଭୁବନେଶ୍ୱର
୨୯ ଜୁଲାଇ
ସୋମବାର, ୨୦୨୪

RNI Regd. No. : 52640/94
Postal Regd. No. :
BN/60/22-24

ଭୁବନେଶ୍ୱର : ଶ୍ରାବଣର ଦ୍ୱିତୀୟ ପାଳିରେ କୁଆଖାଇ ନଦୀ ପଠାରୁ ପାଣି ଉଠାଇ ମହାଦେବଙ୍କ ମନ୍ଦିର ଅଭିମୁଖେ କାଉଡିଆମାନେ। (ଫଟୋ : ସମ୍ବାଦ କଳିକା)

ଡିସେମ୍ବର ଶେଷ ସୁଦ୍ଧା ସରିବ ରାମ ମନ୍ଦିର ନିର୍ମାଣ କାର୍ଯ୍ୟ

ଲକ୍ଷ୍ନୌ, ୨୮/୭

ରାମ ଜନ୍ମଭୂମି ଅଯୋଧ୍ୟାରେ ପ୍ରଭୁ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହୋଇସାରିଥିଲେ ସୁଦ୍ଧା ମନ୍ଦିର ନିର୍ମାଣ କାର୍ଯ୍ୟ ଜାରି ରହିଛି । ଚଳିତବର୍ଷ ଜାନୁଆରୀ ୨୨ ତାରିଖରେ ମନ୍ଦିରର ଗର୍ଭଗୃହରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା । ତେବେ ଖୁବ୍‌ଶୀଘ୍ର ସମ୍ପୂର୍ଣ୍ଣ ମନ୍ଦିର ନିର୍ମାଣ କାର୍ଯ୍ୟ ଶେଷ ହେବାକୁ ଯାଉଛି। ଚଳିତବର୍ଷ ଡିସେମ୍ବର ଶେଷ ସୁଦ୍ଧା ନିର୍ମାଣ କାର୍ଯ୍ୟ ଶେଷ କରିବାକୁ ଲକ୍ଷ୍ୟ ରଖାଯାଇଥିବା କହିଛନ୍ତି ନିର୍ମାଣ କମିଟି ମୁଖ୍ୟ ନୃପେନ୍ଦ୍ର ମିଶ୍ର । ରାମ ମନ୍ଦିର ପରିସରରେ ମୋଟ ୫ଟି ଶିଖର ରହିବ । ସେଥିମଧ୍ୟରୁ ମୁଖ୍ୟ ମନ୍ଦିରକୁ ବାଦ ଦେଲେ ତିନି ଶିଖର ନିର୍ମାଣ କାର୍ଯ୍ୟ ଶେଷ ହୋଇ ସାରିଛି । ମନ୍ଦିରର ୫ଟି ମଣ୍ଡପ ଓ ଗର୍ଭଗୃହ କାର୍ଯ୍ୟ ଶେଷ ହୋଇ ରତ୍ନ ସିଂହାସନରେ ପ୍ରଭୁ ରାମଲାଲାଙ୍କ ସଂସ୍ଥାପନ ସରିଛି । ମାତ୍ର ମୁଖ୍ୟ ମନ୍ଦିରର ଶିଖର ବା ଚୂଡ଼ା ନିର୍ମାଣ କାର୍ଯ୍ୟ ଜାରି ରହିଛି । ମୁଖ୍ୟ ମନ୍ଦିରର ଉଚ୍ଚତା ୧୬୧ ଫୁଟ୍ ନିର୍ଦ୍ଧାରିତ

କରାଯାଇଛି ଯାହା ଏବେ ନିର୍ମାଣାଧୀନ ରହିଛି। ଜାନୁଆରୀ ୨୨ ତାରିଖରେ ପ୍ରାଣପ୍ରତିଷ୍ଠା ପରେ ଏବେ ରାମଲାଲାଙ୍କ ପୂଜାର୍ଚ୍ଚନା ଓ ସାଧାରଣ ଶ୍ରଦ୍ଧାଳୁଙ୍କ ଦର୍ଶନ ସହ ସମାନ୍ତରଳ ଭାବେ ନିର୍ମାଣ କାମ ମଧ୍ୟ ଜାରି ରହିଛି । ଜାନୁଆରୀ ୨୨ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଦ୍ୱାରା ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ହୋଇଥିଲା । ଏଥିରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମୁଖ୍ୟ କର୍ତ୍ତା ଭାବେ ଅଂଶଗ୍ରହଣ କରିଥିଲେ । ସଂଘ ପ୍ରମୁଖ ଡ.ମୋହନ ଭାଗବତ ମଧ୍ୟ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ। ତମାମ ବିଶ୍ୱବ୍ୟାପୀ ସାଧୁସନ୍ଥ ଓ ବିଭିନ୍ନ ଧର୍ମର ବିଶିଷ୍ଟ ବ୍ୟକ୍ତିବିଶେଷ ଏହି ଭବ୍ୟ କାର୍ଯ୍ୟକ୍ରମକୁ ନିମନ୍ତ୍ରିତ ହୋଇଆସିଥିଲେ । କେବଳ ନିମନ୍ତ୍ରିତ ସାଧୁସନ୍ଥ ଓ ସେଲିବ୍ରିଟିଙ୍କ ଗହଣରେ ରାମଲାଲାଙ୍କ ପ୍ରାଣ ପ୍ରତିଷ୍ଠା ସମାପନ ହୋଇଥିଲା । ଏହାପରଠାରୁ ସାଧାରଣ ଦର୍ଶନ ଜାରି ରହିଛି । ସେତେବେଳେ ଏହି ପ୍ରତିଷ୍ଠାକୁ ନେଇ ବିବାଦ ମଧ୍ୟ ଦେଖାଯାଇଥିଲା । ମନ୍ଦିର ନିର୍ମାଣ ଶେଷ ହୋଇନଥିବାରୁ କାହିଁକି ଏହାକୁ ପ୍ରତିଷ୍ଠା କରାଯାଉଛି ବୋଲି ପ୍ରଶ୍ନ ସୃଷ୍ଟି ହୋଇଥିଲା । ଏହାକୁ ପ୍ରଥମେ ୪ ଆଦିପୀଠର ଶଙ୍କରାଚାର୍ଯ୍ୟମାନେ ବିରୋଧ କରିଥିଲେ । ପରେ ଏହା ରାଜନୈତିକ ବିତର୍କର ପ୍ରସଙ୍ଗ ହୋଇଯାଇଥିଲା । ବିରୋଧୀ ଦଳ କଂଗ୍ରେସ ଏହାକୁ ରାଜନୈତିକ ସମାବେଶ ସଦୃଶ ଆୟୋଜନ କରାଯାଉଥିବା ଦର୍ଶାଇ ନିମନ୍ତ୍ରଣ ହୋଇଥିଲେ ସୁଦ୍ଧା ବର୍ଜନ କରିଥିଲା । ନିର୍ବାଚନ ପୂର୍ବରୁ ଏହାକୁ ତରବରିଆ ଭାବେ ରାଜନୈତିକ ଲାଭ ପାଇବା ପାଇଁ ମୋଦି ସରକାର ପ୍ରତିଷ୍ଠା କରିଥିବା ଏକାଧିକ ବିରୋଧୀ ଦଳ ଅଭିଯୋଗ କରିଥିଲେ । ଏବେ ଏହି ମନ୍ଦିରର ନିର୍ମାଣ କାର୍ଯ୍ୟ ଜାରି ରହୁଥିବା ବେଳେ ଏହା ଚଳିତବର୍ଷ ଶେଷ ସୁଦ୍ଧା ଶେଷ ହେବା ନେଇ ନିର୍ମାଣ କମିଟି ମୁଖ୍ୟ କହିଛନ୍ତି ।

ବିଶ୍ୱଭୂଷଣଙ୍କ ସମେତ ଅନେକ ବରିଷ୍ଠ ବିଜେପି ନେତାଙ୍କ ରାଜନୈତିକ ଇନିଂସ ଶେଷ

ନୂଆଦିଲ୍ଲୀ, ୨୮/୭

ବିଜେପି ଦ୍ୱାରା ନୂତନ ରାଜ୍ୟପାଳ ନିଯୁକ୍ତ ହୋଇଛନ୍ତି ଏବଂ ଏହା ସହ ବହୁ ବରିଷ୍ଠ ନେତାଙ୍କ ରାଜନୀତିର ସକ୍ରିୟ ଇନିଂସ ମଧ୍ୟ ଶେଷ ହୋଇଛି । ବାସ୍ତବରେ, ଓମ୍ ମାଥୁର ଏବଂ ସନ୍ତୋଷ ଗାଙ୍ଗୱାରଙ୍କୁ ନୂତନ ରାଜ୍ୟପାଳ କରାଯାଇଛି । ଓମ୍ ମାଥୁରଙ୍କୁ ସିକ୍କିମର ରାଜ୍ୟପାଳ କରାଯାଇଛି । ସନ୍ତୋଷ ଗାଙ୍ଗୱାରଙ୍କୁ ଝାଡଖଣ୍ଡର ରାଜ୍ୟପାଳ ଦାୟିତ୍ୱ ଦିଆଯାଇଛି । ଏଥି ସହିତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବିଶ୍ୱସ୍ତ କେ.କୈଳାସନାଥନଙ୍କୁ ପୁଡୁଚେରୀର ଉପରାଜ୍ୟପାଳ କରାଯାଇଛି । ବନୱାରିଲାଲ ପୁରୋହିତଙ୍କ ସମେତ ଅବସର ନେଇଥିବା ରାଜ୍ୟପାଳଙ୍କ ମଧ୍ୟରେ ମହାରାଷ୍ଟ୍ରର ରମେଶ ବେସ୍, ରାଜସ୍ଥାନର କଲରାଜ ମିଶ୍ର, ଛତିଶଗଡର ବିଶ୍ୱଭୂଷଣ ହରିଚନ୍ଦନ, ମଣିପୁରର ଅନୁସୁୟା ଉଇକେ ଅନ୍ତର୍ଭୁକ୍ତ । ରାଜପାଳଙ୍କ କାର୍ଯ୍ୟକାଳ ଶେଷ ହେବା ସହିତ କିଛି ବରିଷ୍ଠ ବିଜେପି ନେତାଙ୍କ ରାଜନୈତିକ ଇନିଂସ ମଧ୍ୟ ଶେଷ ହୋଇଛି । ସେମାନଙ୍କ ମଧ୍ୟରେ ବନୱାରିଲାଲ ପୁରୋହିତ, ରମେଶ ବେସ୍, କଲରାଜ ମିଶ୍ର ଏବଂ ବିଶ୍ୱଭୂଷଣ ହରିଚନ୍ଦନ ରହିଛନ୍ତି । ବିଶ୍ୱଭୂଷଣ ହରିଚନ୍ଦନ ୪ଥର ଓଡ଼ିଶା ସରକାରରେ ମନ୍ତ୍ରୀ ରହିଥିଲେ । ସେ ୧୯୭୭, ୧୯୯୦, ୨୦୦୦ରେ ଏବଂ ପରେ ୨୦୦୪ରୁ ୨୦୦୯ ମଧ୍ୟରେ ରାଜ୍ୟମନ୍ତ୍ରୀ ରହିଥିଲେ । ମନ୍ତ୍ରୀ ଥିବା ସମୟରେ ସେ



ଆଇନ, ରାଜସ୍ୱ, ଗ୍ରାମୀଣ ବିକାଶ, ଖାଦ୍ୟ ଏବଂ ଯୋଗାଣ, ଗୃହ, ଶ୍ରମ ଏବଂ ରୋଜଗାର, ଉତ୍ସ ବିକାଶ ବିଭାଗ, ସାଂସ୍କୃତିକ ବ୍ୟାପାର, ମତ୍ସ୍ୟ ଏବଂ ପଶୁପାଳନ ଇତ୍ୟାଦି ଗୁରୁତ୍ୱପୂର୍ଣ୍ଣ ବିଭାଗ ପରିଚାଳନା କରିଥିଲେ । ବନୱାରିଲାଲ ପୁରୋହିତ ଜଣେ ବରିଷ୍ଠ ରାଜନୈତିକ ବ୍ୟକ୍ତିତ୍ୱ । ସେ ଗତ ଚାରି ଦଶନ୍ଧି ଧରି ମୁଖ୍ୟତଃ ଜନସମ୍ପର୍କ ସୃଷ୍ଟି କରିଛନ୍ତି । ବନୱାରିଲାଲ ପୁରୋହିତ ନାଗପୁରର ତିନିଥର ଲୋକସଭା ସଦସ୍ୟ ରହିଛନ୍ତି ଏବଂ କେନ୍ଦ୍ରୀୟ ଭାରତର ସର୍ବ ପୁରାତନ ତଥା ବହୁଚର୍ଚ୍ଚିତ ଇଂରାଜୀ ଦୈନିକ 'ହିତବାଦ'ର ପରିଚାଳନା ସମ୍ପାଦକ ଭାବରେ କାର୍ଯ୍ୟ କରିଛନ୍ତି । କଲରାଜ ମିଶ୍ର ଏହା ପୂର୍ବରୁ ହିମାଚଳ ପ୍ରଦେଶର ରାଜ୍ୟପାଳ ଏବଂ ଷୋଡଶ ଲୋକସଭାରେ ମାଇକ୍ରୋ ଏବଂ କ୍ଷୁଦ୍ର ଶିଳ୍ପ ମନ୍ତ୍ରୀ ରହିଥିଲେ । ମଧ୍ୟପ୍ରଦେଶ ତଥା ଆଜିର ଛତିଶଗଡ ତଥା ଜାତୀୟ ରାଜନୀତିରେ ରମେଶ ବେସ୍ ବେଶ୍ ପରିଚତି ହାସଲ କରି ପାରିଛନ୍ତି । ସେ ସାଧାରଣ ଜୀବନରେ କାଉନସିଲର ଠାରୁ ଆରମ୍ଭ କରି କେନ୍ଦ୍ରମନ୍ତ୍ରୀ ତଥା ରାଜ୍ୟପାଳ ପର୍ଯ୍ୟନ୍ତ ବିଭିନ୍ନ ଦାୟିତ୍ୱ ଗ୍ରହଣ କରିଛନ୍ତି । ଏହା ସହିତ, ଅନ୍ୟ କିଛି ରାଜ୍ୟପାଳ ଅଛନ୍ତି, ଯେଉଁମାନଙ୍କର କାର୍ଯ୍ୟକାଳ ସମାପ୍ତ ହେଉଛି କିମ୍ବା ଶୀଘ୍ର ଶେଷ ହେବାକୁ ଯାଉଛି । ଏଭଳି ପରିସ୍ଥିତିରେ ସେମାନଙ୍କ ସ୍ଥାନରେ ନୂତନ ରାଜ୍ୟପାଳ ନିଯୁକ୍ତ କରାଯିବ । ଉତ୍ତରପ୍ରଦେଶ ରାଜ୍ୟପାଳ ଆନନ୍ଦୀ ବେନ ପଟେଲଙ୍କ କାର୍ଯ୍ୟକାଳ ଜୁଲାଇ ୨୯ ରେ ଶେଷ ହେବ । ଗୁଜୁରାଟ ରାଜ୍ୟପାଳ ଆଚାର୍ଯ୍ୟ ଦେବବ୍ରତଙ୍କ କାର୍ଯ୍ୟକାଳ ଜୁଲାଇ ୨୨ରେ ଶେଷ ହୋଇଥିଲା । କେରଳ ରାଜ୍ୟପାଳ ଆରିଫ ମହମ୍ମଦ ଖାନଙ୍କ କାର୍ଯ୍ୟକାଳ ୬ ସେପ୍ଟେମ୍ବରରେ ଶେଷ ହେବାକୁ ଯାଉଛି । ସେପ୍ଟେମ୍ବର ୧୧ରେ ହରିୟାଣା ରାଜ୍ୟପାଳ ବୃନ୍ଦାବନ ଦତ୍ତାତ୍ରେୟଙ୍କ କାର୍ଯ୍ୟକାଳ ଶେଷ ହେବ ।

ଫଳରୁ ବ୍ୟାପୁଛି ନିପା ଭୂତାଣୁ

ଭୁବନେଶ୍ୱର, ୨୮/୭ ନ୍ୟୁଜ ବ୍ୟୁରୋ

ବର୍ତ୍ତମାନ ସାରା ବିଶ୍ୱରେ ନିପା ଭୂତାଣୁ ଲୋକଙ୍କୁ ଆତଙ୍କିତ କରିଛି । ଏହି ଭୂତାଣୁରେ ସଂକ୍ରମିତଙ୍କ ମୃତ୍ୟୁ ହାର ଅଧିକ ରହୁଥିବାରୁ ଚିନ୍ତାର ବିଷୟ ପାଲଟିଛି । ବାଦୁଡ଼ିଙ୍କଠାରୁ ଏହି ଭୂତାଣୁ ମଣିଷ ଶରୀରକୁ ବ୍ୟାପୁଛି । ଭାରତରେ ବି ନିପା ଭୂତାଣୁ ଆତଙ୍କ ଖେଳାଇଛି । କେରଳରେ ଏହି ଭୂତାଣୁ ଯୋଗୁ ୬୦ରୁ ଅଧିକ ଲୋକ ଆକ୍ରାନ୍ତ ହୋଇସାରିଛନ୍ତି । ନିକଟରେ କେରଳ ମାଲାପୁରମର ଜଣେ ୧୪ ବର୍ଷୀୟ ବାଳକର ମୃତ୍ୟୁ ଘଟିଛି । ତେବେ ଏହି ବାଳକର ମୃତ୍ୟୁ ପରେ ନୂଆ ତଥ୍ୟ ପଦାକୁ ଆସିଛି । ଏକ ଫଳ(ହଗ୍ ପ୍ଲମ୍ ଫ୍ରୁଟ୍)ରୁ ବାଳକଟି ନିପା ଭୂତାଣୁରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି । ଏହା ସାମ୍ନାକୁ ଆସିବା ପରେ କେରଳରେ ଏବେ ଫଳ ଖାଇବାକୁ ନେଇ ଲୋକଙ୍କ ମଧ୍ୟରେ ଭୟ

ଦେଖିବାକୁ ମିଳିଛି । ଗଛରେ ଫଳ ପାଚିବା ସମୟରେ ବାଦୁଡ଼ିମାନେ ତାହାକୁ ଖଣ୍ଡିଆ କରିଦେଇଥାଆନ୍ତି । ଯେହେତୁ ବାଦୁଡ଼ିଙ୍କଠାରୁ ନିପା ଭୂତାଣୁ ବ୍ୟାପୁଛି, ତେଣୁ ଫଳ ବି ଏହି ଭୂତାଣୁ ଦ୍ୱାରା ସଂକ୍ରମିତ ହେଉଛି । ସେହି ଫଳକୁ ଖାଇଲେ ମଣିଷ ଏହି ମାରାତ୍ମକ ଭୂତାଣୁରେ ସଂକ୍ରମିତ ହେଉଛନ୍ତି । ପୁନେସ୍ଥିତ ନ୍ୟାସନାଲ ଇନଷ୍ଟିଚ୍ୟୁଟ ଅଫ ଭାଇରୋଲୋଜି (ଏନଆଇଭି) ଦ୍ୱାରା ନିକଟରେ ହୋଇଥିବା ଏକ ଅଧ୍ୟୟନରୁ ଜଣାପଡ଼ିଛି । କେରଳର କୋଝିକୋଡରୁ ଏନଆଇଭି ପକ୍ଷରୁ ସଂଗୃହୀତ କିଛି ଫଳରୁ ନିପା ଭୂତାଣୁ ଠାବ ହୋଇଛି । ବାଦୁଡ଼ି ଏହାର ଲାଳ, ପରିସ୍ରା ଏବଂ ମଳ ଦ୍ୱାରା ବାହାରକୁ ଭୂତାଣୁ ଛାଡ଼ିଥାଏ । ଫଳଗୁଡ଼ିକ ଏସବୁ ସଂସ୍ପର୍ଶରେ ଆସିଲେ ଭୂତାଣୁ ସଂକ୍ରମିତ ହୋଇଥାଏ । ଯେଉଁ ଲୋକମାନେ ଉକ୍ତ ଫଳକୁ ଖାଇବେ ସେମାନେ ବି ଭୂତାଣୁ ଦ୍ୱାରା ସଂକ୍ରମିତ ହେବେ ବୋଲି କୁହାଯାଇଛି ।

୧୩ କ୍ୱିଣ୍ଟାଲ ଗଞ୍ଜେଇ ଜବତ : ୩ଅଟକ

ବଲାଙ୍ଗିର, ୨୮/୭ ନ୍ୟୁଜ ବ୍ୟୁରୋ

ଦିନକୁ ଦିନ ବଲାଙ୍ଗିର ଲାଠୋର ଥାନା ଅଞ୍ଚଳରେ ଗଞ୍ଜେଇ ଚୋରାଚାଲାଣ ବଢ଼ୁଛି । ରବିବାର ଲାଠୋର ପୋଲିସ ଖଡିଆର ରୋଡ୍ ରାସ୍ତାରେ ଥିବା ମସିଣା ଛକ ଠାରୁ ୧୩ କ୍ୱିଣ୍ଟାଲ ୧୯ କେଜି ଗଞ୍ଜେଇ ଜବତ କରିବା ସହ ୩ଜଣଙ୍କୁ ଅଟକ ରଖିଛି । ବଲାଙ୍ଗୀର ଜିଲ୍ଲା ଲାଠୋର ଥାନା ଅନ୍ତର୍ଗତ ୫ଲିଆଲିଟି ଛକ ନିକଟରେ ପୋଲିସ ପାଟ୍ରୋଲିଂ ସମୟରେ କନ୍ଧମାଳରୁ ନୂଆପଡା ଜିଲ୍ଲାର କୋମନାକୁ ଗଞ୍ଜେଇ ଚାଲାଣ ହେଉଥିବା ଲାଠୋର ଥାନାଧିକାରୀ ରାକେଶ ବେହେରା ଖବର ପାଇଥିଲେ । ଖବର ପାଇ ସଙ୍ଗେ ସଙ୍ଗେ ଏକ ଟିମ୍ ଗଠନ କରି ଚଢ଼ଉ କରାଯାଇ ୧୩ କ୍ୱିଣ୍ଟାଲ ୧୯କେଜି ଗଞ୍ଜେଇ ସହ ଗୋଟିଏ ପିକ୍‌ଅପ ଭ୍ୟାନ ଓ ଦୁଇଟି ବାଇକକୁ ଜବତ କରିଛି । କିନ୍ତୁ ଚଢ଼ଉ ବେଳେ ପିକ୍‌ଅପ୍ ଗାଡିର ଡ୍ରାଇଭର ଘଟଣା ସ୍ଥଳରୁ ଫେରାର ହୋଇ ଯାଇଥିବା ସୂଚନା ମିଳିଛି । ବର୍ତ୍ତମାନ ଲାଠୋର ପୋଲିସ ଘଟଣାର ଅଧିକ ତଦନ୍ତ ଜାରି ରଖିଛନ୍ତି ।

ମୈତ୍ରେୟୀ ଲେଖିକା ସଂଗଠନର ତୃତୀୟ ବାର୍ଷିକ ଉତ୍ସବ ଓ ପତ୍ରିକା ଉନ୍ମୋଚନ

ଭାରତୀୟ ସାହିତ୍ୟରେ ଓଡ଼ିଆ ସାହିତ୍ୟ ତା'ର ସ୍ଥିତି ଖୁବ୍ ସୁଦୃଢ଼ କରିଛି

ଭୁବନେଶ୍ୱର, ୨୮/୭ ନ୍ୟୁଜ ବ୍ୟୁରୋ

ରବିବାର ସକାଳ ୧୦ ଟାରେ ଭାରତୀୟ ବିଦ୍ୟାଭବନରେ ମୈତ୍ରେୟୀ ଲେଖିକା ସଂଗଠନର ତୃତୀୟ ବାର୍ଷିକ ଉତ୍ସବ ଏବଂ ପତ୍ରିକା ଉନ୍ମୋଚନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ସଭାରେ ସମ୍ମାନିତ ଅତିଥିଭାବେ ଓଡ଼ିଆ ଭାଷା, ସାହିତ୍ୟ, ସଂସ୍କୃତିର ନିର୍ଦ୍ଦେଶକ ଦିଲୀପ ରାଉତରାଏ ଯୋଗ ଦେଇ ଭାରତୀୟ ସାହିତ୍ୟରେ ଓଡ଼ିଆ ସାହିତ୍ୟର ସ୍ଥିତି ପରି ଏକ ଗମ୍ଭିର ବିଷୟକୁ ଖୁବ୍ ସୁନ୍ଦର ବିଶ୍ଳେଷଣ କରି କହିଲେ ଓଡ଼ିଆ ସାହିତ୍ୟ ସବୁ ଦିଗରୁ ସମୃଦ୍ଧ ଏବଂ ଭାରତୀୟ ସାହିତ୍ୟରେ ତାର ସ୍ଥିତି ଖୁବ୍ ସୁଦୃଢ଼ କରିପାରିଛି । ଦେଶରେ ୬ଷ୍ଠ ଭାଷା ହିସାବରେ ଶାସ୍ତ୍ରୀୟ ମାନ୍ୟତା ପାଇବା ହିଁ ଏହାର ପ୍ରମାଣ । ଆମ ଭାଷା ଅତ୍ୟନ୍ତ ଉଚ୍ଚକୋଟୀର । ସେହିପରି ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ବିଶିଷ୍ଟ ସାହିତ୍ୟିକା ସଂଘମିତ୍ରା ମିଶ୍ର କହିଲେ ଓଡ଼ିଆ ସାହିତ୍ୟ ନିଜର ସ୍ଥିତିକୁ ଆହୁରି ଦୃଢ଼ କରିବା ଆବଶ୍ୟକ, ଏଥିପାଇଁ ଓଡ଼ିଆ ସାହିତ୍ୟର ଉଚ୍ଚକୋଟୀର ଲେଖା ସବୁ ବିଭିନ୍ନ ଭାଷାରେ ଅନୁବାଦ ହୋଇ ଲୋକଲୋଚନକୁ ଆସିବା ଆବଶ୍ୟକ ବୋଲି କହିଲେ । ସେହିପରି ଅନ୍ୟତମ ସମ୍ମାନିତ ଅତିଥି ଭାବେ ଯୋଗଦେଇ ବିଶିଷ୍ଟ ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନ କହିଲେ ଯେ

ଓଡ଼ିଆ ଭାଷାର ଲେଖା ଅତ୍ୟନ୍ତ ଉଚ୍ଚକୋଟୀର ମାତ୍ର ତାହା ପାଠକଙ୍କ ନିକଟରେ ପହଞ୍ଚିବା ସମ୍ଭବ ହୋଇପାରୁନାହିଁ । ଯାହାର ସମ୍ବଳ ଅଛି ସେ ନିଜ ଖର୍ଚ୍ଚରୁ ଅନୁବାଦ କରାଉଛି, ଅନ୍ୟମାନଙ୍କର ଅନୁବାଦ ହୋଇପାରୁନାହିଁ ଯାହା ଫଳରେ ଉଚ୍ଚକୋଟୀର ସାହିତ୍ୟକୁ କେହି ପଢି ପାରୁନାହାନ୍ତି । । ସଭାର ଅନ୍ୟତମ ସମ୍ମାନିତ ଅତିଥି କମଳା ଶତପଥି କହିଲେ ଯେ ଓଡ଼ିଆ ସାହିତ୍ୟ ତା'ର ସ୍ଥାନ ସୁରକ୍ଷିତ ରଖିପାରିଛି । ଅନ୍ୟ ଭାଷାର ସାହିତ୍ୟ ଅତ୍ୟନ୍ତ ସାଧାରଣ ଥିବାବେଳେ ଆମ ସାହିତ୍ୟ ଖୁବ୍ ଆଳଙ୍କାରିକ । ସବୁଠୁ ମଧୁର । ଏହି ସଭାରେ ସଭାପତିତ୍ୱ କରିଥିଲେ ମୈତ୍ରେୟୀ ସଂଗଠନର ସଭାପତି ଡ ସୁଷମା ମିଶ୍ର, ସମ୍ପାଦନା କରିଥିଲେ ଲକ୍ଷ୍ମୀ ଚାନ୍ଦ । ଏହି ସଭାରେ ଲକ୍ଷ୍ମୀ ଚାନ୍ଦଙ୍କ ଫେରି ଆସିଥିବା ପାଦ ଏବଂ ଗାୟତ୍ରୀ ଦାସଙ୍କ ଭୋର କିଶୋରୀ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା ।
ମୈତ୍ରେୟୀ ସଂଗଠନର ସଦସ୍ୟା ମାନେ ଖୁବ୍ ସୁନ୍ଦର ଭାବେ ସମସ୍ତ କାର୍ଯ୍ୟକ୍ରମ ସଂଚାଳନ କରିଥିଲେ । ନିବେଦିତା ନନ୍ଦ ଅତିଥି ପରିଚୟ ଦେଇଥିଲା ବେଳେ ଶ୍ୱେତପଦ୍ମା ପାଢୀ ତ୍ରିପାଠୀ କାର୍ଯ୍ୟକ୍ରମଟିକୁ ସଞ୍ଚାଳନ କରିଥିଲେ । ମୌସୁମୀ ଦାସ, ବିଜନ ବାଳା ପାଟଯୋଷୀ, ଲକ୍ଷ୍ମୀ ପ୍ରିୟା ଓଝା, ସ୍ୱାଗତିକା ସେଠୀ, ରଶ୍ମିରେଖା ବେହେରା, ସସ୍ମିତା ମହାନ୍ତି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ନନ୍ଦିତା ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

ପଶ୍ଚିମବଙ୍ଗରୁ ଆଳୁ ଆସିବା ପ୍ରକ୍ରିୟା ସ୍ୱାଭାବିକ ହୋଇଛି : ଯୋଗାଣ ମନ୍ତ୍ରୀ

ଭୁବନେଶ୍ୱର, ୨୮/୭ ନ୍ୟୁଜ ବ୍ୟୁରୋ

ଆଳୁ ସଙ୍କଟ ନେଇ ଚିନ୍ତାରେ ଖାଉଟି । ଶନିବାର ଠାରୁ ପଶ୍ଚିମବଙ୍ଗରୁ ଆଳୁ ଆମଦାନୀ ପ୍ରକ୍ରିୟା ସ୍ୱାଭାବିକ ହେବା ଘଟଣା ସାମାନ୍ୟ ଆଶ୍ୱସ୍ତି ଦେଇଛି । ରବିବାର କିଛି ବ୍ୟବସାୟୀ ନିଜ ନିଜ ସୁବିଧାରେ କିଛି ଆଳୁ ଆଣି ବଜାରରେ ବିକ୍ରି କରୁଥିବା କୁହାଯାଉଛି । ପଶ୍ଚିମବଙ୍ଗରୁ ଆଳୁ ଆସିବା ପ୍ରକ୍ରିୟା ସ୍ୱାଭାବିକ ହୋଇଥିବା କହିଛନ୍ତି ରାଜ୍ୟ ଯୋଗାଣ ମନ୍ତ୍ରୀ । ଏ ସମ୍ପର୍କରେ ପ୍ରତିକ୍ରିୟା ରଖି ରାଜ୍ୟ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, 'ବଜାରରେ ଆଳୁ ମିଳିଗଲାଣି । ବଜାରରେ ଆଳୁ କିଲୋ ପିଛା ୩୦ରୁ ୩୫ ଟଙ୍କାରେ ବିକ୍ରି ହେଉଛି । ଫଳରେ ଆଳୁ ସଙ୍କଟର ସମାଧାନ କିଛି ମାତ୍ରାରେ ହୋଇଗଲାଣି । ଏ ସଂକ୍ରାନ୍ତରେ ମଧ୍ୟ ଆମ ମୁଖ୍ୟମନ୍ତ୍ରୀ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀଙ୍କ ସହିତ କଥାବାର୍ତ୍ତା ହୋଇଛନ୍ତି । ଏହି ସମସ୍ୟାର ତୁରନ୍ତ ସମାଧାନ ହୋଇଯିବ ବୋଲି ଶ୍ରୀ ପାତ୍ର କହିଛନ୍ତି ।'

ନୃଶଂସ ପୁଅର ଜଘନ୍ୟ କାଣ୍ଡ : ଜମି ପାଇଁ ମା'ଙ୍କୁ ହତ୍ୟା କଲା

ମହେଶତାଲା, ୨୮/୭

ନୃଶଂସ ପୁଅର ଜଘନ୍ୟ ହତ୍ୟାକାଣ୍ଡ । ମାଆକୁ ହତ୍ୟା କଲା ପୁଅ । ହତ୍ୟା କରି ଏକ ପ୍ଲାଷ୍ଟିକ ଜରିରେ ପୁରାଇ ଫିଙ୍ଗିଦେଲା । ମହେଶତାଲା ୧୯ ନମ୍ବର ୱାର୍ଡର ଆକ୍ରା ଜଗନ୍ନାଥ ନଗର ପଶ୍ଚିମ ପୁକୁରପଡା ଅଞ୍ଚଳରେ ଘଟିଛି ଏହି ନୃଶଂସ ଘଟଣା । ସ୍ଥାନୀୟ ଲୋକମାନେ ଅଭିଯୋଗ କରିଛନ୍ତି ଯେ ପୁଅ ଓ ବୋହୂ ତାଙ୍କ ମା'ଙ୍କୁ ହତ୍ୟା କରି ଘରେ ପ୍ଲାଷ୍ଟିକ ମଧ୍ୟରେ ଗୁଡ଼ାଇ ରଖିଥିଲେ । ରକ୍ତ ଜୁଡୁବୁଡୁ ଅବସ୍ଥାରେ ମିଳିଲା ଖଣ୍ଡବିଖଣ୍ଡିତ ମୃତଦେହ । ଗନ୍ଧ ହେବାରୁ ପୋଡଶୀ ଜାଣିପାରିଥିଲେ । ଧିରେ ଧିରେ ଏଇ ଖବର ପୁରା ଅଞ୍ଚଳରେ ନିଆଁ ପରି ବ୍ୟାପିଥିଲା । ଏହାପରେ ମହେଶତାଲା ପୋଲିସ ଖବର ପାଇ ପହଞ୍ଚି ମୃତଦେହ ଉଦ୍ଧାର କରିଥିଲା । ପୁଲିସ ବେହାଲାର ବିଦ୍ୟାସାଗର ଡାକ୍ତରଖାନାକୁ ପଠାଇବା ସହିତ ପୁଅ ଏବଂ ବୋହୂଙ୍କୁ ଗିରଫ କରି ଥାନାକୁ ନେଇଛି । ସୂଚନା ଅନୁଯାୟୀ, ପ୍ରଭା ନାଥ ତାଙ୍କର ଗୋଟିଏ ପୁଅ ଏବଂ ଗୋଟିଏ ଝିଅକୁ ନେଇ ଘରେ ରହୁଥିଲେ । ତାଙ୍କ ପୁଅ ବିଜୟ ନାଥଙ୍କ ବିବାହ ପରେ ଅଶାନ୍ତି ଆରମ୍ଭ ହୋଇଥିଲା । ମା' ଓ ଭଉଣୀକୁ ମାରଧର କରୁଥିଲେ ପୁଅ-ବୋହୂ । ଭଉଣୀ ପଢାରେ ଟଙ୍କା ଖର୍ଚ୍ଚ ହେଉଥିବାରୁ ତାହା ମଧ୍ୟ ଭାଇ ପାଇଁ ମୁଣ୍ଡ ବ୍ୟଥାର ଖବର ପାଲଟିଥିଲା । ଶେଷରେ ଜମି ଜମା ପାଇଁ ମଧ୍ୟ ବିବାଦ ଲାଗି ରହିଥିଲା । ପଡୋଶୀଙ୍କ କହିବାନୁଯାୟୀ ଜମି ପାଇଁ ପୁଅ ମା'ଙ୍କୁ ହତ୍ୟାକରିଥାଇପାରେ । ତେବେ ପୁଲିସ ଘଟଣାର ତଦନ୍ତ କରୁଛି ।

'ମୋ ବସ୍'ରୁ ଲୁଟ୍ କରୁଥିବା ମହିଳା ଗ୍ୟାଙ୍ଗ ଠାବ

ଭୁବନେଶ୍ୱର, ୨୮/୭ ନ୍ୟୁଜ ବ୍ୟୁରୋ

ରାଜଧାନୀରେ ମୋ ବସ୍‌ରୁ ଲୁଟ୍ କରୁଥିବା ମହିଳା ଗ୍ୟାଙ୍ଗ ଗିରଫ ହୋଇଛନ୍ତି । ଛତିଶଗଡ଼ର ୩ ଜଣ ମହିଳାଙ୍କୁ ଗିରଫ କରିଛି ନୟାପଲ୍ଲୀ ଥାନା ପୁଲିସ । ସେମାନଙ୍କ ନିକଟରୁ ୨୩ ହଜାର ଟଙ୍କା ଜବତ ହୋଇଛି । ଗିରଫ ମହିଳାମାନେ ହେଲେ ଛାୟା ପାତ୍ର, ଲତା ସେଣ୍ଡେ ଓ ଉଜ୍ଜଳ ପତ୍ରୀ । ସେମାନଙ୍କ ଘର ରାୟପୁର ଅଞ୍ଚଳରେ । ଜୋନ୍-୫ ଏସିପି ଗୌତମ କିଶନଙ୍କ ସୂଚନା ଅନୁସାରେ, ଗତ ୨୭ ତାରିଖ ଦିନ ଆଶ୍ରିତ ମହାରଣା ନାମକ ଜଣେ ବ୍ୟକ୍ତି ୨୫ ହଜାର ଟଙ୍କା ଚୋରିର ଶିକାର ହୋଇଥିବା ନୟାପଲ୍ଲୀ ଥାନାରେ ଅଭିଯୋଗ କରିଥିଲେ । ଆଶ୍ରିତ ମୋ ବସ୍‌ରୁ ଓହ୍ଲାଇବା ସମୟରେ କିଛି ମହିଳା ବସ୍‌ରେ ତାଙ୍କୁ ଘେରି ଯାଇଥିଲେ । ଆଶ୍ରିତ ବସ୍ ଭିତରୁ ବାହାରିବା ବେଳେ ସେହି ମହିଳାମାନେ କୌଶଳ କରି ତାଙ୍କ ବ୍ୟାଗରୁ ୨୫ ହଜାର ଟଙ୍କା ଚୋରିକରି ନେଇ ଯାଇଥିଲେ । ଅଭଯୋଗ ଆଧାରରେ ନୟାପଲ୍ଲୀ ଥାନା ପୁଲିସ ତଦନ୍ତ ଆରମ୍ଭ କରିଥିଲା । ରାଜ୍ୟ ବାହାରର ଚୋରଙ୍କର ସଂପୃକ୍ତି ଥିବା ପୁଲିସ ଜାଣିବାକୁ ପାଇଥିଲା । ସେମାନେ ଗୋଟିଏ ଗ୍ରୁପ୍ କରି ମୋ ବସ୍‌ରେ ଭିଡ଼ କରନ୍ତି । ଏହାର ଫାଇଦା ନେଇ ଯାତ୍ରୀଙ୍କର ମୋବାଇଲ ଓ ଟଙ୍କା ଧରି ଓହ୍ଲାଇ ଯାଆନ୍ତି । ଗିରଫ ହୋଇଥିବା ମହିଳାମାନେ ତଦନ୍ତ ବେଳେ ପୁଲିସ ଆଗରେ ସବୁ ସତ ମାନିଛନ୍ତି । ଗିରଫ ୩ ମହିଳାଙ୍କ ନାଁରେ ପୂର୍ବରୁ କ'ଣ ମାମଲା ରହିଛି ଅଧିକ ଖୋଳତାଡ଼ କରୁଛି ନୟାପଲ୍ଲୀ ଥାନା ପୁଲିସ ।

ପ୍ରକାଶ ଅପେକ୍ଷାରେ...
'କଥାକଳିକା': ଅଗଷ୍ଟ ସଂଖ୍ୟା-୨୦୨୪



ଏଥର ସଂଖ୍ୟାରେ...
ସ୍ମରଣୀୟ କଥା : ପେଟପାଟଣା-ଗଙ୍ଗାଧର ବିଶ୍ୱାଳ
ସମକାଳର କଥା : ସୁଖ ସହ ସାମ୍ନା ସାମ୍ନି-ସୁଷମା ପରିଜା, ମହିଷ ମର୍ଦ୍ଦିନୀ-ମନୋଜ କୁମାର ଜେନା, ରୂପାନ୍ତର-ସ୍ମୃତି ପଟ୍ଟନାୟକ, ତୁଳସୀ-ସତ୍ୟରଞ୍ଜନ ସାହୁ ।
ଅନ୍ୟ ଭାଷାର କଥା : ଭୋଟର ସାବିତ୍ରୀ- ଅଶୋକ କୁମାର ସା
ଯୁବ ମାନସର କଥା : ଗୋଟିଏ ଦହିତ ଦୁର୍ଗର କାହାଣୀ, କ୍ଷୀରୋଦ ବିହାରୀ ବିଶ୍ୱାଳ, ଚୋରଣୀ- ପଦ୍ମାଳୟା ପାଢୀ, କ'ଣ ଖୋଜୁଛ- ସବିତାରାଣୀ ବେହେରା, ମୃତ୍ୟୁ ସମ୍ବାଦ-ଆନନ୍ଦ କୁମାର ମାଇତି, ଗ୍ରହଣ-ସ୍ନିଗ୍ଧା ନାୟକ, ଭୁଲ କାହାର-ପ୍ରଜ୍ଞା ମହାନ୍ତି ।
ଏବଂ ଶେଷରେ କଥା ସାଗର : ଅନନ୍ୟନାରୀ ଚିତ୍ରପଟ୍ଟ-ଅଶୋକ ବିଶ୍ୱାଳ ।

(ଗାଳ୍ପିକମାନଙ୍କୁ ଅନୁରୋଧ ସେମାନଙ୍କର ଗଳ୍ପ ପରିଚ୍ଛନ୍ନ ଭାବେ ଡିଟିପି କରି ସଂପୂର୍ଣ୍ଣ ଠିକଣା ସହ ମେଲ୍‌ରେ ପଠାଇବାକୁ ହେବ)

ଯୋଗାଯୋଗ କରନ୍ତୁ
ପ୍ରସାର ପରିଚାଳକ 'କଥାକଳିକା'
କୋଡ୍ ନଂ - (୦୬୭୪)
୨୫୪୧୪୪୮, ୨୫୪୫୦୪୬,
ଫାକ୍ସ : ୨୫୪୫୬୬୮
E-mail: kathakalika@gmail.com

ପୃଷ୍ଠା-୬୮ ଏ ସଂଖ୍ୟାର ମୂଲ୍ୟ ୩୦ ଟଙ୍କା ମାତ୍ର ।
'ସମ୍ବାଦ କଳିକା'ର ସ୍ଥାନୀୟ ପ୍ରତିନିଧି/ଏଜେଣ୍ଟ/ପତ୍ରିକା ଷ୍ଟଲଙ୍କ ସହ ଯୋଗାଯୋଗ କରନ୍ତୁ ।
କଥା କଳିକାର ବାର୍ଷିକ ଗ୍ରାହକ ଦେୟ ଟ.୫୦୦/- (୨ଟି ବିଶେଷ ସଂଖ୍ୟା ସହ)

ମହାପ୍ରଭୁଙ୍କ ରତ୍ନଅଳଙ୍କାର ଗଣତି-ମଣତି ନେଇ ଦ୍ୱନ୍ଦ୍ୱ ବଢାଉଛି ଅଧିକାରୀଙ୍କ ବୟାନ

ପୁରୀ, ୨୮/୭ ନ୍ୟୁଜ ବ୍ୟୁରୋ

ବାହାର ରତ୍ନଭଣ୍ଡାର ଅଳଙ୍କାର ସ୍ଥାନାନ୍ତର ହେବାର ଇତିମଧ୍ୟରେ ୧୩ ଦିନ ହେଲାଣି । ସେହିପରି ଭିତର ରତ୍ନଭଣ୍ଡାର ଖୋଲାଯାଇ ମହାପ୍ରଭୁଙ୍କ ଦୁର୍ମୂଲ୍ୟ ରତ୍ନ ଅଳଙ୍କାର ସ୍ଥାନାନ୍ତରକୁ ୯ ଦିନ ବିତିଲାଣି । ହେଲେ ଏହି ସମୟ ମଧ୍ୟରେ ରତ୍ନଭଣ୍ଡାର ଏବଂ ରତ୍ନ ଅଳଙ୍କାରକୁ ନେଇ ନାନା ପ୍ରକାର ଚର୍ଚ୍ଚା, ଆଲୋଚନା ହେଉଛି । ଯେଉଁ ଚର୍ଚ୍ଚା ଏବେ ବି ଥମିନି । କାରଣ ବିଭିନ୍ନ ସମୟରେ ବାବୁମାନଙ୍କ ବୟାନ ଜଗନ୍ନାଥପ୍ରେମୀଙ୍କ ମନରେ ଦ୍ୱନ୍ଦ୍ୱ ବଢ଼ାଉଛି । ସମସ୍ତଙ୍କ ମନରେ ଗୋଟିଏ ପ୍ରଶ୍ନ ଏବେ ଗଣନା କରିବାରେ ଅସୁବିଧା କେଉଁଠି ? ସରକାରଙ୍କ ଏସ୍‌ଓପି ଆଧାରରେ ଅଳଙ୍କାର ଅସ୍ଥାୟୀ ରତ୍ନଭଣ୍ଡାର ବା ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର ହୋଇଛି । ପୂର୍ବାପେକ୍ଷା ଏହି ଅସ୍ଥାୟୀ ରତ୍ନଭଣ୍ଡାର ଅଧିକ ସୁରକ୍ଷା ବଳୟରେ ରହିଥିବା କୁହାଯାଉଛି । ତେବେ ଗଣନା ନ କରି ଲୋକଙ୍କ ମନରେ ମହାପ୍ରଭୁଙ୍କର ରତ୍ନଅଳଙ୍କାରକୁ ନେଇ କାହିଁକି ଦ୍ୱନ୍ଦ୍ୱ ବଢ଼ାଯାଉଛି ବୋଲି ଏବେ ଭକ୍ତଙ୍କ ମହଲରେ ଚର୍ଚ୍ଚା ହେଉଛି । ପୂର୍ବ ନିର୍ଦ୍ଧାରିତ ତାରିଖ ଅନୁଯାୟୀ, ଜୁଲାଇ ୧୪ ତାରିଖରେ ରତ୍ନଭଣ୍ଡାର ଖୋଲିଥିଲା । ସେଦିନ ବାହାର ରତ୍ନଭଣ୍ଡାର ଖୋଲାଯାଇ ସମସ୍ତ ଅଳଙ୍କାର ଚାଙ୍ଗଡ଼ାଘର ଏବଂ ଫୁଲ ଘରେ ପ୍ରସ୍ତୁତ ଅସ୍ଥାୟୀ ବାହାର ଭଣ୍ଡାର ବା ଷ୍ଟ୍ରଙ୍ଗରୁମ୍‌ରେ ରଖାଯାଇଥିଲା । ଅଧିକୃତ ୧୧ ଜଣିଆ ସଦସ୍ୟ ଏହି ପ୍ରକ୍ରିୟା ଶେଷ କରିବା ପରେ ଭିତର ରତ୍ନଭଣ୍ଡାର ଖୋଲିଥିଲେ । ଭିତର ଭଣ୍ଡାର ଘରର ତାଲା ନ ଫିଟିବାରୁ ଏହାକୁ ଭାଙ୍ଗିଥିଲେ । ତେବେ ସେଦିନ ଭିତର ରତ୍ନଭଣ୍ଡାର ଅଳଙ୍କାର ସ୍ଥାନାନ୍ତର ସମ୍ଭବ ହୋଇ ନ ଥିଲା । ପୁନଶ୍ଚ ଏକ ବୈଠକ ବସି ୧୮ ତାରିଖରେ ଭିତର ରତ୍ନଭଣ୍ଡାର ଖୋଲାଯାଇ ମହାପ୍ରଭୁଙ୍କ ଅଳଙ୍କାର ଏବଂ ଅନ୍ୟ ସାମଗ୍ରୀ ଖଟଶେଜ ଘରେ ପ୍ରସ୍ତୁତ ଅସ୍ଥାୟୀ ଭିତର ଭଣ୍ଡାର ବା ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର କରାଯାଇଥିଲା । ତେବେ ଭିତର ରତ୍ନଭଣ୍ଡାରର ଅଳଙ୍କାର ସ୍ଥାନାନ୍ତର ହେବା ପରେ ବିଭିନ୍ନ ଗଣମାଧ୍ୟମରେ ଏହାକୁ ନେଇ ନାନା ପ୍ରକାର ଖବର ପ୍ରକାଶ କରାଯାଉଛି, ଯାହାକି ଭକ୍ତଙ୍କ ମନରେ ମହାପ୍ରଭୁଙ୍କ ରତ୍ନ ଅଳଙ୍କାରକୁ ନେଇ ଦ୍ୱନ୍ଦ୍ୱ ବଢ଼ିଛି । ଆଉ ଏହି ଦ୍ୱନ୍ଦ୍ୱ ବଢ଼ିବାର କେତେକ କାରଣ ବି ରହିଛି । ରତ୍ନଭଣ୍ଡାର ଖୋଲାଯିବା ପାଇଁ ରାଜ୍ୟ ସରକାର ଯେଉଁ ଏସ୍‌ଓପି ପ୍ରସ୍ତୁତ କରିଛନ୍ତି ତାହାକୁ ସାର୍ବଜନୀନ କରାଗଲା ନାହିଁ । ଅଧିକୃତ କମିଟି ଏସ୍‌ଓପିକୁ ସର୍ବସାଧାରଣରେ ଅବଗତ କରାଇବା ଲାଗି ସରକାରଙ୍କର କୌଣସି ନିର୍ଦ୍ଦେଶ ନାହିଁ ବୋଲି ମତ ରଖିଥିଲେ । ଜୁଲାଇ ୧୪ ତାରିଖରେ ବାହାର ଭଣ୍ଡାର ଖୋଲିବା ପରେ ଅଧିକୃତ ବ୍ୟକ୍ତି ଗଣମାଧ୍ୟମ ସମ୍ମୁଖରେ ପ୍ରତିକ୍ରିୟା ରଖି କହିଥିଲେ ଯେ, ନୀଳାଦ୍ରି ବିଜେ ପରେ ପରିଚାଳନା କମିଟି, ରତ୍ନଭଣ୍ଡାର ଯାଞ୍ଚ କମିଟି ଏବଂ ରାଜ୍ୟ ସରକାରଙ୍କ ପରାମର୍ଶ କ୍ରମେ ଭିତର ରତ୍ନଭଣ୍ଡାର ଖୋଲାଯିବା ଲାଗି ଆଉ ଗୋଟିଏ ଦିନ ଧାର୍ଯ୍ୟ କରାଯିବ । ସେହି ତାରିଖରେ ଭିତର ରତ୍ନଭଣ୍ଡାର ଖୋଲିବା ପରେ ସେଠାରେ

ଥିବା ରତ୍ନଅଳଙ୍କାର ସବୁ ଅସ୍ଥାୟୀ ଷ୍ଟ୍ରଙ୍ଗରୁମ୍‌କୁ ସ୍ଥାନାନ୍ତର ହେବ । ଏହାପରେ ଏଏସ୍‌ଆଇ ଭିତର ରତ୍ନଭଣ୍ଡାରର ରକ୍ଷଣାବେକ୍ଷଣ କରିବ । ହେଲେ ହଠାତ୍ ନିଷ୍ପତ୍ତି ବଦଳିଗଲା । ନୀଳାଦ୍ରି ବିଜେର ଦୁଇଦିନ ପୂର୍ବରୁ ୧୭ ତାରିଖରେ ବୈଠକ ବସି ୧୮ ତାରିଖରେ ଭିତର ରତ୍ନଭଣ୍ଡାର ଖୋଲିବା ପାଇଁ ଚୂଡ଼ାନ୍ତ ହେଲା । ୧୮ ତାରିଖରେ ଭିତର ଭଣ୍ଡାର ଖୋଲାଯାଇ ଅଳଙ୍କାର ସବୁ ଖଟଶେଜ ଘରକୁ ସ୍ଥାନାନ୍ତର କରାଗଲା । ତେବେ ୧୪ ତାରିଖରେ ଅଧିକୃତ ବ୍ୟକ୍ତି ରତ୍ନଭଣ୍ଡାର ସମ୍ପର୍କରେ କିଛି ପ୍ରଘଟ କରିବେ ନାହିଁ । ଅଧିକୃତ ବ୍ୟକ୍ତି ଯାହା ଦେଖିଲେ ତାହା ସେମାନଙ୍କ ମନ ଭିତରେ ରହିବ ବୋଲି କୁହାଗଲା । ହେଲେ ଏହା ପରଠାରୁ ରତ୍ନଭଣ୍ଡାରକୁ ନେଇ ନାନା ପ୍ରକାର ମତମନ୍ତବ୍ୟ ଗଣମାଧ୍ୟମରେ ଶୁଣିବାକୁ ମିଳୁଛି । ଅଧିକୃତ ବ୍ୟକ୍ତି ରଖିଥିବା ବୟାନକୁ ନେଇ ଭକ୍ତମାନଙ୍କ ମନରେ ବି ସନ୍ଦେହ ହେଲାଣି । ଭଣ୍ଡାର ଘର ଚାବି, ତାଲା, ଖୋଲା, ସିଲ୍ ଏ ସବୁକୁ ନେଇ ଯେଉଁଭଳି ଭାବେ ଚର୍ଚ୍ଚା, ଆଲୋଚନା ହେଉଛି ଯେକେହି ଦ୍ୱନ୍ଦ୍ୱରେ ପଡ଼ିବା ବି ସ୍ୱାଭାବିକ । ଯଦି ରତ୍ନଭଣ୍ଡାର ଖୋଲାଯିବା ନେଇ ପ୍ରସ୍ତୁତ ଏସ୍‌ଓପି ଜନସାଧାରଣଙ୍କର ଜାଣିବାର ଅଧିକାର ନାହିଁ ତା'ହେଲେ ବୟାନରେ ଭିନ୍ନତା କାହିଁକି ବୋଲି ପ୍ରଶ୍ନ କରିଛନ୍ତି ନୟାଗଡ଼ର ଶୁଭେନ୍ଦୁ ମହାନ୍ତି । ସେହିପରି ଅନ୍ୟଜଣେ ଶ୍ରଦ୍ଧାଳୁ ବାରିପଦାର କାର୍ତ୍ତିକ ପଣ୍ଡା କହିଛନ୍ତି, ଏବେ ଯେଉଁଠିକୁ ଠାକୁରଙ୍କର ଅଳଙ୍କାର ସ୍ଥାନାନ୍ତର କରାଯାଇଛି ତାହା ୨୪ ଘଣ୍ଟିଆ ସୁରକ୍ଷା ବଳୟ ଏବଂ ସିସିଟିଭି ନଜରରେ ରହିଛି । ତେଣୁ ସେଠାରେ ଗଣତି ମଣତି ହେବାରେ ଅସୁବିଧା ରହିଲା କେଉଁଠି ? ଗଣମାଧ୍ୟମରେ ଅଧିକୃତ ବ୍ୟକ୍ତି ଯେଉଁ ବୟାନ ଦେଉଛନ୍ତି ତାହା ସାଧାରଣ ଲୋକଙ୍କ ମନରେ ସନ୍ଦେହ ଆସିବା ସ୍ୱାଭାବିକ । ତେଣୁ ଗଣତି ମଣତି କରି ଏହି ସନ୍ଦେହ ଦୂର କରାଯିବା ଦରକାର । ପୂର୍ବରୁ ୧୯୭୮ରେ ଗଣତି ମଣତି ପାଇଁ ୭୧ ଦିନ ସମୟ ଲାଗିଥିବା କୁହାଯାଉଛି । ଏବେ ଅତ୍ୟାଧୁନିକ ଜ୍ଞାନ କୌଶଳ ଉପଯୋଗ ହେଲେ ଆହୁରି ଶୀଘ୍ର ଶେଷ ହେବ । ତାହା ନ କରି ରତ୍ନଭଣ୍ଡାର ମରାମତି ପରେ ପୁଣି ସେଠାକୁ ଅଳଙ୍କାର ସ୍ଥାନାନ୍ତର ହୋଇ ଗଣତି କରାଯିବ ବୋଲି ଅଧିକାରୀ ଯାହା କହୁଛନ୍ତି ତାହା ମୋ ଭଳି ଅନ୍ୟମାନଙ୍କ ମନରେ ଦ୍ୱନ୍ଦ୍ୱ ବଢ଼ାଉଛି ବୋଲି କହିଛନ୍ତି ଶ୍ରୀ ପଣ୍ଡା ।